SEPTEMBER 02, 2026
WEDNESDAY, BHUBANESWAR

ସେପ୍ଟେମ୍ବର ୦୨, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 356 ବର୍ଷ- ୧ ● ସଂଖ୍ୟା- ୩୫୬ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ଲୋକକଳାକାର

‘କଳା ଓ ପରମ୍ପରାର ଶ୍ରେଷ୍ଠତା ପ୍ରତିପାଦନ ପରାମର୍ଶ’



ରାଜଭବନରେ ଓଡ଼ିଶାର ପାରମ୍ପରିକ କଳା ଓ ସଂସ୍କୃତିର ପ୍ରଶଂସା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଛତ୍ରପୁର, ୦୧/୦୯: ଗଞ୍ଜାମ ଜିଲ୍ଲାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାକୁ ନେଇ ୫ଟି ପ୍ରମୁଖ ସାଂସ୍କୃତିକ ଦଳର ୯୦ରୁ ଊର୍ଦ୍ଧ୍ୱ ଲୋକକଳାକାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଏହି କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା’ ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର କଳାକାରମାନେ ଏଥିରେ ସାମିଲ ହୋଇଥିଲେ। ନିକଟରେ ରାଷ୍ଟ୍ରପତି ଗଞ୍ଜାମ ଗସ୍ତ କରିଥିବା ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଏହି ଲୋକକଳାକାରମାନେ ଆଦିବାସୀ ଓ ପାରମ୍ପରିକ ଲୋକନୃତ୍ୟ, ସଙ୍ଗୀତ ଓ କଳା ପରିବେଷଣ କରିଥିଲେ। ସେମାନଙ୍କ ଆକର୍ଷଣୀୟ ପ୍ରଦର୍ଶନରେ ଅଭିଭୂତ ହୋଇ ରାଷ୍ଟ୍ରପତି କଳାକାରମାନଙ୍କୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରିଥିଲେ। ରାଷ୍ଟ୍ରପତି କଳାକାରମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ ପୂର୍ବପୁରୁଷଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ପାଠପଢ଼ା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବା ଉଚିତ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସାବଲମ୍ବୀ ହେବା ସହ ପରିବାରର ସୁନାମ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରପତି ଭବନ ପରିଦର୍ଶନ ଓ ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଭାବ ବିନିମୟ କଳାକାରମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ପାଲଟିଛି। ଏଥିସହ ଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ମଧ୍ୟ ସେମାନେ ପାଇଛନ୍ତି। ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି। ଏହି ପ୍ରତିନିଧି ଦଳ ସହ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ।

ମହିଳା ସୁରକ୍ଷା ଓ ସଶକ୍ତୀକରଣ ସୁଦୃଢ଼ ଲକ୍ଷ୍ୟ



- ଭୁବନେଶ୍ୱରରେ ଅନୁଷ୍ଠିତ ‘ଶକ୍ତି ସମ୍ମିଳନୀ ଏକାଠି ୨୨ ରାଜ୍ୟରେ ସମନ୍ୱିତ ରଣନୀତି ଉପରେ ଗୁରୁତ୍ୱ
- ଯୋଗ ଦେଲେ କେନ୍ଦ୍ରଶାସିତ ଅଞ୍ଚଳର ୨୯ ଅଧିକାରୀ
- ଓଡ଼ିଶାରୁ ନେତୃତ୍ୱ ନେଲେ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୧/୯: ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ସଶକ୍ତୀକରଣକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ମଙ୍ଗଳବାର ‘ଶକ୍ତି ସମ୍ମିଳନୀ’ ଆୟୋଜିତ ହୋଇଛି। ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ) ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୯ ଜଣ ବରିଷ୍ଠ ଅଧିକାରୀ ଯୋଗଦେଇ ମହିଳା ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ ଯେ ମହିଳା ସୁରକ୍ଷା ଓ ସଶକ୍ତୀକରଣକୁ ପୃଥକ୍ ଭାବେ ଦେଖାଯାଇପାରିବ ନାହିଁ। ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଓ ସାମୂହିକ ଉତ୍ତରଦାୟିତ୍ୱ ମାଧ୍ୟମରେ ଏହି ଦୁଇଟି କ୍ଷେତ୍ରକୁ ସମାନ୍ତରାଳ ଭାବେ ଆଗେଇ ନେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ପରସ୍ପରର ସଫଳ ପଦକ୍ଷେପରୁ ଶିକ୍ଷା ଗ୍ରହଣ କରିବା ସହ ସମନ୍ୱୟ ବୃଦ୍ଧି କରିବା ଆବଶ୍ୟକ। ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସମାନ ସୁଯୋଗ ସହ ଜୀବନଯାପନ କରିପାରିବେ, ସେଥିପାଇଁ ଏକ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସଫଳ ପଦକ୍ଷେପ ଆଦାନପ୍ରଦାନ, ମହିଳା ସୁରକ୍ଷା କ୍ଷେତ୍ରରେ ରହିଥିବା ଅଭାବ ଚିହ୍ନଟ ଏବଂ ନୂଆ ଆହ୍ୱାନର ମୁକାବିଲା ପାଇଁ ☞ପୃଷ୍ଠା-୨

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା

କୃଷି ମନ୍ତ୍ରୀଙ୍କ ଦ୍ୱାରା ଅଗ୍ରଗତି ସମୀକ୍ଷା



- ଜାନୁଆରୀରୁ ଜୁଲାଇ ୨୦୨୬ ମଧ୍ୟରେ ୬,୯୦,୫୩୦ ଜଣ ଚାଷୀଙ୍କୁ ତାଲିମ
- ଚାଷୀମାନଙ୍କୁ ପ୍ରକୃତ ଲାଭ ପହଞ୍ଚାଇବା ଉପରେ ଗୁରୁତ୍ୱ
- ହିତାଧିକାରୀ-ସ୍ତରୀୟ ପ୍ରଗତିକୁ ଟ୍ରାକ୍ ପାଇଁ ନୂତନ ମଡ୍ୟୁଲ୍ କାର୍ଯ୍ୟକାରୀ

ନୂଆଦିଲ୍ଲୀ, ୦୧/୦୯ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ‘ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା’ (ପିଏମ-ଡିଡିକେଓ୍ୱାଇ)ର ସମୀକ୍ଷା କରିଛନ୍ତି। ଏହି ବୈଠକରେ ୧୦୦ଟି ଚିହ୍ନଟ ଜିଲ୍ଲାରେ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଚାଷୀମାନଙ୍କୁ ପ୍ରକୃତ ଲାଭ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସମୀକ୍ଷା ସମୟରେ, ମନ୍ତ୍ରୀଙ୍କୁ ଯୋଜନାର ଡ୍ୟାସବୋର୍ଡ ମାଧ୍ୟମରେ ପିଏମ-ଡିଡିକେଓ୍ୱାଇର ଅଗ୍ରଗତି ବିଷୟରେ ଅବଗତ କରାଯାଇଥିଲା। ଏଥିରେ ଜିଲ୍ଲା ଓ୍ୱାରୀ କାର୍ଯ୍ୟଦକ୍ଷତା, ଜିଲ୍ଲା କାର୍ଯ୍ୟ ଯୋଜନା, କେନ୍ଦ୍ରୀୟ ନୋଡାଲ ଅଧିକାରୀ (ସିଏନଓ) ଙ୍କ ଦ୍ୱାରା କ୍ଷେତ୍ର ତଦାରଖ, ଆର୍ଥିକ ପ୍ରଗତି, କ୍ଷମତା ନିର୍ମାଣ, ଯୋଜନାଗୁଡ଼ିକର ସମନ୍ୱୟ ଏବଂ ଲାଭାର୍ଥୀ-ସ୍ତରୀୟ ଫଳାଫଳକୁ ଟ୍ରାକ୍ କରିବା ପାଇଁ ବିକଶିତ କରାଯାଉଥିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା। କମ୍ କୃଷି ଉତ୍ପାଦକତା, କମ୍ ଫସଲ ଘନତା ଏବଂ କମ୍ କୃଷି ଋଣ ବଣ୍ଟନ ଆଧାରରେ ଚିହ୍ନଟ ହୋଇଥିବା ୧୦୦ଟି ଜିଲ୍ଲାରେ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପିଏମ-ଡିଡିକେଓ୍ୱାଇର ଲକ୍ଷ୍ୟ। ଏହି ଯୋଜନା ଛଅଟି ପ୍ରମୁଖ ଉଦ୍ଦେଶ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ଯଥା : କୃଷି ଉତ୍ପାଦକତା ବୃଦ୍ଧି। ଫସଲ ବିବିଧତା ଓ ଦୀର୍ଘସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହନ। ଅମଳ ପରବର୍ତ୍ତୀ ସଂରକ୍ଷଣ କ୍ଷମତା ବୃଦ୍ଧି। ଜଳସେଚନ ଭିତ୍ତିଭୂମିରେ ଉନ୍ନତି। କ୍ଷୁଦ୍ର ଓ ଦୀର୍ଘକାଳୀନ କୃଷି ଋଣକୁ ଅଧିକ ସୁଲଭ କରିବାଚ୍ଚ ଏବଂ ଶାସନ ଓ ସେବା ପ୍ରଦାନରେ ☞ପୃଷ୍ଠା-୨

ଲୋକଭବନକୁ ଦେଶର ପ୍ରଥମ ପ୍ଲାଟିନମ୍ ଗ୍ରିନ୍ କ୍ୟାମ୍ପସ ମାନ୍ୟତା

ଗ୍ରିନ୍ ସାର୍ଟିଫିକେସନ ପାଇଁ ବିଶ୍ୱବିଦ୍ୟାଳୟକୁ ରାଜ୍ୟପାଳଙ୍କ ଆହ୍ୱାନ



- ପ୍ରାୟ ୮୦ ପ୍ରତିଶତ ଅଞ୍ଚଳ ସବୁଜିମାରେ ଆବୃତ
- ସମସ୍ତ ଗାଡ଼ିକୁ ଇଲେକ୍ଟ୍ରିକ୍ ଯାନରେ ରୂପାନ୍ତରିତ

ଭୁବନେଶ୍ୱର, ୦୧/୦୯ : ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶର ଏକ ଅନନ୍ୟ ମାଇଲଖୁଣ୍ଟ ସ୍ଥାପନ କରି ଓଡ଼ିଶାର ରାଜଭବନ (ଲୋକଭବନ) ଇଣ୍ଡିଆନ ଗ୍ରିନ୍ ବିଲ୍ଡିଂ କାଉନ୍‌ସିଲ୍ (ଆଇଜିବିସି) ପକ୍ଷରୁ ସର୍ବୋଚ୍ଚ ‘ପ୍ଲାଟିନମ୍ ଗ୍ରିନ୍ କ୍ୟାମ୍ପସ’ ମାନ୍ୟତା ଅର୍ଜନ କରିଛି। ଦେଶର ପ୍ରଥମ ଲୋକଭବନ ଭାବେ ଏହି ଗୌରବ ଅର୍ଜନ କରିଥିବା ଏହି ପରିସର ଅକ୍ଷୟ ଶକ୍ତି, ଜଳ ସଂରକ୍ଷଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି ଅକ୍ଷୟ ଶକ୍ତି ବ୍ୟବହାର, ଜଳ ସଂରକ୍ଷଣ, ଜୈବବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଓ ସଚ୍ଛ ଗମନାଗମନ ଆଦି କ୍ଷେତ୍ରରେ ଲୋକଭବନ ୧୦୦ରୁ ୮୮ ସ୍କୋର ହାସଲ କରିଛି। ଏହା ରାଜ୍ୟର ପ୍ରଥମ ସରକାରୀ ପରିସର ଭାବେ ଏହି ମାନ୍ୟତା ପାଇଛି। ଦେଶର ପ୍ରଥମ ଲୋକଭବନ ଭାବେ ଏହାକୁ ଆଇଜିବିସିର ସର୍ବୋଚ୍ଚ ସାର୍ଟିଫିକେସନ ମିଳିଥିବା ରାଜ୍ୟପାଳ କହିଛନ୍ତି। ଲୋକଭବନର ପ୍ରାୟ ୮୦ ପ୍ରତିଶତ ଅଞ୍ଚଳ ସବୁଜିମାରେ ଆବୃତ ରହିଛି। ଏଠାରେ ୭୨ ପ୍ରଜାତିର ୨,୩୭୪ଟି ବୃକ୍ଷ ରହିଛି। ଉନ୍ନତ ଜଳ ପରିଚାଳନା ବ୍ୟବସ୍ଥା ଯୋଗୁଁ ଜଳ ଆହରଣ ୩୫ ପ୍ରତିଶତ ହ୍ରାସ କରାଯାଇପାରିଛି। ଏଠାରେ ୬୩୫ କେଡବ୍ଲ୍ୟୁପିର ସୌର ପିଭି ବ୍ୟବସ୍ଥା ରହିଛି। ବିଦ୍ୟୁତ୍ ବ୍ୟବହାର ହ୍ରାସ ପାଇଁ ଏଲ୍‌ଇଡି ଲାଇଟ୍ ଓ ସ୍ମାର୍ଟ ସମୟ ଆଧାରିତ ବ୍ୟବସ୍ଥା ବ୍ୟବହାର କରାଯାଉଛି। ଲୋକଭବନର ସମସ୍ତ ଗାଡ଼ି ଇଭି ହୋଇଥିବା ବେଳେ ବର୍ଜ୍ୟବସ୍ତୁ ପୃଥକୀକରଣ ☞ପୃଷ୍ଠା-୨

ଆୟୁଷ୍ମାନରେ ମିଶିବନି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା

ପୂର୍ବପରି ସାୟାଦିକଙ୍କୁ ମିଳିବ ସୁବିଧା

ଭୁବନେଶ୍ୱର, ୦୧/୦୯ : ଆୟୁଷ୍ମାନ ଭାରତ ଯୋଜନାରେ ମିଶିବ ନାହିଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା। ପୂର୍ବପରି ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରହିବେ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟତା ମିଳିବା ପରେ ସାମ୍ବାଦିକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ମିଶାଇବା ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଥିଲା। ତେବେ ଏହି ଦୁଇଟି ଯୋଜନାକୁ ଏକାଠି କରାଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପୂର୍ବରୁ ଅନ୍ତର୍ଭୁକ୍ତ ଥିବା ସାମ୍ବାଦିକମାନେ ଆଗକୁ ମଧ୍ୟ ଏହି ଯୋଜନାର ସୁବିଧା ପାଇପାରିବେ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏହା ସହିତ ଯେଉଁ ସାମ୍ବାଦିକମାନେ ଏପର୍ଯ୍ୟନ୍ତ ଏହି ଯୋଜନାରେ ସାମିଲ ହୋଇନାହାନ୍ତି, କିନ୍ତୁ ନୂଆକରି ଅନ୍ତର୍ଭୁକ୍ତ ହେବାକୁ ଚାହୁଁଛନ୍ତି, ସେମାନେ ନିୟମ ଅନୁଯାୟୀ ଆବେଦନ କରିପାରିବେ। ଯୋଗ୍ୟତା ଆଧାରରେ ସେମାନଙ୍କୁ ଯୋଜନାରେ ସାମିଲ କରାଯିବ। ☞ପୃଷ୍ଠା-୨

ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରାର ନୂଆ ଆଶା

ବାରଣାସୀ-ଅଯୋଧ୍ୟା ଯିବେ ଢେଙ୍କାନାଳର ୧୩୫ ତୀର୍ଥଯାତ୍ରୀ





ଶୁଭେଚ୍ଛା ଜଣାଇଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଢେଙ୍କାନାଳ, ୦୧/୦୯ : ଜୀବନର ସାୟାହ୍ନରେ ମନରେ ଥିବା ତୀର୍ଥଦର୍ଶନର ଇଚ୍ଛା ଏବେ ପୂରଣ ହେବ। ଆର୍ଥିକ ଅସୁବିଧା କିମ୍ବା ବୟସଜନିତ ସମସ୍ୟା ଯୋଗୁଁ ଯେଉଁ ବରିଷ୍ଠ ନାଗରିକମାନେ ଦୀର୍ଘଦିନ ଧରି ଦେଶର ପ୍ରମୁଖ ଧାର୍ମିକସ୍ଥଳୀ ଦର୍ଶନରୁ ବଞ୍ଚିତ ହୋଇଆସୁଥିଲେ, ସେମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ତୀର୍ଥଯାତ୍ରା ଯୋଜନା ଆଶାର ନୂଆ କିରଣ ଆଣିଛି। ଏହି ଯୋଜନା ଅଧୀନରେ ଢେଙ୍କାନାଳ ଜିଲ୍ଲାର ବରିଷ୍ଠ ନାଗରିକମାନେ ଆସନ୍ତା ୨ ତାରିଖରେ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ବାରଣାସୀ ଓ ଅଯୋଧ୍ୟା ଅଭିମୁଖେ ତୀର୍ଥଯାତ୍ରା କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଓଡ଼ିଶା ସରକାର ବରିଷ୍ଠ ନାଗରିକଙ୍କ ଧାର୍ମିକ ଆସ୍ଥା ସହ ସେମାନଙ୍କ ସାମାଜିକ ଓ ଆର୍ଥିକ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ତୀର୍ଥଯାତ୍ରାର ସୁଯୋଗ ଦେଉଛନ୍ତି। ଏହା କେବଳ ଏକ ଯାତ୍ରା ନୁହେଁ, ବରଂ ଜୀବନର ଏକ ଅପୂରଣୀୟ ସପ୍ନକୁ ସାକାର କରିବାର ଅବସର ବୋଲି କୁହାଯାଇପାରେ।

ଏହି ଯାତ୍ରା ପୂର୍ବରୁ ମଙ୍ଗଳବାର ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାତ୍ରୀମାନଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ମଙ୍ଗଳମୟ ଯାତ୍ରା କାମନା କରିଥିଲେ। ବରିଷ୍ଠ ନାଗରିକଙ୍କ ମୁହଁରେ ତୀର୍ଥଦର୍ଶନର ଉତ୍ସାହ ଦେଖି ମନ୍ତ୍ରୀ ଶ୍ରୀ ପାତ୍ର ସେମାନଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ଯାତ୍ରା ସମୟରେ ସମସ୍ତ ଯାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସୁବିଧା ପ୍ରତି ବିଶେଷ ଧ୍ୟାନ ଦେବାକୁ ସେ ଏସ୍କର୍ଟ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତେ ଯେପରି ସୁରୁଖୁରୁରେ ତୀର୍ଥଯାତ୍ରା ସମାପ୍ତ କରି ସୁସ୍ଥ ଭାବେ ଫେରିଆସନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଶ୍ରୀ ଆଶିଷ ଇଶ୍ୱର ପାଟିଲ ଏବଂ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଦୀପ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ।



ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲ୍ଲାରୁ ଏଥର ୪୮ ଜଣ ଦମ୍ପତି ଅର୍ଥାତ୍ ୯୬ ଜଣ, ୩୯ ଜଣ ଏକକ ଯାତ୍ରୀ, ୨ ଜଣ ସହାୟକ ଓ ୩ ଜଣ ଏସ୍କର୍ଟ ଅଫିସର ତୀର୍ଥଯାତ୍ରାରେ ସାମିଲ ହେଉଛନ୍ତି। ମୋଟ ଯାତ୍ରୀ ଓ ସହଯାତ୍ରୀମାନେ ଦୁଇଟି ବସ୍‌ରେ ଭୁବନେଶ୍ୱରରେ ପହଞ୍ଚିବେ। ସେଠାରୁ ସେପ୍ଟେମ୍ବର ୨ ତାରିଖରେ ଟ୍ରେନ୍ ଯୋଗେ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ବାରଣାସୀର ପବିତ୍ର ଗଙ୍ଗାତଟରୁ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ଏହି ଯାତ୍ରା ବରିଷ୍ଠ ନାଗରିକଙ୍କ ପାଇଁ ଆଧ୍ୟାତ୍ମିକ ଅନୁଭବ ସହ ଏକ ସ୍ମରଣୀୟ ଯାତ୍ରା ହେବ। ଜୀବନର ଦୀର୍ଘ ଅନୁଭବ ସହ ଧାର୍ମିକ ଆସ୍ଥାକୁ ଯୋଡ଼ି ଏହି ଯାତ୍ରା ସେମାନଙ୍କ ମନରେ ନୂଆ ଆନନ୍ଦ ଓ ଆତ୍ମସନ୍ତୋଷ ଭରିଦେବ ବୋଲି ଆଶା କରାଯାଉଛି। ଆର୍ଥିକ ଦୁର୍ବଳ ଓ ତୀର୍ଥଦର୍ଶନର ଇଚ୍ଛା ରଖୁଥିବା ବରିଷ୍ଠ ନାଗରିକଙ୍କୁ ସୁଯୋଗ ଦେବାର ଏଭଳି ପଦକ୍ଷେପ ସରକାରଙ୍କ ‘ସମସ୍ତଙ୍କ ପାଇଁ ସମ୍ମାନ ଓ ସୁଯୋଗ’ ଭାବନାକୁ ପ୍ରତିଫଳିତ କରୁଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ଏହି ପ୍ରୟାସ ଆଗାମୀ ଦିନରେ ଆହୁରି ବ୍ୟାପକ ହେବ ବୋଲି ଆଶା ରହିଛି।



ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ମହିଳାମାନଙ୍କ ସୁଦୃଢ ପାଇଁକି
ସରକାର କଲେ ଯୋଜନା
ମହିଳା ଆଗକୁ ମାଡ଼ିତ ଚାଲିବେ
ତାଙ୍କୁ ଜମାରୁ ନାହିଁତ ମନା
ସମସ୍ତେ କିଣିବେ ସୁନା
ବ୍ୟାଙ୍କରୁ ଆଣି ଲୋନ ଟଙ୍କା
ସୁଜିବା କଥା କହନା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ମହିଳା ସୁରକ୍ଷା ଓ ସଶକ୍ତୀକରଣ...

ସମନ୍ୱିତ ରଣନୀତି ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ଉଦ୍‌ଘାଟନୀ ସମାରୋହରେ ଏନ୍‌ସିଡବ୍ଲ୍ୟୁ ସଦସ୍ୟ ସଚିବ ସୁଦୀପ ଜୈନ, ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦାର୍ସ୍ତ୍ୱାଲ, ମିଶନ ଶକ୍ତି ସଚିବ ମାନସୀ ନିୟାଲ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ସିକିମ, ତାମିଲନାଡୁ, ତ୍ରିପୁରା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜମ୍ମୁ ଓ କାଶ୍ମୀର, ଚଣ୍ଡୀଗଡ଼ ଓ ତେଲେଙ୍ଗାନାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

ଆୟୁଷ୍ମାନରେ ମିଶିବନି...

ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବପରି ଜାରି ରଖିବା ନିଷ୍ପତ୍ତି ପାଇଁ ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଓୟୁଜେ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି । ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି ଯୋଜନାର ଗୁରୁତ୍ୱ ରହିଛି । ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ସାମ୍ବାଦିକମାନେ ପୂର୍ବପରି ସ୍ୱାସ୍ଥ୍ୟ ବୀମା ସୁବିଧା ପାଇପାରିବେ ବୋଲି ଓୟୁଜେ ପକ୍ଷରୁ କୁହାଯାଇଛି ।

ଲୋକଭବନକୁ ଦେଶର...

ବ୍ୟବସ୍ଥା, କିଚେନ ଗାର୍ଡେନ୍, ଔଷଧୀୟ ଉଦ୍ୟାନ, ଉନ୍ନତ ବାୟୁ ଚଳାଚଳ ଓ ଧୂମପାନ ନିଷେଧ ଜୋନ୍ ରହିଛି । ରାଜ୍ୟପାଳ କହିଛନ୍ତି, ବିଶ୍ୱବିଦ୍ୟାଳୟଗୁଡ଼ିକ ସବୁଜ କ୍ୟାମ୍ପସ ଗଠନ ପାଇଁ ଉଦ୍ୟମ କରିବା ଆବଶ୍ୟକ । ଏଥିସହ ଲୋକସେବା ଭବନକୁ ମଧ୍ୟ ଗ୍ରିନ୍ ସାର୍ଟିଫିକେସନ ମିଳିବା ଦିଗରେ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀ ଗସ୍ତ ସମୟରେ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ରାଜ୍ୟପାଳ କହିଥିଲେ । ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଲ ଦେବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗର ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା ଏବଂ ଆଇଜିବିସି ଅଧ୍ୟକ୍ଷ ସି. ଶେଖର ରେଡ୍ଡି ଉପସ୍ଥିତ ଥିଲେ ।

କୃଷି ମନ୍ତ୍ରୀଙ୍କ ଦ୍ୱାରା...

ଉନ୍ନତି ଆଣିବା । ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ସହିତ ୧୧ଟି ମନ୍ତ୍ରଣାଳୟ ଏବଂ ବିଭାଗର ୩୬ଟି କେନ୍ଦ୍ରୀୟ ଯୋଜନାର ସମନ୍ୱୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ବାର୍ଷିକ ଲକ୍ଷ୍ୟର ପ୍ରଗତି ନିରୀକ୍ଷଣ ପାଇଁ ୩୬ଟି ଯୋଜନାରେ ୭୪ଟି ପରିଣାମ ସୂଚକ ଏବଂ ୪୭ଟି ଫଳାଫଳ ସୂଚକ ସହିତ ମୋଟ ୧୨୧ଟି ସୂଚକ ଚିହ୍ନଟ କରାଯାଇଛି । ପ୍ରତି ମାସରେ ପିଏମ-ଡିଡିକେଓ୍ୱାଇର ଡ୍ୟାସବୋର୍ଡ ମାଧ୍ୟମରେ ଜିଲ୍ଲା ପ୍ରଦର୍ଶନକୁ ସ୍ଥାନିତ କରାଯାଏ । ମୂଳସୀମା ଆଧାରରେ ଫଳାଫଳ ସୂଚକଗୁଡ଼ିକର ପ୍ରଗତି ମୂଲ୍ୟାଙ୍କନ କରାଯାଏ । ଛଅଟି ଉଦ୍ଦେଶ୍ୟ ମଧ୍ୟରେ ୧୦୦ଟି ଜିଲ୍ଲାର ହାରାହାରି ସ୍କୋର ଏପ୍ରିଲ ୨୦୨୬ରେ ୨୨.୫୪ ରୁ ଜୁଲାଇ ୨୦୨୬ରେ ୩୮.୮୫ କୁ ବୃଦ୍ଧି ପାଇଛି, ଅର୍ଥାତ୍ ୧୬.୩୧ ପଏଣ୍ଟର ଉନ୍ନତି ଦେଖିବାକୁ ମିଳିଛି । ସେହିପରି ଲକ୍ଷ୍ୟ ଆଧାରିତ କାର୍ଯ୍ୟଦକ୍ଷତାରେ ମଧ୍ୟ ଏହି ସମୟ ମଧ୍ୟରେ ଉନ୍ନତି ରେକର୍ଡ କରାଯାଇଛି । କୃଷି ଉତ୍ପାଦକତା ପାଇଁ ହାରାହାରି ସ୍କୋର ଏପ୍ରିଲରେ ୨.୫୩ ରୁ ଜୁଲାଇରେ ୬.୭୦ କୁ ବୃଦ୍ଧି ପାଇଛି । ଫସଲ ବିବିଧତା ଏବଂ ଦୀର୍ଘସ୍ଥାୟୀ କୃଷି ପଦ୍ଧତି ୫.୬୦ ରୁ ୮.୬୫ କୁ ବୃଦ୍ଧି ପାଇଛି । ଅମଳ ପରବର୍ତ୍ତୀ ସଂରକ୍ଷଣ କ୍ଷମତା ୨.୬୧ ରୁ ୩.୮୨କୁ ବଢ଼ିଛି । ଜଳସେଚନ ଭିତ୍ତିଭୂମି ୧.୬୫ ରୁ ୪.୨୦ କୁ ବଢ଼ିଥିବା ବେଳେ କୃଷି ଋଣ ଉପଲବ୍ଧତା ୨.୮୧ ରୁ ୫.୫୯ କୁ ବୃଦ୍ଧି ପାଇଛି । ସେହିପରି ଶାସନ ଏବଂ ସେବା ପ୍ରଦାନ ୭.୯୪ ରୁ ୧୦.୩୩ ଅଙ୍କକୁ ଉନ୍ନୀତ ହୋଇଛି । ସମସ୍ତ ୧୦୦ ଜିଲ୍ଲା ସେମାନଙ୍କର ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ଅପଲୋଡ୍ କରିଛନ୍ତି ଏବଂ ସମସ୍ତ ୧୦୦ ଜିଲ୍ଲାର ଡିଏପି ଉପରେ ମତାମତ ପ୍ରଦାନ କରାଯାଇଥିବା ସମୀକ୍ଷାରେ ଉଲ୍ଲେଖ କରାଯାଇଛି । ସମସ୍ତ ଜିଲ୍ଲା ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପରିମାଣ ସୂଚକ ଆଧାରରେ ତଥ୍ୟ ଦାଖଲ କରିଛନ୍ତି । ଅନ୍ୟପଟେ ସମସ୍ତ ୧୦୦ ଜିଲ୍ଲା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଫଳାଫଳ-ସୂଚକ ତଥ୍ୟ ମଧ୍ୟ ଦାଖଲ କରିଛନ୍ତି । ସମୀକ୍ଷା ଏବଂ ତଦାରଖ ପାଇଁ ରାଜ୍ୟ, ଜିଲ୍ଲା ଏବଂ ଜାତୀୟ ସ୍ତରରେ କମିଟି ଗଠନ କରାଯାଇଛି । କେନ୍ଦ୍ରୀୟ ନୋଡାଲ୍ ଅଧିକାରୀମାନେ ମଧ୍ୟ କାର୍ଯ୍ୟକାରିତାର ନିୟମିତ କ୍ଷେତ୍ରସ୍ତରୀୟ ତଦାରଖ କରୁଛନ୍ତି ।ସମୀକ୍ଷାରେ କାର୍ଯ୍ୟକଳାପ ଓ ଖର୍ଚ୍ଚକୁ ଟ୍ରାକିଂ କରିବା ଠାରୁ ଆଗକୁ ଯାଇ ଫଳାଫଳ ଓ ଚାଷୀମାନଙ୍କ ପାଖରେ ପହଞ୍ଚୁଥିବା ପ୍ରକୃତ ଲାଭ ମାପିବା ପାଇଁ ଅନୁଧ୍ୟାନ ବ୍ୟବସ୍ଥାକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପିଏମ-ଡିଡିକେଓ୍ୱାଇ ଡ୍ୟାସବୋର୍ଡର ଆର୍ଥିକ ପ୍ରଗତି ମଡ୍ୟୁଲ୍ ୩୧ ଅଗଷ୍ଟ ରେ କାର୍ଯ୍ୟକାରୀ କରାଯାଇଥିଲା । ହିତାଧିକାରୀ-ସ୍ତରୀୟ ପ୍ରଗତିକୁ ବ୍ୟବସ୍ଥିତ ଭାବରେ କ୍ୟାପଚର କରିବା ପାଇଁ ଏକ ହିତାଧିକାରୀ ପ୍ରଗତି ମଡ୍ୟୁଲ୍ ୨୦୨୬ ସେପ୍ଟେମ୍ବର ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ସୁଦୃଢ଼ ଡ୍ୟାସବୋର୍ଡ ଧନ-ଧାନ୍ୟ ଜିଲ୍ଲାଗୁଡ଼ିକରେ କେନ୍ଦ୍ରୀୟ ଯୋଜନା, ରାଜ୍ୟ ଯୋଜନା ଏବଂ ଅନ୍ୟାନ୍ୟ ଉତ୍ସ ମାଧ୍ୟମରେ କରାଯାଇଥିବା ନିବେଶ ଏବଂ ହସ୍ତକ୍ଷେପର ଏକୀକରଣକୁ ମଧ୍ୟ ସହଜ କରିବ । ଏହା ଚିହ୍ନଟ ଜିଲ୍ଲାଗୁଡ଼ିକରେ ନିୟୋଜିତ ସମ୍ବଳ, ହାତକୁ ନିଆଯାଇଥିବା କାର୍ଯ୍ୟକଳାପ, ଚାଷୀମାନେ ଲାଭବାନ ହୋଇଥିବା ଏବଂ ହାସଲ ହୋଇଥିବା ଫଳାଫଳର ଏକ ବ୍ୟାପକ ମୂଲ୍ୟାଙ୍କନକୁ ସକ୍ଷମ କରିବ । ପିଏମ-ଡିଡିକେଓ୍ୱାଇର କାର୍ଯ୍ୟକାରିତାରେ ଦକ୍ଷତା ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଜାନୁଆରୀରୁ ଜୁଲାଇ ୨୦୨୬ ମଧ୍ୟରେ, ମୋଟ ୬,୯୦,୫୩୦ ଜଣ ଚାଷୀ ଏବଂ ୮୮,୯୬୧ ଜଣ ସମ୍ପ୍ରସାରଣ କର୍ମୀଙ୍କୁ ବିଭିନ୍ନ କୌଶଳରେ ତାଲିମ ଦିଆଯାଇଥିଲା । ଏହା ସହିତ, ଏହି ସମୟ ମଧ୍ୟରେ ୨,୨୦,୬୮୩ ଜଣ ଚାଷୀ ଏବଂ ସମ୍ପ୍ରସାରଣ କର୍ମଚାରୀଙ୍କୁ ପ୍ରାକୃତିକ କୃଷି ବିଷୟରେ ତାଲିମ ଦିଆଯାଇଛି । କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକୁ ଦକ୍ଷତା ବିକାଶ ଏବଂ କ୍ଷେତ୍ରସ୍ତରୀୟ ହସ୍ତକ୍ଷେପ, କୃଷି ସମ୍ପ୍ରସାରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କ ମଧ୍ୟରେ ଉନ୍ନତ କୃଷି ପଦ୍ଧତିର ପ୍ରସାରକୁ ସହଜ କରିବା ପାଇଁ ବୈଷୟିକ ଅଂଶୀଦାର ଭାବରେ ବ୍ୟବହାର କରାଯାଉଛି । ସମୀକ୍ଷାରେ ୧୧ଟି ମନ୍ତ୍ରଣାଳୟ ଓ ବିଭାଗର ୩୬ଟି କେନ୍ଦ୍ରୀୟ ଯୋଜନା, ରାଜ୍ୟ ଯୋଜନା ଏବଂ ଘରୋଇ କ୍ଷେତ୍ରର ହସ୍ତକ୍ଷେପ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା । କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ସିପିଏସଇ) ଦ୍ୱାରା ୨୦୨୬-୨୭ ଏବଂ ୨୦୨୭-୨୮ ପାଇଁ ସିଏସଆର କାର୍ଯ୍ୟକଳାପ ଲାଗି ପିଏମ-ଡିଡିକେଓ୍ୱାଇ ଜିଲ୍ଲାଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ସରକାରୀ ଉଦ୍ୟୋଗ ବିଭାଗ ନିଷ୍ପତ୍ତି ନେଇଛି । ଏହା ଚିହ୍ନଟ ହୋଇଥିବା ଜିଲ୍ଲାଗୁଡ଼ିକରେ ବିକାଶମୂଳକ ହସ୍ତକ୍ଷେପକୁ ସମର୍ଥନ କରିବା ପାଇଁ ଏକ ଅତିରିକ୍ତ ମାଧ୍ୟମ ପ୍ରଦାନ କରିଛି । ଧନ-ଧାନ୍ୟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ହସ୍ତକ୍ଷେପର ମିଳିତ ପ୍ରଭାବର ମୂଲ୍ୟାଙ୍କନକୁ ସକ୍ଷମ କରିବା ପାଇଁ ଏହିପରି ସମନ୍ୱୟ ଏବଂ ନିବେଶକୁ ଧରିବା ପାଇଁ ଅନୁଧ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ପିଏମ-ଡିଡିକେଓ୍ୱାଇକୁ କେନ୍ଦ୍ର କ୍ୟାବିନେଟ୍ ୧୬ ଜୁଲାଇ ୨୦୨୫ରେ ଅନୁମୋଦନ କରିଥିଲା । ୧୧ ଅକ୍ଟୋବର ୨୦୨୫ରେ ପ୍ରଧାନମନ୍ତ୍ରୀ ଏହାକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିଥିଲେ । ପିଏମ-ଡିଡିକେଓ୍ୱାଇ ଡ୍ୟାସବୋର୍ଡ ଅକ୍ଟୋବର ୨୦୨୫ର ଶେଷ ସପ୍ତାହରେ କାର୍ଯ୍ୟକ୍ଷମ କରାଯାଇଥିଲା, ନଭେମ୍ବର ୨୦୨୫ରୁ ମାସିକ ପରିଣାମ-ସୂଚକ ରାଙ୍କିଂ ଆରମ୍ଭ ହୋଇଥିଲା । ଏହି ଯୋଜନା ଅକ୍ଟୋବର ୨୦୨୬ରେ ଏହାର ପ୍ରଥମ ବର୍ଷ ସମାପ୍ତ ହେବା ସହିତ, ୧୦୦ଟି ଧନ-ଧାନ୍ୟ ଜିଲ୍ଲାର ପ୍ରଗତି ଏବଂ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଯୋଜନା କରାଯାଉଛି । ରବି ଓ ଆଞ୍ଚଳିକ ସମ୍ମିଳନୀ ସମୟରେ ମଧ୍ୟ ପ୍ରଗତି ପ୍ରଦର୍ଶନ କରାଯିବ । ଏହି ସମୀକ୍ଷାରେ କୃଷି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ଡକାଇବା ଏବଂ ପ୍ରତ୍ୟେକ ଜିଲ୍ଲା ଧନ-ଧାନ୍ୟ କମିଟିରେ ଦୁଇଜଣ ପ୍ରଗତିଶୀଳ ଚାଷୀଙ୍କ ପ୍ରସ୍ତାବିତ ନାମାଙ୍କନ ମାଧ୍ୟମରେ କୃଷକଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ଉପରେ ମଧ୍ୟ ବିଚାର କରାଯାଇଥିଲା ।

ନୂତନ କ୍ୟାମ୍ପସକୁ ସ୍ଥାନାନ୍ତରିତ ହେଲା ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ



ନୂଆପଡା -୦୧ /୦୯(ଅକ୍ଷର ଓଡିଶା)ନୂଆପଡ଼ା ଜିଲ୍ଲାର ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ମଙ୍ଗଳବାର ନୂତନ ବିଦ୍ୟାଳୟ ଭବନକୁ ସ୍ଥାନାନ୍ତରିତ ହୋଇଛି । ଏହି ଅବସରରେ ଆୟୋଜିତ ସତନ୍ତ୍ର କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ତଥା କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ କ୍ୟାମ୍ପସ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷା ପରିବେଶ ସୃଷ୍ଟି କରିବା ସହ ସେମାନଙ୍କ ନୂଆ ଆଶା ଓ ଆକାଂକ୍ଷା ପୂରଣରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ନୂଆପଡ଼ା ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଏକ ଐତିହାସିକ ପଦକ୍ଷେପ ହୋଇଥିବା ବେଳେ ଏହାର ନୂତନ ଭବନକୁ ସ୍ଥାନାନ୍ତରଣ ଜିଲ୍ଲାବାସୀଙ୍କ ପାଇଁ ଆଉ ଏକ ଗର୍ବର ବିଷୟ । ଚଳିତ ବର୍ଷ ଜାନୁଆରୀ ୨ ତାରିଖରେ ନୂଆପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କ୍ୟାମ୍ପସକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ସେପ୍ଟେମ୍ବର ୧ ତାରିଖରେ ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ଭବନକୁ ସ୍ଥାନାନ୍ତରିତ ହେବା ନିଶ୍ଚିତ ଭାବେ ଆନନ୍ଦ ଓ ଗର୍ବର ବିଷୟ ବୋଲି ସେ କହିଥିଲେ । ଅତିଥିମାନେ ମତ ପ୍ରକାଶ କରିଥିଲେ ଯେ, ନୂତନ ବିଦ୍ୟାଳୟ ଭବନରେ ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା, ଆଧୁନିକ ଭିତ୍ତିଭୂମି ଏବଂ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରିବ ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଚାଳନା କମିଟିର ନର୍ସିଙ୍ଗ ଗଡ଼ବା , ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସାଧୀନ କେତନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

କେନ୍ଦ୍ରାପଡ଼ାର ୧୦୮ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟାବାରାଣସୀ ଯାତ୍ରା



କେନ୍ଦ୍ରାପଡ଼ା, ୦୧.୦୯. (ଗଗନ କୁମାର ପ୍ରଧାନ) ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ୨୦୨୬୨୭ ଅଧୀନରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରାରେ ବାହାରିଛନ୍ତି । ଏହି ତୀର୍ଥଯାତ୍ରା ୦୨ ସେପ୍ଟେମ୍ବରରୁ ୦୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅବସରରେ ଆଜି ଅପରାହ୍ନ ୪ଟାରେ କେନ୍ଦ୍ରାପଡ଼ା ସଂସ୍କୃତି ଭବନଠାରେ ଆୟୋଜିତ ଫ୍ଲାଗ୍-ଅଫ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆଜି ତୀର୍ଥଯାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ସତନ୍ତ୍ର ଗାଡି ଯୋଗେ ସେମାନଙ୍କ ନିଜ ନିଜ ବ୍ଲକ୍‌ରୁ କେନ୍ଦ୍ରାପଡ଼ା ସଂସ୍କୃତି ଭବନକୁ ଅଣାଯାଇଥିଲା । ସଂସ୍କୃତି ଭବନଠାରେ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା । ପରେ ସେମାନଙ୍କୁ ସତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଯାଇଛି । ଭୁବନେଶ୍ୱରରେ ରାତ୍ରି ରହଣି ପରେ ଆସନ୍ତାକାଲି ସତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟାବାରାଣସୀ ଅଭିମୁଖେ ଯାତ୍ରା କରିବେ ।କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଉଥିବା ମୋଟ ୧୦୮ ଜଣ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୬୩ ଜଣ ପୁରୁଷ ଓ ୪୫ ଜଣ ମହିଳା ଅଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଜଣ ଏକକ ତୀର୍ଥଯାତ୍ରୀ ଥିବାବେଳେ ୨୪ ଜଣ ଦମ୍ପତି ଅର୍ଥାତ୍ ୪୮ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି ।

ଶ୍ରୀକୃଷ୍ଣ ଲୀଳା ପ୍ରସ୍ତୁତି ବୈଠକ

ପୁରୀ, ୧।୯ (ଅକ୍ଷର ଓଡ଼ିଶା): ଚଳିତମାସ ୫ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ସହ ଜଡିତ ଏହି ଲୀଳା ପୁରୀର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରତୀକ ।ତେଣୁ ଏହାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସ ମିନି ସମ୍ମିଳନୀ କକ୍ଷରେ ଆଗାମୀ ଶ୍ରୀକୃଷ୍ଣ ଲୀଳା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ ବର୍ଷ ବର୍ଷ ଧରି ଶ୍ରୀକୃଷ୍ଣ ଲୀଳା ଶ୍ରୀମନ୍ଦିର ନୀତି ଅନୁସାରେ ୮ ସାହି ଆଖଡା ପକ୍ଷରୁ ଆୟୋଜିତ ହୋଇଆସୁଛି ।ଚଳିତ ବର୍ଷ ମଧ୍ୟ ଅନୁରୂପ ଭାବେ ଏହା ପାଳିତ ହେବ ।ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସଠିକ ଭାବେ ନିର୍ବାହ କରିବାକୁ ସେ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।ବିସ୍ତୃତ ଆଲୋଚନା ପରେ ରାସ୍ତା ଘାଟ ମରାମତି, ଆଲୋକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା ପାଇଁ ସୁରକ୍ଷା କର୍ମୀ ନିୟୋଜନ, ପରିଷ୍କାର ପରିଚ୍ଛନ୍ନତା, ବ୍ଲିଚିଂ ସିଞ୍ଚନ, ଝୁଲି ରହିଥିବା ବିଦ୍ୟୁତ ତାର ଗୁଡିକୁ ଉପରକୁ ଉଠାଇବା, ଅନାବଶ୍ୟକ ତାର ଗୁଡିକୁ ଅପସାରଣ କରିବା,ପାନୀୟ ଜଳ ବ୍ୟବସ୍ଥା ଓ ଟ୍ରାଫିକ ନିୟନ୍ତ୍ରଣ ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗମାନଙ୍କୁ ପରାମର୍ଶ ଦିଆଯାଇଥିଲା ।

କାଦୁଅ ପଚ୍‌ପଚ୍ ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ

ଏକ କିଲୋମିଟର ବୁହାହୋଇ ପହଞ୍ଚିଲେ ଗର୍ଭବତୀ



ଦେବଗଡ,୦୧/୯(ଅକ୍ଷର ଓଡ଼ିଶା): କାଦୁଅ ପଚ୍‌ପଚ୍ ରାସ୍ତା ଯୋଗୁଁ ଗାଁ ଭିତରକୁ ପହଞ୍ଚି ପାରିଲାନି ୧୦୮ ଆମ୍ବୁଲାନ୍ସ । ଫଳରେ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ପରିବାର ଲୋକ ଓ ଆମ୍ବୁଲାନ୍ସ କର୍ମଚାରୀ ପ୍ରାୟ ଏକ କିଲୋମିଟର ଷ୍ଟ୍ରେଚରରେ ବୁହାଇ ଆଣିବାକୁ ପଡ଼ିଛି । ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡଝରଣ ଗାଁରୁ ଏଭଳି ଦୁର

'ସୁପୋଷିତ ଓଡ଼ିଶା ମିଶନ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଖଜୁରିଆ କଟା ୧/୯(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ଗୌଡ଼କଟେଣୀସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ଡିଗ୍ରୀ ମହାବିଦ୍ୟାଳୟରେ ଶିଶୁମାନଙ୍କ ପାଇଁ 'ସୁପୋଷିତ ଓଡ଼ିଶା ମିଶନ' ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଘଝଝ ପକ୍ଷରୁ ଆୟୋଜିତ ହୋଇଥିଲା। ଅଙ୍ଗନୱାଡ଼ି ସୁପରଭାଇଜର ଶ୍ରୀମତୀ ସୌଭାଗିନୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଲୁଭ କୁମାର ସାହୁଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ବିଭାଗର ଶ୍ରୀମତୀ ଜ୍ୟୋସ୍ନା ରାଣୀ ମିଶ୍ର ଉପସ୍ଥିତ ଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଶ୍ରୀମତୀ ଜୟଶ୍ରୀ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ହୋଇଥିଲା। ଶେଷରେ ପ୍ରାଣୀ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଶ୍ରୀମତୀ ସୁସ୍ମିତା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଜରୁରୀକାଳୀନ ପ୍ରସ୍ତୁତିର ମୁକାବିଲା ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସୁରକ୍ଷା ମକ୍ ଡ୍ରିଲ୍

ଖଜୁରିଆକଟା ୧/୯(ନୀଳକଣ୍ଠ ଦାସ)ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସଏମ୍) ପକ୍ଷରୁ ଏହାର ଗେଟ୍-୧ ବସ୍ ପାର୍କିଂ ଅଞ୍ଚଳରେ ଏକ ଜରୁରୀକାଳୀନ ସୁରକ୍ଷା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଏବଂ କାରଖାନାର ଜରୁରୀକାଳୀନ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ମକ୍‌ଡ୍ରିଲର ଆୟୋଜନ କରାଯାଇଥିଲା।ଏ ନେଇ ପ୍ଲାଣ୍ଟର ପ୍ରବେଶ ପଥରେ ଏକ ଟ୍ୟାଙ୍କରରୁ ଆକ୍ୱିଅସ୍ ଆମୋନିଆ ଗ୍ୟାସ୍ ଲିକ୍ ହେବାର କାଳ୍ପନିକ ପରିସ୍ଥିତି ସୃଷ୍ଟି କରାଯାଇଥିଲା। ଏହି ଜରୁରୀ ପରିସ୍ଥିତିର ମୁକାବିଲା, ଗ୍ୟାସ୍ ନିର୍ଗମନ ନିୟନ୍ତ୍ରଣ କରିବା ଏବଂ ବିଭିନ୍ନ ଜରୁରୀକାଳୀନ ସେବା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା କ୍ଷେତ୍ରରେ ଟାଟା ଷ୍ଟିଲର ପ୍ରତିକ୍ରିୟା ଦକ୍ଷତା ପରୀକ୍ଷଣ କରାଯାଇଥିଲା। ଢେଙ୍କାନାଳ ଜୋନ୍‌ର କାରଖାନା ଓ ବଏଲର ସହକାରୀ ନିର୍ଦ୍ଦେଶକ ବିଶ୍ୱଜିତ୍ ପାଣିଗ୍ରାହୀ, ଢେଙ୍କାନାଳ ଏଏଫଓ ଷ୍ଟେସନ ଅଫିସର ଦୀନବନ୍ଧୁ ମଲ୍ଲିକ ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ବ୍ଲାଷ୍ଟ ଫର୍ଣ୍ଣେସ୍ ଚିଫ୍ ମୟଙ୍କ ତିୱାରୀଙ୍କ ତତ୍ତ୍ୱାବଧାନରେ



ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ମଧ୍ୟରେ କୁସୁପଙ୍ଗା ପଞ୍ଚାୟତର ସରପଞ୍ଚ ଅନିତା ନାୟକ ଏବଂ ନୂଆହାତା ପଞ୍ଚାୟତର ସରପଞ୍ଚ ରେଣୁବାଳା ଧୀର ମଧ୍ୟ ଏହି ମକ୍ ଡ୍ରିଲ୍‌ରେ ଉପସ୍ଥିତ ଥିଲେ।ମକଡ୍ରିଲ୍ ଶେଷରେ ଉପସ୍ଥିତ ଅଧିକାରୀ ଓ ସଂସ୍ଥାର ପ୍ରତିନିଧିମାନେ ମତାମତ ରଖିବା ସହ ପରାମର୍ଶ ଦେଇଥିଲେ, ଯାହା ଆଗାମୀ ଦିନରେ ଜରୁରୀକାଳୀନ ସୁରକ୍ଷା ନିୟମକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ।ସ୍ଥାନୀୟ ଲୋକାଲ କ୍ରାଇସିସ୍ ଗ୍ରୁପର ସଦସ୍ୟ ତଥା ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ (ଷ୍ଟିଲ୍ ଡିଭିଜନ୍-୧, ଢେଙ୍କାନାଳ), ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଷ୍ଟିଲ୍ ପ୍ଲାଣ୍ଟ, ରିମ୍‌ଝିମ୍ ଇସ୍ପାତ ଲିମିଟେଡ୍, ନାଭା ଲିମିଟେଡ୍, ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍ ଏବଂ ଅନୁଗୋଳ ଏନର୍ଜି ଲିମିଟେଡ୍‌ର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଏହି ନିୟମିତ ସୁରକ୍ଷା ମକ୍ ଡ୍ରିଲ୍ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପ୍ରକ୍ରିୟାକୁ ସୁଦୃଢ଼ କରିବ ।

ସୋଲାର ବାଡ଼କୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ଉଭୟ ଗୋଷ୍ଠୀର ପଚାଶରୁ ଊର୍ଦ୍ଧ୍ୱ ଥାନାରେ ଅଟକ





କାମାକ୍ଷାନଗର, ୧/୯(ସୁମନ୍ତ ଜେନା)କାମାକ୍ଷାନଗର ଥାନା ବେଡାପାଳ ଗାଁ ରେ ଗୋଷ୍ଠୀ ସଂଘର୍ଷ । ଫସଲସୁରକ୍ଷା ପାଇଁ ପୋତା ଯାଇଥିବା ସୁରକ୍ଷାବାଡ଼କୁ ଓପାଡିବାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣ ମୁହାଁମୁହିଁ କ୍ଷ ଉଭୟ ଗୋଷ୍ଠୀ ର କୋଡିଏ ରୁ ଊର୍ଦ୍ଧ୍ୱ ଗୁରୁତର । ସୂଚନା ଅନୁସାରେ ଗ୍ରାମ ର ସବର୍ଣ୍ଣ ଗୋଷ୍ଠୀ ର ଲୋକେ ନିଜର ଫସଲ ସୁରକ୍ଷା ପାଇଁ ବିଲ ରେ ସୋଲାର ବାଡ଼ ଲଗାଇଥିଲେ । ମାତ୍ର ସେହି ଗ୍ରାମ ର କିଛି ଅସବର୍ଣ୍ଣ ଲୋକେ ସେହି ତାରବାଡ଼ କୁ ଓପାଡି ଫିଙ୍ଗିଦେଇଥିଲେ । ଯାହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି । ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ପ୍ରାୟ କୋଡିଏ ରୁ ଊର୍ଦ୍ଧ୍ୱ ଗୁରୁତର ହୋଇ ମେଡିକାଲ ରେ ଭର୍ତ୍ତି ହୋଇଛନ୍ତି । ସେଥି ମଧ୍ୟ ରୁ ଦୁଇ, ତିନି ଜଣ ଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପର୍ଣ୍ଣ ରହିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।ଖବର ପାଇ କାମାକ୍ଷାନଗର ପୋଲିସ ଗାଁ ରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛି । ଗ୍ରାମ ରେ ଥିବା ଉଭୟ ଗୋଷ୍ଠୀ ର ପଚାଶ ଜଣ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଙ୍କୁ ପୋଲିସ ଗ୍ରାମ ରୁ ଉଠଇଆଣି କାମାକ୍ଷାନଗର ଥାନାରେ ଅଟକ ରଖିଛି କ୍ଷ ସେହିପରି ଆକ୍ରମଣ ରେ ବ୍ୟବହୃତ ଠେଙ୍ଗା ଓ ଅନ୍ୟ ଅସ୍ତ୍ର କୁ ମଧ୍ୟ ପୋଲିସ ଜବତ କରିଛି ।କ୍ଷ ଗ୍ରାମ ରେ ଉତ୍ତେଜନା ପରିସ୍ଥିତି କୁ ଦୃଷ୍ଟି ରେ ରଖି କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି । ଏବେ ବି ପରିସ୍ଥିତି ଉତ୍ତେଜନା ମୂଳକ ରହିଥିବା ବେଳେ ପୋଲିସ ସଜାଗ ରହି ଘଟଣା ଉପରେ ନଜର ରଖିଛି ।

ମଦ୍ୟପ ଶିକ୍ଷକକୁ କାବୁ କରି ପୋଲିସ ଜିମାରେ ଦେଲେ ଅଭିଭାବକ

ପରଜଙ୍ଗ,୧।୯(ଅକ୍ଷର ଓଡ଼ିଶା): ଶିକ୍ଷାନୁଷ୍ଠାନ ଭିତରେ ମଦ୍ୟପାନ କରି ଶିକ୍ଷକ ଚିରା ନିଦ୍ରାରେ,ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି ଛାତ୍ର, ଛାତ୍ରୀ । ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ଅନ୍ତର୍ଗତ ମହୁଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୮ ଜଣ ଛାତ୍ରଛାତ୍ରୀ ରହିଥିବାବେଳେ ପ୍ରଧାନ ଶିକ୍ଷକ ବିଜୟ ଭୋଇ, ସହକାରୀ ଶିକ୍ଷକ ସନ୍ତୋଷ ଭୋଇ ଉଭୟ ଦୀର୍ଘ ବର୍ଷ ଏଠାରେ ରହି କାର୍ଯ୍ୟ କରୁଥିବା ବେଳେ ଟାଟା କମ୍ପାନୀ ପକ୍ଷରୁ ଜଣେ ଶିକ୍ଷୟିତ୍ରୀ ଶିକ୍ଷାଦାନ ନିମନ୍ତେ ନିଯୁକ୍ତ ହୋଇଛନ୍ତି । ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ମାନଙ୍କ ଅନୁପସ୍ଥିତିରେ ମଧ୍ୟାହ୍ନ ଭୋଜନ ରେ ଅନିୟମିତତା ଅଭିଯୋଗ ନେଇ ଅଭିଭାବକ ମାନେ ଶୁକ୍ରବାର ଦିନ ଅପରାହ୍ନରେ ଅନୁଧ୍ୟାନ ପାଇଁ ପହଞ୍ଚିଲା ବେଳକୁ ଜଣେ ମଦ୍ୟପ ଶିକ୍ଷକ ସେମାନଙ୍କୁ ଦେଖି ଶିକ୍ଷକ ଜଣକ ଦୌଡି ପଳାଇଥିଲେ । ଅଭିଭାବକ ମାନେ ଶିକ୍ଷକ ଜଣ ଙ୍କୁ କାବୁକରି ସାଆନ୍ଦା ଫାଣ୍ଡି ପୋଲିସ କୁ ଡକାଇ ଶିକ୍ଷକ ଙ୍କ ଆଲକହଲ ପରିକ୍ଷଣ କରାଇଥିଲେ ।ଫଳରେ ଶିକ୍ଷକ ଜଣକ ମଦ୍ୟପାନ କରିଥିବା ଜଣା ପଡ଼ିଥିଲା । ଶିକ୍ଷକ ଜଣକ ମଦ୍ୟପାନ କରି ବିଦ୍ୟାଳୟ କୁ ଆସୁଥିବାରୁ ପିଲା ଙ୍କୁ ଠିକ ରେ ପଢ଼ାଉନାହାନ୍ତି । ପିଲା ଙ୍କ ସୁରକ୍ଷା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି କ୍ଷ ଯାହା ଫଳରେ ପିଲାଙ୍କ ଭବିଷ୍ୟତ ନଷ୍ଟ ହେଉଥିବା ବେଳେ ଏହାକୁ ନେଇ ଶିକ୍ଷକ ଙ୍କ ବଦଳି ଦାବି ଗ୍ରାମବାସୀ କରିଛନ୍ତି । ଏଠାରୁ ଶିକ୍ଷକ ବଦଳି ନହେଲେ ସେମାନେ ପିଲା ଙ୍କୁ ବିଦ୍ୟାଳୟ କୁ ଛାଡ଼ିବେନାହିଁ ବୋଲି କହିଛନ୍ତି ଗ୍ରାମବାସୀ କ୍ଷ ତେବେ



ମହୁଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଦୁଇ ଜଣ ଶିକ୍ଷକ କାର୍ଯ୍ୟ କରୁଥିଲେ ହେ ଦୁଇଜଣ ସବୁ ସମୟରେ ନିଶାଶକ୍ତ ଅବସ୍ଥା ରେ ରହୁଥିବା ଅଭିଯୋଗ ହୋଇଛି । ଏହି ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ କହିଛନ୍ତି କି ଅଭିଭାବକ ଙ୍କ ଅଭିଯୋଗକ ଆଧାରରେ ମଙ୍ଗଳବାର ଦୁଇ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାର ଓ ସିଆରସିସି ଙ୍କୁ ଉକ୍ତ ବିଦ୍ୟାଳୟକୁ ତଦନ୍ତ ପାଇଁ ପଠାଯାଇଛି । ସେହିପରି ମଦ୍ୟପ ଶିକ୍ଷକଙ୍କୁ ଅଭିଭାବକ ମାନେ ସ୍ଥାନୀୟ ଫାଣ୍ଡିକୁ ହସ୍ତାନ୍ତର କରିଥିଲେ, ସେଥିପାଇଁ ତାଙ୍କର ଆଲକହଲ ପରୀକ୍ଷା ରିପୋର୍ଟ ନିମନ୍ତେ ପତ୍ର ପଠାଯାଉଛି । ରିପୋର୍ଟ ମିଳିବାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ନାୟକ କହିଛନ୍ତି।

କୃଷ୍ଣାମୟୀ ଡ୍ୟାନ୍ସ ଏକାଡେମୀର ସଫଳତା



କାମାକ୍ଷାନଗର, ୧/୯(ସୁମନ୍ତ ଜେନା) କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ରେ ଦଳଗତ ନୃତ୍ୟ ପ୍ରତିଯୋଗିତା ରେ କୃଷ୍ଣାମୟୀ ଡ୍ୟାନ୍ସ ଏକାଡେମୀ ର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଦେଇଛନ୍ତି ଏହି କୃତି ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନୀୟ ଅତିଥି ନଗରପାଳ ଧରମାନନ୍ଦ ପରିଡା ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି ସାଂସଦ ପ୍ରତିନିଧି ରବି ନାରାୟଣ ସାହୁକାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ଉପ ନଗରପାଳ ଶକୁନ୍ତଳା ସେଠି ଓ ସମସ୍ତ ପାରିଷଦ ବୃନ୍ଦ ପୁରସ୍କୃତ କରିଥିଲେ ଅନୁଷ୍ଠାନ ର ଛାତ୍ରୀ ଲିପ୍ସାରାଣୀ ସାମଲ କନିଷ୍ଠ ବିଭାଗର ଏକକ ନୃତ୍ୟ ରେ ପ୍ରଥମ ଓ ବରିଷ୍ଠ ବିଭାଗର ଏକକ ନୃତ୍ୟ ରେ ଶୁଭମ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କୃଷ୍ଣାମୟୀ ଡ୍ୟାନ୍ସ ଏକାଡେମୀ କ୍ରମାଗତ ଚାରିବର୍ଷ ଜିଲ୍ଲା ଓ ଜିଲ୍ଲା ବାହାରେ ସଫଳତା ର ଧାରା ବଜାୟ ରଖିଥିବାରୁ ଅନୁଷ୍ଠାନ ର ମୁଖ୍ୟ ତତ୍ତ୍ୱାବଧାରକ ଦୁର୍ଗା ପ୍ରସାଦ ତ୍ରିପାଠୀ ଅନୁଷ୍ଠାନ ର ଅଧ୍ୟକ୍ଷା ମନୀଷା ତ୍ରିପାଠୀ ଓ ନୃତ୍ୟ ନିର୍ଦ୍ଦେଶିକା କୃଷ୍ଣାମୟୀ ବିଶ୍ୱାଳ ଙ୍କୁ ସାଧୁବାଦ ଜଣେଇଛନ୍ତି

ଖଙ୍କିରା ବ୍ରାହ୍ମଣ ତଇଲାରେ ହାତୀଙ୍କ ଉତ୍ପାତ ପାଦ ଦଳାରେ ନଷ୍ଟ ହେଲା ବ୍ୟାପକ ଧାନ ଫସଲ



ଗଁଦିଆ, ୧/୦୯ (ବେତୁଜୀ ପ୍ରସାଦ): ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଅଧୀନସ୍ଥ ଖଙ୍କିରା ଏବଂ ବ୍ରାହ୍ମଣ ତଇଲା ଅଞ୍ଚଳରେ ପୁଣି ଦେଖାଦେଇଛି ହାତୀ ଆତଙ୍କ । ଖଙ୍କିରା ସଂରକ୍ଷିତ ଜଙ୍ଗଲରୁ ବିଳମ୍ବିତ ରାତିରେ ଏକ ହାତୀ ପଲ ଗାଁ ମୁହାଁ ହୋଇ ଚାଷୀଙ୍କର ବ୍ୟାପକ ଧାନ ଫସଲ ଖାଇବା ସହ ଦଳିମକଚି ନଷ୍ଟ କରିଦେଇଛନ୍ତି । ଚଳିତ ବର୍ଷ ବହୁ କଷ୍ଟରେ କରାଯାଇଥିବା ଏକମାତ୍ର ଧାନ ଫସଲ ଆରମ୍ଭରୁ ହିଁ ହାତୀ ପାଦତଳେ ନଷ୍ଟ ହୋଇଯିବା ପରେ ଏବେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ସୂଚନାଯୋଗ୍ୟ ଯେ, ବନ୍ୟଜନ୍ତୁଙ୍କ ପ୍ରବେଶ ରୋକିବା ପାଇଁ ସଂରକ୍ଷିତ ଜଙ୍ଗଲର ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଥିଲେ ସୁଦ୍ଧା, ବ୍ରାହ୍ମଣ ତଇଲା ନିକଟରେ ଜାଣିଶୁଣି ରାସ୍ତା ଛାଡ଼ି ଦିଆଯାଇଛି । ଫଳରେ ପ୍ରତିବର୍ଷ ଏହି ଅସମ୍ପୂର୍ଣ୍ଣ ଟ୍ରେଞ୍ଚ ବାଟ ଦେଇ ହାତୀ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁ ଗାଁ ଓ ଚାଷଜମି ଭିତରକୁ ସହଜରେ ପ୍ରବେଶ କରୁଛନ୍ତି। ଦୀର୍ଘ ବର୍ଷ ଧରି ବ୍ରାହ୍ମଣ ତଇଲା ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ଟ୍ରେଞ୍ଚ ଖୋଳିବା ପାଇଁ ସ୍ଥାନୀୟ ଚାଷୀମାନେ ବନ ବିଭାଗକୁ ବାରମ୍ବାର ଗୁହାରି କରିଆସୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରି ନାହିଁ। ବନ ବିଭାଗର ଏଭଳି ଦାୟିତ୍ୱହୀନତା ଯୋଗୁଁ ଆଜି ଅଞ୍ଚଳର ଚାଷୀମାନେ ସର୍ବସ୍ୱାନ୍ତ ହେବାକୁ ବସିଲେଣି। ପ୍ରତିବର୍ଷ ଘଟୁଥିବା ଏହି ଘଟଣାକୁ ନେଇ ସାଧାରଣରେ ବର୍ତ୍ତମାନ ଗୋଟିଏ ପ୍ରଶ୍ନ ଉଠୁଛି ଯେ, କେବେ ବନ୍ଦ ହେବ ଏହି ହାତୀ ଓ ମଣିଷ ଲଢ଼େଇ ଆଉ ଚାଷୀଙ୍କର ଏହି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ପାଇଁ ପ୍ରକୃତରେ ଦାୟୀ କିଏ ହାତୀଙ୍କ ଉତ୍ପାତ କାରଣରୁ ଚାଷୀ କିଭଳି ପରିସ୍ଥିତି ଦେଇ ଗତି କରୁଛି, ତାହା ସ୍ପଷ୍ଟ ଅନୁମେୟ।ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀ (ଡିଏଫଓ) ତୁରନ୍ତ ଦୃଷ୍ଟି ଦେଇ ବ୍ରାହ୍ମଣ ତଇଲା ଅଞ୍ଚଳରେ ଟ୍ରେଞ୍ଚ ଖୋଳିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସ୍ଥାନୀୟ ଚାଷୀ ଓ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି। ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଅସନ୍ତୋଷ ତୀବ୍ର ରୂପ ନେବାର ଆଶଙ୍କା ରହିଛି।

ସାପ କାମୁଡ଼ାରେ ଚାଲିଗଲା ମହିଳାଙ୍କ ଜୀବନ

ରାଜନଗର ୦୧/୦୯ (ଅକ୍ଷର ଓଡ଼ିଶା)ବ୍ରାହ୍ମଣୀ ନଦୀର ଦ୍ୱିତୀୟ ବନ୍ୟାରେ ରାଜନଗର ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ ବଭନ୍ନ ବଷାକ୍ତ ସାପଙ୍କ ଆତଙ୍କରାଜ ଦେଖିବାକୁ ମିଳଛ,ଗତକାଲ ବାଲିସାହିପାଟଣା ପଞ୍ଚାୟତ ବାଲିସାହିପାଟଣା ଗାଁର ୩୬ ବର୍ଷୀୟ ଅମିତା ଦାସ ଓଦା ଲୁଗା ବାଡ଼ି ପଟେ ଶୁଖାଉଥିବା ବେଳେ ବଢ଼ି ପାଣିରେ ଆସିଥିବା ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା, ସେ ଚିତ୍କାର କରିବାକୁ ଘର ଲୋକ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମିତା ଙ୍କର ଏଭଳି ଅକାଳ ମୃତ୍ୟୁ ପରେ ତାଙ୍କର ଦାଦନ ସ୍ୱାମୀ ବାହାର ରାଜ୍ୟ ଖଟୁଥିବା ବେଳେ ଗୋଟିଏ ବୋଲି ପୁଅ ସମ୍ପୂର୍ଣ୍ଣ ଏକା ହୋଇଯାଇଛନ୍ତି। ଏଭଳି ଦୁର୍ଦଶା ଓ ଦୁଃଖ ସମୟରେ ପରିବାର ସରକାରୀ ସହାୟତା ଲୋଡିଛନ୍ତି।

ରାହୁରେଖା ଲାଗି,ଶ୍ରୀମନ୍ଦିରରେ ସାଢ଼େ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ ୦୧/୦୯ (ଅକ୍ଷର ଓଡିଶା):ବୁଧବାର ଭାଦ୍ରବ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଶ୍ରୀଜିଉଙ୍କ ଶ୍ରୀଅଙ୍ଗସେବକ ଦଇତାପତିମାନେ ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବେ। ରହୁରେଖା ଲାଗି କରି ଦଇତାପତିମାନେ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ କରାଯାଇ ଆନ୍ୟ ପାରମ୍ପାରିକ ନୀତି ସମ୍ପନ୍ନ ହେବ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁପ୍ରଥମ ଭୋଗମଣ୍ଡପ ପରେ ଅର୍ଥାତ୍ ଅପରାହ୍ନ ସାଢ଼େ ଦୁଇଟା ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଆପାତତଃ ସାଢ଼େ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ରାହୁଲ ଗାନ୍ଧୀଙ୍କ ନାମରେ ଏତଲା ବିରୋଧରେ କଂଗ୍ରେସର ପ୍ରତିବାଦ

କୋରାପୁଟ ୦୧/୦୯ (ସମୀର)କୋରାପୁଟ ସଦର ମହକୁମାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଳଦୀଖାନୀରେ ରାହୁଲ ଗାନ୍ଧୀଙ୍କ ନାମରେ ହୋଇଥିବା ଏତଲା ବିରୋଧରେ କଂଗ୍ରେସ ନେତା ଓ କର୍ମୀ ମାନେ ଏହାକୁ ତୀବ୍ର ନିନ୍ଦା କରିଥିଲେ। ଏହାକୁ ନାପସନ୍ଦ କରି ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ ଅଧ୍ୟକ୍ଷତାରେ ନେତା ଓ କର୍ମୀ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦର କାଉନସିଲର ସନ୍ଧ୍ୟାରାଣୀ ଜେନା ଓ ଚନ୍ଦ୍ରପ୍ରଭା ହିଆଲ, ପୂର୍ବତନ ବିଧାୟକ ନିମାଇଁ ସରକାର, ନଗର କଂଗ୍ରେସ ସଭାପତି ଜୟନ୍ତ କଚିନ, ମନୋଜ ହିଆଲଙ୍କ ସହ ଶତାଧିକ ଯୁବ,ଛାତ୍ର କଂଗ୍ରେସ ନେତା ଓ କର୍ମୀ ମାନେ ଏକଜୁଟ ହୋଇ ବିକ୍ଷୋଭରେ ସାମିଲ ହୋଇଥିଲେ।



ରାଜ୍



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

୭.୮ ପ୍ରତିଶତ ଅଭିବୃଦ୍ଧିର ସନ୍ଦେଶ
ଆତ୍ମନିର୍ଭର ଭାରତ ହେଉ ଆମ ସାମୂହିକ ସଂକଳ୍ପ

ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୮ ପ୍ରତିଶତରେ ପହଞ୍ଚିବା କେବଳ ଏକ ଅର୍ଥନୈତିକ ପରିସଂଖ୍ୟାନ ନୁହେଁ, ଏହା ଭାରତୀୟ ଜନଶକ୍ତିର ସାମର୍ଥ୍ୟ, ପରିଶ୍ରମ ଓ ଆତ୍ମବିଶ୍ୱାସର ଏକ ସ୍ପଷ୍ଟ ପ୍ରତିଛବି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତାକୁ ଦେଶର ୧୪୦ କୋଟି ନାଗରିକଙ୍କ କଠିନ ପରିଶ୍ରମ ଓ ସାମୂହିକ ସଂକଳ୍ପର ପ୍ରତିଫଳ ବୋଲି କହିଛନ୍ତି । ଏହି ମତରେ ରହିଛି ଏକ ଗଭୀର ସତ୍ୟ।ଭାରତର ଅର୍ଥନୈତିକ ଶକ୍ତି କୌଣସି ଏକ ସଂସ୍ଥା କିମ୍ବା ଏକ ବ୍ୟବସ୍ଥାର ଦାନ ନୁହେଁ । ଏହା କୋଟି କୋଟି ଚାଷୀ, ଶ୍ରମିକ, କାରିଗର, ବ୍ୟବସାୟୀ, ଉଦ୍ୟୋଗୀ, ଯୁବକଯୁବତୀ ଓ ସାଧାରଣ ନାଗରିକଙ୍କ ଦୈନନ୍ଦିନ ପରିଶ୍ରମର ସମିକ୍ତ ଫଳ । ବିଶ୍ୱ ଆଜି ଅନିଶ୍ଚିତତାର ଏକ କଠିନ ସମୟ ଦେଇ ଗତି କରୁଛି ।

ଯୁଦ୍ଧ, ଅସ୍ଥିରତା, ମହାମାରୀର ପରବର୍ତ୍ତୀ ପ୍ରଭାବ, ବାଣିଜ୍ୟିକ ଚାପ ଓ ଆନ୍ତର୍ଜାତିକ ଯୋଗାଣ ବ୍ୟବସ୍ଥାର ଅନିଶ୍ଚିତତା ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛି । ଏପରି ପରିସ୍ଥିତିରେ ଭାରତର ଦ୍ରୁତ ଅଭିବୃଦ୍ଧି ଦେଶର ଅର୍ଥନୈତିକ ଭିତ୍ତି କେତେ ଦୃଢ଼ ହୋଇଛି, ତାହାର ଏକ ଆଶାଜନକ ସଙ୍କେତ । କିନ୍ତୁ ଅଭିବୃଦ୍ଧିର ଏହି ଗତିକୁ ଅବିଚ୍ଛିନ୍ନ ରଖିବା ପାଇଁ ଆମକୁ ନିଜ ଶକ୍ତି ଉପରେ ଆହୁରି ଅଧିକ ଭରସା କରିବାକୁ ହେବ । ଏହିଠାରେ ଆତ୍ମନିର୍ଭର ଭାରତର ଚିନ୍ତାଧାରା ଏକ ନୂଆ ଦିଗ ଦେଖାଏ । ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଦୂରେଇ ଯିବା ନୁହେଁ । ଏହାର ଅର୍ଥ ହେଉଛି ନିଜ ଦେଶର ଉତ୍ପାଦନ କ୍ଷମତା, ପ୍ରତିଭା, ପ୍ରଯୁକ୍ତି, ଉଦ୍ୟମ ଓ ମାନବ ସମ୍ପଦକୁ ଏତେ ଶକ୍ତିଶାଳୀ କରିବା, ଯାହା ଫଳରେ ଭାରତ ନିଜ ଆବଶ୍ୟକତା ପୂରଣ କରିବା ସହ ବିଶ୍ୱକୁ ମଧ୍ୟ ଉତ୍ତମ ଉତ୍ପାଦ ଓ ସେବା ଯୋଗାଇପାରିବ । ପ୍ରଧାନମନ୍ତ୍ରୀଙ୍କ ସ୍ୱଦେଶୀ ଗ୍ରହଣ ଓ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦେବାର ଆହ୍ୱାନ ଏହି ବଡ଼ ଲକ୍ଷ୍ୟର ଏକ ଅଂଶ । ଆମେ ଯେତେବେଳେ ନିଜ ଦେଶରେ ତିଆରି ସାମଗ୍ରୀକୁ ପ୍ରାଥମିକତା ଦେଉଛୁ, ସେତେବେଳେ ଆମର ଟଙ୍କା ଦେଶର ଅର୍ଥନୈତିକ ଚକ୍ର ମଧ୍ୟରେ ଅଧିକ ସମୟ ପରିଚାଳିତ ହେବାର ସୁଯୋଗ ପାଉଛି । ଏହାର ଲାଭ ଉତ୍ପାଦକଠାରୁ ଆରମ୍ଭ କରି ଶ୍ରମିକ, ପରିବହନକାରୀ, ବ୍ୟବସାୟୀ ଓ ସେବାଦାତା ପର୍ଯ୍ୟନ୍ତ ପହଞ୍ଚିପାରେ । ଏହି ଅର୍ଥରେ ସ୍ୱଦେଶୀ କେବଳ ଏକ କ୍ରୟ ଅଭ୍ୟାସ ନୁହେଁ।ଏହା ଦେଶର ଉତ୍ପାଦନ ଓ ରୋଜଗାରକୁ ଶକ୍ତିଶାଳୀ କରିବାରେ ନାଗରିକଙ୍କ ଏକ ସଚେତନ ଅବଦାନ । ଓଡ଼ିଶା ଏହି ଅଭିଯାନରେ ଅସାଧାରଣ ଭୂମିକା ନେଇପାରେ । ଆମ ରାଜ୍ୟର ହସ୍ତତନ୍ତ, ହସ୍ତଶିଳ୍ପ, ତାଳପତ୍ର ଖୋଦେଇ, ପଥର ଓ କାଠ ଖୋଦେଇ, ଧାତୁ କାରୁକାର୍ଯ୍ୟ, ମାଟି କାମ, ବାଉଁଶ ଓ ବେତ ଶିଳ୍ପ ଭଳି ପାରମ୍ପରିକ କଳା ଆମ ସାଂସ୍କୃତିକ ପରିଚୟ ସହିତ ହଜାର ହଜାର ପରିବାରର ଜୀବିକା ସହ ଜଡ଼ିତ । ଓଡ଼ିଶାର ଜଣେ କାରିଗରଙ୍କ ହାତରେ ତିଆରି ହୋଇଥିବା ଏକ ସାମଗ୍ରୀ କେବଳ ଏକ ବସ୍ତୁ ନୁହେଁ। ତାହା ପଛରେ ରହିଛି ଏକ ପରିବାରର ପରିଶ୍ରମ, ଏକ ପରମ୍ପରାର ଇତିହାସ ଓ ଆମ ମାଟିର ପରିଚୟ । ତେଣୁ ସ୍ଥାନୀୟ ଉତ୍ପାଦ କିଣିବା ଅର୍ଥ ନିଜ ମାଟିର ଶ୍ରମକୁ ସମ୍ମାନ ଦେବା । ଏହା ସହିତ ଓଡ଼ିଶାର କୃଷି, ମତ୍ସ୍ୟ, ବନଜ ସମ୍ପଦ, ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ମଧ୍ୟ ବଡ଼ ସମ୍ଭାବନା ରହିଛି । ଏହି ସମ୍ଭାବନାକୁ ଉଦ୍ୟମ, ପୁଞ୍ଜି, କୌଶଳ ଓ ଉନ୍ନତ ବଜାର ସହିତ ଯୋଡ଼ିଦେଲେ ଓଡ଼ିଶାର ଉତ୍ପାଦ ଦେଶର ସୀମା ଅତିକ୍ରମ କରି ବିଶ୍ୱ ବଜାରରେ ନିଜର ପରିଚୟ ଗଢ଼ିପାରିବ । ଏଠାରେ ଆମ ଯୁବପିଢ଼ିର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଆଜିର ଯୁବକଯୁବତୀ କେବଳ ଚାକିରି ଖୋଜୁଥିବା ପିଢ଼ି ନୁହନ୍ତିଙ୍କ ସେମାନେ ନୂଆ ଚିନ୍ତା, ନୂଆ ଉଦ୍ୟମ ଓ ନୂଆ ସମ୍ଭାବନା ସୃଷ୍ଟି କରିବାର କ୍ଷମତା ରଖନ୍ତି । ଯଦି ଆମ ଯୁବପିଢ଼ି ନିଜ ଅଞ୍ଚଳର ସମ୍ପଦକୁ ଆଧାର କରି ନୂଆ ଉଦ୍ୟମ ଗଢ଼ିବେ, ତେବେ ରୋଜଗାର ପାଇଁ ବାହାରକୁ ଯିବାର ଚାପ କମିବା ସହ ଓଡ଼ିଶା ନିଜେ ରୋଜଗାର ସୃଷ୍ଟିର ଏକ ବଡ଼ କେନ୍ଦ୍ର ହୋଇପାରିବ । ଆତ୍ମନିର୍ଭର ଭାରତର ସପ୍ନ ସଫଳ କରିବା ପାଇଁ ଦେଶୀୟ ଉତ୍ପାଦର ଗୁଣବତ୍ତାକୁ ମଧ୍ୟ ସର୍ବୋଚ୍ଚ ସ୍ତରକୁ ନେବା ଆବଶ୍ୟକ । କେବଳ ଦେଶୀ ବୋଲି କୌଣସି ସାମଗ୍ରୀକୁ ସମର୍ଥନ କରିବା ଦୀର୍ଘକାଳୀନ ସମାଧାନ ନୁହେଁ । ଭାରତୀୟ ଉତ୍ପାଦକୁ ଗୁଣ, ମୂଲ୍ୟ, ନୂତନତ୍ୱ ଓ ବିଶ୍ୱସନୀୟତାରେ ବିଶ୍ୱର ଶ୍ରେଷ୍ଠ ଉତ୍ପାଦ ସହ ପ୍ରତିଯୋଗିତା କରିବାକୁ ହେବ ।

ଏହି ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବା ହିଁ ଆତ୍ମନିର୍ଭରତାର ପ୍ରକୃତ ପରୀକ୍ଷା । ବିଦେଶ ଯାତ୍ରା ସୀମିତ କରିବା, ବିଦେଶରେ ବିବାହ ଆୟୋଜନ ନକରିବା ଓ ଅତ୍ୟାବଶ୍ୟକ ନହେଲେ ସୁନା କିଣିବାରୁ ବିରତ ରହିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ମଧ୍ୟ ଦେଶର ଧନକୁ ଦେଶୀୟ ଅର୍ଥନୀତିରେ ଅଧିକ ପରିମାଣରେ ପରିଚାଳିତ କରିବାର ଏକ ବ୍ୟାପକ ଚିନ୍ତାଧାରା ଭାବେ ଦେଖାଯାଇପାରେ । ନିଶ୍ଚିତଭାବେ ପ୍ରତ୍ୟେକ ନାଗରିକଙ୍କ ନିଜସ ପସନ୍ଦ ଓ ଆବଶ୍ୟକତା ରହିଛି, କିନ୍ତୁ ଦେଶର ଅର୍ଥନୀତିକୁ ଶକ୍ତିଶାଳୀ କରିବାରେ ଆମ ଦୈନନ୍ଦିନ ନିଷ୍ପତ୍ତିର ମଧ୍ୟ ଏକ ଭୂମିକା ରହିଛି । ଭାରତର ୭.୮ ପ୍ରତିଶତ ଅଭିବୃଦ୍ଧି ଆମକୁ ଉତ୍ସାହିତ କରେ, କିନ୍ତୁ ଏହା ସହିତ ଆମକୁ ଆଉ ଏକ ବଡ଼ ଦାୟିତ୍ୱ ମନେ ରଖିବାକୁ ହେବଏହି ଅଭିବୃଦ୍ଧିର ଫଳ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିବା ଦରକାର । ଚାଷୀଙ୍କ ଜୀବନରେ ସମୃଦ୍ଧି, ଶ୍ରମିକଙ୍କ ଜୀବନରେ ସୁରକ୍ଷା, ଯୁବକଙ୍କ ହାତରେ ରୋଜଗାର, ଉଦ୍ୟମୀଙ୍କ ପାଇଁ ସୁଯୋଗ ଓ ସାଧାରଣ ପରିବାର ପାଇଁ ଉନ୍ନତ ଜୀବନମାନ ନିଶ୍ଚିତ ହେଲେ ହିଁ ଅର୍ଥନୈତିକ ଅଭିବୃଦ୍ଧିର ପ୍ରକୃତ ଅର୍ଥ ସାର୍ଥକ ହେବ । ଏହି ଦୃଷ୍ଟିରୁ ଦେଖିଲେ ବିକଶିତ ଭାରତର ସପ୍ନ କେବଳ ଦିଲ୍ଲୀରେ ବସି ନିଆଯାଉଥିବା କୌଣସି ନିଷ୍ପତ୍ତିରେ ପୂରଣ ହେବ ନାହିଁ । ଏହା ପୂରଣ ହେବ ଦେଶର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ସହର, ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ନାଗରିକଙ୍କ ସହଭାଗିତାରେ । ଓଡ଼ିଶା ଏହି ଜାତୀୟ ଯାତ୍ରାରେ ନିଜର ଅବଦାନ ଆହୁରି ବଢ଼ାଇବାର ସମୟ ଆସିଛି । ଆମେ ଯଦି ନିଜ ଚାଷୀଙ୍କ ଉତ୍ପାଦ କିଣିବା, ନିଜ କାରିଗରଙ୍କ ହାତକୁ ସମର୍ଥନ କରିବା, ନିଜ ଯୁବପିଢ଼ିର ଉଦ୍ୟମକୁ ପ୍ରୋତ୍ସାହନ ଦେବା ଓ ଓଡ଼ିଶାର ସ୍ଥାନୀୟ ଉତ୍ପାଦକୁ ଦେଶର ବଜାରରେ ପହଞ୍ଚାଇବାରେ ସହଯୋଗ କରିବା, ତେବେ ଆତ୍ମନିର୍ଭର ଭାରତର ସଂକଳ୍ପ ଓଡ଼ିଶାର ମାଟିରେ ମଧ୍ୟ ଏକ ଶକ୍ତିଶାଳୀ ରୂପ ନେବ । ଆଜି ଆମକୁ ଆବଶ୍ୟକ ଏମିତି ଏକ ନାଗରିକ ଚେତନା, ଯେଉଁଠାରେ ଦେଶପ୍ରେମ କେବଳ ଭାବନାରେ ନୁହେଁ, ବରଂ କାର୍ଯ୍ୟରେ ପ୍ରକାଶ ପାଇବ । ଆମର କ୍ରୟ ନିଷ୍ପତ୍ତି, ଆମର ଉଦ୍ୟମ, ଆମର ପରିଶ୍ରମ ଓ ଆମର ସ୍ଥାନୀୟ ସମାଜ ପ୍ରତି ଦାୟିତ୍ୱଏସବୁ ମିଶି ଭାରତର ଆଗାମୀ ଅର୍ଥନୈତିକ ଶକ୍ତିକୁ ଗଢ଼ିବ ।

ଭାରତ ଓ ଅଷ୍ଟ୍ରେଲିଆର ୟୁରାନିୟମ୍ ସମ୍ପର୍କ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଷ୍ଟ୍ରେଲିଆ ଗସ୍ତରୁ ଦୁଇଟି କ୍ଷେତ୍ର ଯାହାକି ହେଉଛି ‘‘ପରମାଣୁ ଶକ୍ତି’’ ଓ ‘‘ସାମୁଦ୍ରିକ ସୁରକ୍ଷା’’ରେ ଉଲ୍ଲେଖନୀୟ ପ୍ରଗତି ହୋଇଅଛି । ଏହାଦ୍ୱାରା ଭାରତ, ଅଷ୍ଟ୍ରେଲିଆ ସମ୍ପର୍କ ମଜ୍‌ବୁତ୍ ହେବା ସହିତ ହିନ୍ଦୁ-ପ୍ରଶାନ୍ତ ସାମୁଦ୍ରିକ କ୍ଷେତ୍ର ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି ।

ତେବେ ଏହି ନିବନ୍ଧରେ ଆମେ ଦୁଇ ରାଷ୍ଟ୍ର ମଧ୍ୟରେ ପରମାଣୁ ସମ୍ପର୍କକୁ ନେଇ ସବିଶେଷ ଆଲୋଚନା କରିବା । ଏହି ଆଣବିକ ସମ୍ପର୍କ ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯଦି ଆମେ ଏହା ସହିତ ଜଡ଼ିତ ଥିବା ସଂଘର୍ଷପୂର୍ଣ୍ଣ ଇତିହାସକୁ ମନେ ପକାଇବା । ଯେବେ ଭାରତ ୧୯୯୮ ମଇ ମାସରେ ‘‘ଅପରେସନ୍ ଶକ୍ତି’’ ଜରିଆରେ ପୋଖରାନ୍‌ଠାରେ ପରମାଣୁ ପରୀକ୍ଷଣ କରିଥିଲା, ସେହି ସମୟରେ ‘‘କାନ୍‌ବେରା’’ ନୂଆଦିଲ୍ଲୀର ଦୃଢ଼ ନିନ୍ଦା କରିବା ସହିତ ଏହାକୁ ‘‘ପରମାଣୁ ପ୍ରସାର ପଦକ୍ଷେପ’’ ବୋଲି ବୟାନ୍ ଦେଇ, ଭାରତ ସହିତ ନିଜର ସମସ୍ତ କୂଟନୈତିକ ଓ ସାମରିକ ସମ୍ପର୍କକୁ ଛିନ୍ନ କରିଥିଲା । ଫଳସରୂପ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସର୍ବନିମ୍ନଗାମୀ ହୋଇଥିଲା । ଏହି ସମ୍ପର୍କରେ ଉନ୍ନତି ଆସିବା ଆରମ୍ଭ ହେଲା ୨୦୦୮ ମସିହାରେ ଯେତେବଳେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ସାକ୍ଷରିତ ହେଲା ବେସାମରିକ ପରମାଣୁ ଚୁକ୍ତି । ଉଲ୍ଲେଖନୀୟ ଏହା ଯେ ସମୁଦାୟ ପୃଥିବୀର ପ୍ରାୟ ଅଠେଇଶି ପ୍ରତିଶତ ୟୁରାନିୟମ୍, ଏକାକୀ ଅଷ୍ଟ୍ରେଲିଆ ପାଖରେ ଅଛି । ୧୯୭୪ ଓ ୧୯୯୮ ମସିହାର ପରମାଣୁ ପରୀକ୍ଷଣ ପରେ ‘‘କାନ୍‌ବେରା’’ ଦଶନ୍ଧି ଧରି ଆମ ଦେଶକୁ ୟୁରାନିୟମ୍ ଦେବା ପାଇଁ ମନା କରିଆସିଛି । ଆଣବିକ ଅସ୍ତ୍ରର ପରୀକ୍ଷଣକୁ ବିରୋଧ କରିବା ସହିତ ୟୁରାନିୟମ୍ ଦେବା ପାଇଁ ଅଷ୍ଟ୍ରେଲିଆର ନାସ୍ତିର ଅନ୍ୟତମ କାରଣ ହେଲା ‘‘ପରମାଣୁ ଅପ୍ରସାର ସନ୍ଧି’’ରେ ଭାରତର ସାକ୍ଷର ନ କରିବା ।

ତେବେ ବର୍ତ୍ତମାନ କେଉ ପରିସ୍ଥିତିରେ ଅଷ୍ଟ୍ରେଲିଆ ଓ ଭାରତ ୟୁରାନିୟମ୍ ପ୍ରସଙ୍ଗରେ ମିଳିତ ସହମତିରେ ପହଞ୍ଚିଛନ୍ତି, ତାହା ଆମେ ଜାଣିବା । ପ୍ରଥମେ ଆଲୋକପାତ କରିବା ଏନ୍.ଏସ୍.ଜି (N.S.G) ଓ ଏନ୍.ପି.ଟି (N.P.T) ଉପରେ । ଏନ.ଏସ.ଜି ର ସମ୍ପୂର୍ଣ୍ଣ ନାମ ହେଉଛି Nuclear Supplier Group । ଏହା ଅଠଚାଳିଶଟି ଦେଶର ଏକ ଗୋଷ୍ଠୀ, ଯାହାକୁ ଗଠନ କରାଯାଇଥିଲା, ୧୯୭୪ ମସିହାରେ ଭାରତର ପ୍ରଥମ ଆଣବିକ ପରୀକ୍ଷା ପରେ । ସେହିପରି Nuclear Non-Proliferation Treaty ଆରମ୍ଭ କରାଯାଇଥିଲା ୧୯୬୮ ମସିହାରେ । ବର୍ତ୍ତମାନ ଏଥିରେ ୧୯୧ ଟି ଦେଶ ସଦସ୍ୟ ଅଛନ୍ତି । ଉଭୟ ଏନ.ଏସ.ଜି ଓ ଏନ.ପି.ଟି ର ଲକ୍ଷ୍ୟ ହେଉଛି ଆଣବିକ ପଦାର୍ଥର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଓ ପରମାଣୁ ଅସ୍ତ୍ର ବ୍ୟବହାରକୁ ପ୍ରତିରୋଧ । ନିୟମ ଅନୁଯାୟୀ ଏନ.ପି.ଟି ର ଦସ୍ତାବେଜ୍ରେ ସାକ୍ଷର କରିଥିବା ଦେଶ ହିଁ ଏନ.ଏସ.ଜି ର ସଦସ୍ୟ ହୋଇପାରିବ । ଏହାକୁ ଅସ୍ତ୍ର କରି ଚାଇନା, ଏନ.ଏସ.ଜି ରେ ଭାରତର ଅନ୍ତର୍ଭୁକ୍ତିକରଣକୁ ବିରୋଧ କରିଆସୁଛି । କିନ୍ତୁ ସେହି ଚୀନ୍, ପାକିସ୍ତାନକୁ ଏନ.ଏସ.ଜି ରେ ସଦସ୍ୟ କରିବା ପାଇଁ ଚାପ ପକାଇ ଆସୁଛି, ଯଦିଓ ପାକିସ୍ତାନ ଏନ.ପି.ଟି ରେ ସାକ୍ଷର କରିନାହିଁ ।

ଭାରତ ଉଭୟ ଏନ.ପି.ଟି ଓ ଏନ.ଏସ.ଜି ର ସଦସ୍ୟ ନ ହୋଇଥିବା ସତ୍ତ୍ୱେ ଆଣବିକ ଅସ୍ତ୍ରକୁ ନେଇ ସର୍ବଦା ଏକ ଶାନ୍ତ ଭାବମୂର୍ତ୍ତି ରକ୍ଷା କରିଆସିଛି । ଏହି କାରଣରୁ ୨୦୦୮ ମସିହାରେ ଏନ.ଏସ.ଜି ଏହାର ସଭାର୍ବଳୀରୁ ଭାରତକୁ ଏକ ବଡ଼ ଛାଡ଼ ଦେଇଥିଲା । ଏହି ଛାଡ଼ ଅନୁଯାୟୀ ଭାରତ ଏନ.ପି.ଟି ରେ ସାକ୍ଷର ନ କରି ଥିବା ସତ୍ତ୍ୱେ ଆଣବିକ ପଦାର୍ଥର ଆମଦାନୀ ଓ କାରବାର କରିପାରିବ । ଏହା ପରେ ହିଁ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ବେସାମରିକ ଆଣବିକ ଚୁକ୍ତି ସାକ୍ଷରିତ ହୋଇଥିଲା ।

ଆହୁରି ମଧ୍ୟ ଭାରତ ୨୦୦୮ ମସିହାରେ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥାନ ସହ ଏକ ଚୁକ୍ତି ସାକ୍ଷର କରିଥିଲା, ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ନେଇ । ଏନ.ଏସ.ଜି ର ଛାଡ଼, ଆଇ.ଏ.ଇ.ଏ ସହ ଚୁକ୍ତି ଓ ଦ୍ୱିପାକ୍ଷିକ ବାର୍ତ୍ତାଳାପ ମଧ୍ୟରେ ପରିଶେଷରେ ଚଳିତ ବର୍ଷ ଜୁଲାଇ ୯ ରେ, ଭାରତ ଓ ଅଷ୍ଟ୍ରେଲିଆ ୨୦୧୪ ମସିହାରୁ ଶୀତଳଭଣ୍ଡାରରେ ପଡ଼ିରହିଥିବା ବେସାମରିକ ଆଣବିକ ସହଯୋଗ ଚୁକ୍ତିକୁ ଚୂଡ଼ାନ୍ତ କରିଛନ୍ତି । ଏହାଦ୍ୱାରା ଭାରତ ବେସାମରିକ ପ୍ରକ୍ରିୟା ନିମନ୍ତେ ଅବାରିତ ଭାବରେ ଅଷ୍ଟ୍ରେଲିଆରୁ ୟୁରାନିୟମ୍ ଆମଦାନୀ କରିପାରିବ ।

ଭାରତ ଏହାଦ୍ୱାରା ତିନୋଟି କ୍ଷେତ୍ରରେ ଲାଭବାନ୍ ହେବ । ଏହି ତିନୋଟି କ୍ଷେତ୍ର ହେଉଛି ‘‘ପ୍ରତୀକାତ୍ମକ’’, ‘‘ବ୍ୟାବହାରିକ’’ ଓ ‘‘ରଣନୈତିକ’’ । ପ୍ରଥମେ ଆସିବା



ଡା. ରାଜ କିଶୋର ପଣ୍ଡା
ଓଡ଼ିଶା ସାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୪୦୪୨୯୯୭

ପ୍ରତୀକାତ୍ମକ ଦିଗକୁ । ୟୁରାନିୟମ୍ ଦେବା ପାଇଁ ସହମତ ହୋଇ ଅଷ୍ଟ୍ରେଲିଆ, ଭାରତକୁ ଏକ ଦାୟିତ୍ୱବାନ୍ ପରମାଣୁ ରାଷ୍ଟ୍ର ବୋଲି ସ୍ୱୀକାର କରିନେଇଛି । ଯେଉ ଦେଶଗୁଡ଼ିକୁ ଅଷ୍ଟ୍ରେଲିଆ ପୂର୍ବରୁ ୟୁରାନିୟମ୍ ଯୋଗାଇ ଆସୁଛି, ସେମାନେ ହେଉଛନ୍ତି ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଫ୍ରାନ୍ସ, ସୁଇଡେନ୍, ବେଲ୍‌ଜିୟମ୍, ଫିନ୍‌ଲ୍ୟାଣ୍ଡ, ବ୍ରିଟେନ୍ ଓ ଜର୍ମାନୀ । ଭାରତ ବର୍ତ୍ତମାନ ଏହି ଗୋଷ୍ଠୀରେ ସାମିଲ ହେବା ସହିତ ଏନ.ପି.ଟି ର ସଦସ୍ୟ ନ ଥାଇ ବୈଶ୍ୱିକ ପରମାଣୁ ବ୍ୟବସ୍ଥାରେ ନିଜର ସ୍ଥାନକୁ ସୁଦୃଢ଼ କରିପାରିବ ।

ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ, ଏହା ଇନ୍ଧନ ବା ଶକ୍ତି ସୁରକ୍ଷା କ୍ଷେତ୍ରରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଭାରତର ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ବୃହତ୍ । ବର୍ତ୍ତମାନ ଦେଶରେ ୮.୮ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ ହେଉଛି ଓ ନୂଆଦିଲ୍ଲୀର ଆଶା ଅଛି ୨୦୩୧ ସୁଦ୍ଧା ଏହା ବୃଦ୍ଧି ପାଇ ୨୨ ଜିଗାୱାଟ୍ରେ ପହଞ୍ଚିବ ବୋଲି । ଅନ୍ତିମ ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକଶହ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ, ଯାହାକି କଷ୍ଟସାଧ୍ୟ । କେବଳ ଘରୋଇ ୟୁରାନିୟମକୁ ବ୍ୟବହାର କରି ଭାରତ ଏହି ଲକ୍ଷ୍ୟ ହାସଲ କରିପାରିବ ନାହିଁ । ୨୦୦୮ ମସିହାରେ ଏନ.ଏସ.ଜି ତରଫରୁ ଛାଡ଼ ପାଇବା ପୂର୍ବରୁ, ୟୁରାନିୟମ୍ର ଅଭାବରୁ ଭାରତୀୟ ଆଣବିକ ରିଆକ୍ଟରଗୁଡ଼ିକ ପଚାଶ ରୁ ଷାଠିଏ ପ୍ରତିଶତ କ୍ଷମତାରେ ହିଁ କାର୍ଯ୍ୟ କରୁଥିଲେ । ଛାଡ଼ ମିଳିବା ପରେ ଭାରତ ଋଷ୍, ଫ୍ରାନ୍ସ, କାଜାଖସ୍ତାନ୍ ଓ କାନାଡ଼ାରୁ ୟୁରାନିୟମ୍ ଆମଦାନୀ କରିବା ଆରମ୍ଭ କଲା । ବର୍ତ୍ତମାନ ଅଷ୍ଟ୍ରେଲିଆ ଉପରୋକ୍ତ ଦେଶଗୁଡ଼ିକ ସହିତ ସାମିଲ ହେବା ଫଳରେ ଭାରତର ୟୁରାନିୟମ ଆମଦାନୀ କ୍ଷେତ୍ର ବଢ଼ିଯିବ । ବୈଶ୍ୱିକ କମୋଡ଼ିଟି ବଜାର ଓ ଅସ୍ଥିରମୟ ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ସବୁଠାରୁ ବଡ଼ ୟୁରାନିୟମ୍ ଭଣ୍ଡାର ଥିବା ଦେଶ (ଅଷ୍ଟ୍ରେଲିଆ)ରୁ ଆମଦାନୀ କରିବା ଭାରତ ପକ୍ଷରେ ଏକ ଦୀର୍ଘକାଳୀନ ବିଶ୍ୱାସ ଓ ଅଷ୍ଟ୍ରେଲିଆ ପାଇଁ ଦୀର୍ଘସ୍ଥାୟୀ ବଜାର ସୃଷ୍ଟି କରିବ । ଏହି ରାଜିନାମାରେ ସୁରକ୍ଷା ଓ ତଦାରଖର ବ୍ୟବସ୍ଥା ମଧ୍ୟ ସାମିଲ ଅଛି, ଯାହା ହେଉଛି ଅଷ୍ଟ୍ରେଲିଆର ଚିନ୍ତା ଗୁଡ଼ିକର ସମାଧାନ । ଆହୁରି ମଧ୍ୟ ଏହି ଚୁକ୍ତି ଅନୁଯାୟୀ ଅଷ୍ଟ୍ରେଲିଆର ୟୁରାନିୟମ୍ ଉତ୍ତୋଳନକାରୀ ବେସରକାରୀ କମ୍ପାନୀମାନେ, ଭାରତର ବେସରକାରୀ ଆଣବିକ କମ୍ପାନୀ ସହ କାରବାର କରିପାରିବେ । ଭାରତ ସରକାର ଡିସେମ୍ବର ୨୦୨୫ ରେ ବେସରକାରୀ କମ୍ପାନୀମାନଙ୍କୁ ଆଣବିକ କାର୍ଯ୍ୟକ୍ରମରେ ସୁଯୋଗ ଦେବା ପାଇଁ ଶାନ୍ତି ନିୟମର ପ୍ରଣୟନ କରିଛନ୍ତି । ଏହାଦ୍ୱାରା ନିଶ୍ଚିତ ଭାବରେ ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ।

ଶେଷରେ ଆଲୋଚନା କରିବା ରଣନୈତିକ ଦିଗକୁ । ଭାରତର ସ୍ୱଦେଶୀ ‘‘ପ୍ରେସ୍ରାଇଜଡ୍ ହେଭି ୱାଟର ରିଆକ୍ଟର’’ ବ୍ୟାବହାରିକ ଦୃଷ୍ଟିରୁ ଅତ୍ୟନ୍ତ ଉତ୍ତମ ହେଲେ ମଧ୍ୟ ଆକାରରେ ଛୋଟ । ଏଗୁଡ଼ିକର କ୍ଷମତା ହେଉଛି ଯଥାକ୍ରମେ ୨୨୦ଗଡ, ୫୪୦ଗଡ, ୭୦୦ଗଡ । କାର୍ବନର ନିର୍ଗମନ କମାଇବା ଓ ବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଆମକୁ ପ୍ରାନ୍ସ, ଋଷ

ବୁଧବାର ୨।୯।୨୦୨୬
ଅଖଯ
AKHYARA ODISHA ଓଡ଼ିଶା

ତାଜମହଲ ଦର୍ଶନ

ତାଜମହଲ ଯାତ୍ରା ଏତେ ଆଶା, ଏତେ ସ୍ମୃତି ପଟରୁ ସ୍ପଷ୍ଟତା ଏତେ ଉତ୍ସାହ ଜନିତଥିଲା ଯାହା କେବଳ ଆମ ଦୁହିଁଙ୍କ ହୃଦୟ ଭିତରେ ରହିଗଲା। ବିବାହ ପରେ ଜୀବନ ଦାୟିତ୍ୱର ଏପରି ଏକ ଚକ୍ରବ୍ୟୁହରେ ଫସି ଯାଇଥିଲା ଯେ ପତ୍ନୀଙ୍କ ସହିତ ସମୟ ବିତାଇବା, ପରସ୍ପର ଆଖିକୁ ଚାହିଁ କିଛି ମୁହୂର୍ତ୍ତ ଆରାମ କରିବାର ସୁଯୋଗ ନଥିଲା। ପ୍ରଥମେ କ୍ୟାରିୟରର ସଂଘର୍ଷ ତା'ପରେ ପିଲାମାନଙ୍କୁ ପାଳନ ପୋଷଣ ଓ ଘର ଏପରିକି ପରିବାରର ଅଗଣିତ ଜଟିଳତା ସମସ୍ୟା ଭିତରେ ବାନ୍ଧି ହୋଇ ରହିବାକୁ ପଡୁଥିଲା।

ଏସବୁ ମଧ୍ୟରେ ଆମ ଦୁହିଁଙ୍କ ନିଜସ୍ୱ ସପ୍ନ ବୋଲି ଯାହା କିଛି ବହୁତ ପଛରେ ରହିଗଲା। ବର୍ଷ ବର୍ଷ ପରେ ଯେତେବେଳେ ପିଲାମାନଙ୍କର ଶିକ୍ଷା ଟିକେ ବାଟକୁ ଆସିଲା ଓ ଘରର ଦାୟିତ୍ୱରୁ କିଛି ଆଶ୍ୱସ୍ତି ପାଇଲି, ସେତେବେଳେ ଗୋଟିଏ ଦିନ ମୋ ସ୍ତ୍ରୀ ନମିତା ହଠାତ୍ ଚା କପ ଧରି କହିଲେ ଯେ ଜୀବନ ଏମିତି କେତେ ଦିନ ଚାଲିବ ଜାଣିପାରିବି ନାହିଁ। ସେ ଉଦାସ ଭାବରେ କହିଲେ ଯେ ସେ ଥରେ ତାଜମହଲ ଦେଖିବାକୁ ଚାହାଁନ୍ତି। କୁହାଯାଏ ଯେ ସେଠାକୁ ଗଲେ ପ୍ରେମ ଆହୁରି ଅଧିକରୁ ଅଧିକ ଅନୁଭବ ହୁଏ, ଓ ସେ ସେହି ଭାବନାକୁ ସାକାର କରିବା ଚାହୁଁଥିଲେ।

ଯେତେବେଳେ ତାଙ୍କ କଥା ରଖି ଆମ ଗାଡ଼ି ଆଗ୍ରା ସହର ସୀମାରେ ପ୍ରବେଶ କଲା, ସନ୍ଧ୍ୟା ଦୀପ ଜଳିବାକୁ ଲାଗିଲା। ସୂର୍ଯ୍ୟଙ୍କର ଲାଲ ଆଲୋକ ଆକାଶରେ କୁହୁଡ଼ି ଭାସୁଥିଲା। ଗୋଟିଏ ମନୋରମ ସହରର ସଂକୀର୍ଣ୍ଣ ରାସ୍ତାଗୁଡ଼ିକ ପ୍ରବଳ ଭିଡ଼, ଯାନବାହାନର ଶବ୍ଦ ଓ ଧୂଆଁରେ ପରିପୂର୍ଣ୍ଣ ଥିଲା। ଟ୍ରାଫିକ୍ ଭିଡ଼ ଯୋଗୁଁ ଆମ ଗାଡିର ଗତି ବହୁତ ଧୀର ଥିଲା। ଆମର ସବୁଠାରୁ ବଡ଼ ଦୁଃଖ ଥିଲା ଯେ ଆମେ ଏତେ ଦିନ ଧରି ଯୋଜନା କରିଥିବା ତାଜମହଲ ଦେଖିବାର ସମୟ ପ୍ରାୟ ଶେଷ ହୋଇଗଲା ଯେମିତି।

ମୋ ପତ୍ନୀଙ୍କ ହସହସ ମୁହଁଟା ହଠାତ୍ ମଉଳିଗଲା। ତାଙ୍କ ଆଖିରେ ଚମକ ବଦଳରେ ଏକ ଗଭୀର ଦୁଃଖ ଆସିଯାଇଥିଲା। ସେ ଦୁଃଖଭରା ହୃଦୟରେ ପଚାରିଲେ ଯେ ଏତେ ଦୂର ଆସିବା ପରେ ମଧ୍ୟ ଆମକୁ ତାଜମହଲ ନ ଦେଖି ଫେରିବାକୁ ପଡିବ। ମୁଁ ତାଙ୍କର ଏପରି ନିରାଶ ମୁଖ ଦେଖିପାରିଲି ନାହିଁ। ମୁଁ ତୁରନ୍ତ ମନୋଭାବ ହାଲୁକା କରିବା ଓ ତାଙ୍କର ଆଶା ଜାଗ୍ରତ ରଖିବା ପାଇଁ କହିଲି, ରାତି ଏବେ କେଉଁଠି, ଆଜି ଯଦି ତୁମେ ତାଜମହଲ ଦେଖି ପାରୁନାହଁ ତେବେ କଣ ହେଲା, ବରଂ ଆସ ଆଜି ସନ୍ଧ୍ୟାରେ ଆଗ୍ରାର ଲାଲକିଲ୍ଲା ଦେଖିବା, କାଲି ସକାଳେ ଆରାମରେ ତାଜମହଲ ଦେଖିବାକୁ ଯିବା।

ଆମେ ଶୀଘ୍ର ଆମର ଗାଡ଼ି ପାର୍କ କରି ଆଗ୍ରା ଦୁର୍ଗ ଆଡ଼କୁ ଯାତ୍ରା କଲୁ। ରାସ୍ତାରେ ପୁରୁଣା କୋଠା, ଭିଡ଼ ସଜ୍ଜିତ ବଜାର ଓ ଦେଶ ବିଦେଶରୁ ଆସିଥିବା ପର୍ଯ୍ୟଟକଙ୍କ ଶବ୍ଦ ଦେଖି ଆଗ୍ରା ସହର ଏକ ଭିନ୍ନ ଐତିହାସିକ ରଙ୍ଗ ଅନୁଭବ କଲା। ସବୁଠି ଏକ ଅଦ୍ଭୁତ ଗତି ଥିଲା। କିନ୍ତୁ ଯେତେବେଳେ ଆମେ ଦୁର୍ଗର ବିଶାଳ ମୁଖ୍ୟ ଫାଟକ ପାଖରେ ପହଞ୍ଚିଲୁ, ସୂର୍ଯ୍ୟ ସମ୍ପୂର୍ଣ୍ଣ ଅସ୍ତ ହୋଇଯାଇଥିଲା ଓ ଚାରିଆଡ଼େ ନୀରବତା ଲାଗିରହି ଥିଲା। ସେହି ଲାଲ ପଥର ଦୁର୍ଗର ଭାରୀ ଲୁହା ଦ୍ୱାର ବନ୍ଦ ହୋଇଯାଇଥିଲା। ସେଠାରେ ନିୟୋଜିତ ପ୍ରହରୀ ଆମକୁ ଦୂରରୁ ହାତ ହଲାଇ ଫେରିଯିବାକୁ ଇଙ୍ଗିତ କଲେ।

ମୋ ପତ୍ନୀ ସମ୍ପୂର୍ଣ୍ଣ ନିରାଶ ହୋଇଗଲେ ଓ ଏକ ଲମ୍ବା ନିଶ୍ୱାସ ନେଇ କହିଲେ ଯେ ଆଜି ଆମର ଭାଗ୍ୟ ଖରାପ, କିଛି ଦେଖିବାକୁ ହେଉନାହିଁ। ମୁଁ ମଧ୍ୟ ଭିତରେ ବହୁତ ଦୁଃଖିତ ହେଉଥିଲି, କିନ୍ତୁ ତାହା ଦେଖାଇବାକୁ ଚାହୁଁନଥିଲି। ମୁଁ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ କିଛି ଶବ୍ଦ ଖୋଜୁଥିଲି, ଠିକ୍ ସେତିକିବେଳେ ଦୁର୍ଗ ବାହାରେ ଠିଆ ହୋଇଥିବା ଦୁଇ କିମ୍ବା ତିନି ଜଣ ଲୋକ ଆମ ଆଡ଼କୁ ବହୁତ ଆରାମରେ ଚାଲି ଆସିଲେ। ସେମାନଙ୍କ ମୁହଁରେ କେମିତି ବିକୃତିଆ ହସ ଖେଳିଯାଉଲା।

ସେମାନଙ୍କ ମଧ୍ୟରୁ ଜଣେ ବହୁତ ଥର ଗଳାଖାସି ମଧୁର ସରରେ କହିଲା ଯେ ମହାଶୟ, ଆପଣ ପ୍ରଥମ ଥର ପାଇଁ ଆଗ୍ରା ଆସିଛନ୍ତି। ମୁଁ କିଛି ନ ଭାବି କେବଳ ହଁ କହିଲି। ଗୋଟିଏ ମୁହୂର୍ତ୍ତରେ ଗଭୀର ବୋଲା ହୁଏ ବୋଲା କି କୋଇ ବାତ ନୁହେଁ ସାର୍, ଆପଣ ନିରାଶ କାହିଁକି, ଆଗ୍ରାରେ ରାତି କେ ବକ୍ତ ହି ଅତା ହେରେ ପ୍ରକୃତ ମଜା। ସେ ଆକାଶ ଆଡ଼କୁ ଇଙ୍ଗିତ କରି କହିଲା ଯେ ଆଜି ଏକ ଚାନ୍ଦିନୀ ରାତି ହେବାକୁ ଯାଉଛି, ପଛରୁ ତାଜମହଲର ଦୃଶ୍ୟ ଏପରି ଯେ ଲୋକମାନେ ଆଖି ପିଛୁଳାକେ ଭୁଲିଯାଆନ୍ତି।

ତାଙ୍କର ଅନ୍ୟ ସାଥୀ ଆହୁରି ବିସ୍ତାରିତ ଭାବରେ କହିଲେ ଯେ ଆମେ ଏଠାରେ ପର୍ଯ୍ୟଟନ ବିଭାଗ ପାଇଁ କାମ କରୁ। ଯଦି ତୁମେ ଦୁହେଁ ଚାହୁଁଛ, ତେବେ ଆମେ ତୁମକୁ ଏକ ବଡ଼ ସ୍ଥାନରୁ ତାଜମହଲ ଦେଖାଇବୁ ଯେଉଁଠାରୁ ସମଗ୍ର ଦୃଶ୍ୟ ସ୍ପଷ୍ଟ ହେବ ଓ ଭିଡ଼ର କୌଣସି ଅସୁବିଧା ହେବ ନାହିଁ।

ତାଙ୍କ କଥାରେ ଏତେ ଆତ୍ମବିଶ୍ୱାସ ଓ ଦୃଢ଼ ବିଶ୍ୱାସ ଥିଲା ଯେ ଆମର ତାଙ୍କ ଉଦ୍ଦେଶ୍ୟ ଉପରେ କୌଣସି ସନ୍ଦେହ ନଥିଲା। ସେ ନିଜକୁ ଏତେ ସାଭାବିକ ଓ ବୃତ୍ତିଗତ ଭାବରେ ଆମ ସମ୍ମୁଖରେ ଉପସ୍ଥାପନ କଲେ ଯେ ଆମେ ଭାବିଲୁ ଯେ ସେ ନିଶ୍ଚୟ ସେଠାକାର ଦୁର୍ଗର ଜଣେ କର୍ମଚାରୀ କିମ୍ବା ପର୍ଯ୍ୟଟକଙ୍କୁ ସାହାଯ୍ୟ କରୁଥିବା ପର୍ଯ୍ୟଟନ ବିଭାଗର ଜଣେ କର୍ମଚାରୀ।

ତାଜମହଲ ଦେଖି ନ ପାରିବାରୁ ବହୁତ ନିରାଶ ହୋଇଥିବା ମୋ ସ୍ତ୍ରୀ ଆଶାବାଦୀ ଆଖିରେ ମୋ ଆଡ଼କୁ ଚାହିଁ ଧୀରେ ଧୀରେ ପଚାରିଲେ କ'ଣ ହେଉଛି ? ମୁଁ ଚାରିପାଖକୁ ଚାହିଁଲି । ସେଠାରେ ଆଉ କିଛି ସ୍ଥାନୀୟ ଲୋକ ମଧ୍ୟ ଠିଆ ହୋଇଥିବାର ଦେଖାଗଲା ଓ ରାସ୍ତାରେ ଯାନବାହାନ ଚଳାଚଳ କରୁଥିଲା। ପରିବେଶଟି ବହୁତ ସାଭାବିକ ଓ ନିରାପଦ ମନେ ହେଉଥିଲା।

ମୁଁ ନମିତାର ଖୁସି ପାଇଁ ସେମାନଙ୍କୁ ଭରଣା କଲି। ନମିତା ଏହି ସବୁ କଥା ବହୁତ ଧ୍ୟାନ ଓ କୌତୁହଳ ସହିତ ଶୁଣୁଥିଲେ। ସେ ପ୍ରକୃତରେ ଖୁସି ଦେଖାଯାଉଥିଲେ। ହୁଏତ ସେ ଅନୁଭବ କରିଥିଲେ ଯେ ଆମର ଅପୂର୍ଣ୍ଣ ଓ ନିରାଶାଜନକ ସନ୍ଧ୍ୟା ଏବେ ଅତ୍ୟନ୍ତ ବିଶେଷ ଓ ସ୍ମରଣୀୟ ସନ୍ଧ୍ୟାରେ ପରିଣତ ହେବାକୁ ଯାଉଛି।

କିନ୍ତୁ ଧୀରେ ଧୀରେ ଆମେ ମୁଖ୍ୟ ଓ ଉଜ୍ଜ୍ୱଳ ରାସ୍ତାରୁ ଦୂରେଇ ଗଲୁ। ସାମ୍ନାରେ ଏକ ପୁରୁଣା ଓ ନିର୍ଜନ ଉଦ୍ୟାନ ପରି ଅଞ୍ଚଳ ଥିଲା। ସେଠାକାର ଲୋକଙ୍କ ସର ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା। ଦୂରରେ ଜଳୁଥିବା ରାସ୍ତା ଆଲୋକର କ୍ଷୀଣ ଆଭା ଥିଲା। ଗଛଗୁଡ଼ିକର ଲମ୍ବା ଓ ଭୟଙ୍କର ଛାଇ ଜାଲ ପରି ଭୂମି ଉପରେ ବିସ୍ତାର କରିଥିଲା।

ଶୀତଳ ବାୟୁରେ ଏକ ଅଦ୍ଭୁତ ଭାରୀ ନୀରବତା ଥିଲା ଯାହା ଆମ ଉଭୟଙ୍କ ହୃଦୟରେ ଏକପ୍ରକାର ଭୟ ସୃଷ ି କରୁଥିଲା। କିଛି ସମୟ ପାଇଁ ମୁଁ ମୋ ମନରେ ଟିକେ ଅସ୍ତି ଅନୁଭବ କଲି। ମୁଁ ଅଟକିଗଲି ଓ ସେହି ଗାଇଡକୁ ପଚାରିଲି ଆଉ କେତେ ଆଗକୁ ଯିବା ? ସେ ପୁଣି ଥରେ ସମାନ୍ୟ ହସ ସହିତ କହିଲା ଯେ ସାର୍, ଏହା କେବଳ ଦୁଇ ମିନିଟ୍‌ର କଥା ଆପଣଙ୍କ ସମ୍ମୁଖରେ ସେହି ସବୁଜ ପାହାଡର ପୂର୍ଣ୍ଣ ମୁକୁଟ ଦେଖାଯିବ।

ସେତେବେଳକୁ ବହୁ ଦୂରକୁ ଘନ ଅନ୍ଧାର ବ୍ୟାପି ଯାଇଥିଲା। ସହରର କୋଳାହଳ ଓ ମୃଦୁ ଆଲୋକ ବହୁ ପଛରେ ପଡ଼ି ଯାଇଥିଲା। ହଠାତ୍ ମୁଁ ଅନୁଭବ କଲି ଯେ ଚାରିପାଖର ପରିବେଶ ଆବଶ୍ୟକତା ଠାରୁ ଅଧିକ ଭୟଙ୍କର ହୋଇ ଉଠୁଛି। ପକ୍ଷୀଙ୍କ ସର ଶବ୍ଦ ମଧ୍ୟ ଏଠାକୁ ଆସୁନଥିଲା। ତା'ପରେ ପଛରୁ ଶୁଖିଲା ପତ୍ରର ଶବ୍ଦ ଓ ଭାରୀ ପାଦ ଶବ୍ଦ ଶୁଭିଲା।

ଆମେ ଆଶ୍ଚର୍ଯ୍ୟ ହୋଇ ପଛକୁ ଚାହିଁଲୁ। ଚାରି ପାଞ୍ଚ ଜଣ ମୁଖା ପିନ୍ଧି ଥିବା ଲୋକ ଅନ୍ଧାର ପାର କରି ଦ୍ରୁତ ଗତିରେ ଆମ ଆଡ଼କୁ ଆସୁଥିଲେ। ତାଙ୍କ ହାତରେ ବନ୍ଧୁକ ଓ ଶକ୍ତ ବାଡ଼ି ଥିଲା। ସେମାନଙ୍କ ମୁହଁରେ ଏକ ନିଷ୍ଠୁର କଠୋରତା ଓ ସେମାନଙ୍କ ଆଖିରେ କେହି ଜଣେ ଥିଲେ।

ଭୋକିଲା ପଶୁମାନଙ୍କ ପରି ବିପଦପୂର୍ଣ୍ଣ ଯୋଜନା ମୋତେ ଦୃଶ୍ୟମାନ ହେଉଥିଲା। ପ୍ରକୃତରେ ପତ୍ନୀ ଭୟଭୀତ ହୋଇଗଲେ ଓ ଥରି ଥରି ମୋ ପାଖକୁ ଆସିଲେ। ସେ ମୋ ହାତକୁ ବହୁତ ଜୋରରେ ଧରିଲା। କିଛି ସେକେଣ୍ଡ ମଧ୍ୟରେ ପାଞ୍ଚ ଜଣ ଲୋକ ଆମକୁ ଘେରିଗଲେ। ଆମର ପଳାୟନର ପ୍ରତ୍ୟେକ ରାସ୍ତା ବନ୍ଦ ହୋଇଗଲା।

ସେମାନଙ୍କର ନେତା ପରି ମନେ ହେଉଥିବା ସମସ୍ତ ଲୋକଙ୍କ ମଧ୍ୟରୁ ଜଣେ ମୋ ଆଗରେ ଠିଆ ହୋଇଥିଲେ। ତାଙ୍କର ଲାଲ ଆଖି ସିଧା ନମିତା ଙ୍କ ଅଳଙ୍କାର, ଆମର ପକେଟ ଓ ଆମର ଲଗେଜ ଉପରେ ସ୍ଥିର ଥିଲା। ସେ ଲୋକଟି ଆମକୁ ବହୁତ କଠୋର କର୍କଶ ସରରେ ପଚାରିଲା, ତୁମେ କେଉଁଠାରୁ ଆସିଛ ?

ମୁଁ କୌଣସି ପ୍ରକାରେ ମୋର ଭୟକୁ ଲୁଚାଇ ଉତ୍ତର ଦେଲି ଯେ ଆମେ ଓଡ଼ିଶାରୁ ଆସିଛୁ। ସେ ଆଉ ଗୋଟିଏ ପାଦ ଆଗକୁ ଯାଇ ବୋଲା କି କ୍ୟା କରତେ ହୋ ତୁମ । ତାଙ୍କ ସର ପ୍ରଶ୍ନ କମ୍ ଓ ଏକ ବିରାଟ ଧମକ ଅଧିକ ଥିଲା। ସେହି ମୁହୂର୍ତ୍ତରେ ମୋ ମନରେ ଏକ ବିଜୁଳି ଚମକି ଉଠିଲା ଓ ମୁଁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିଲି ଯେ ଆମେ ଏକ ଭୟଙ୍କର ଫାଶରେ ପଡ଼ିଯାଇଛୁ।



ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫

ଏହି ଲୋକମାନେ ଲୁଟପାଟ କିମ୍ବା ଆହୁରି ଖରାପ କିଛି ଉଦ୍ଦେଶ୍ୟ ନେଇ ଆସିଥିବେ ଭାବି ମୁଁ ମୋର ସମସ୍ତ ମାନସିକ ଶକ୍ତି ସଂଗ୍ରହ କଲି। ଆଖି ପକାଇ ଜଗନ୍ନାଥଙ୍କୁ ସ୍ମରଣ କଲି ଓ ମୁଁ ସିଧା ସେହି ମୁଚ୍ଛାଧାରୀ ମୁଖ୍ୟଙ୍କ ଆଖିକୁ ଚାହିଁଲି ଓ ଏକ ଦୃଢ଼ ଓ କଠୋର ସରରେ କହିଲି ଯେ ମୁଁ ଜଣେ ସୈନିକ। ଜାମ୍ମୁ କାଶ୍ମୀରର ବର୍ଡରରେ ପହରା ଦେଇ କିଛି ଦିନ ଛୁଟି କାଟିବାକୁ ଆସିଛି।

ମୋ ମୁହଁରୁ ବାହାରୁଥିବା ଏହି ଶବ୍ଦଗୁଡ଼ିକ ପରିବେଶ ଓ ପବନକୁ ବଦଳାଇ ଦେଇଥିଲା। ହଠାତ୍ ଲୁଟିବାକୁ ଆସିଥିବା ଲୋକଙ୍କ ମୁହଁରେ ଏକ ଗଭୀର ଉତ୍ତେଜନା ଓ ଦ୍ୱନ୍ଦ୍ୱ ଦେଖାଦେଲା। ଭୟଙ୍କର ଦେଖାଯାଉଥିବା ବ୍ୟକ୍ତିଙ୍କ ଆଖିରେ ଥିବା କଠୋରତା ଓ ଶିକାରର ଚମକ ଗୋଟିଏ ମୁହୂର୍ତ୍ତରେ ଫିକା ପଡ଼ିଗଲା।

ସେ ଭୟଭୀତ ହୋଇ ତାଙ୍କ ସାଥୀମାନଙ୍କୁ ଦେଖିଲେ। ପଛରେ ଠିଆ ହୋଇଥିବା ଜଣେ ସୈନିକ ଟିକେ ବିଭ୍ରାନ୍ତ ସରରେ ଧୀରେ ଧୀରେ ପଚାରିଲେ, 'ତୁମେ ସେନାରେ ଅଛ ଏହା କ'ଣ ସତ୍ୟ ?' ମୁଁ ସମାନ ଆତ୍ମବିଶ୍ୱାସ ଓ ଦୃଢ଼ତାରେ ମୋର ଛାତି ଫୁଲେଇ କହିଲି ଯେ ହଁ, ମୁଁ ସେନାରେ ଅଛି ଓ ଛୁଟି ନେବା ପରେ ସିଧା ଏଠାକୁ ଆସିଛି।

ପରବର୍ତ୍ତୀ କିଛି ସେକେଣ୍ଡ ପାଇଁ ଏକ ଅତ୍ୟନ୍ତ ଅସ୍ତିକର ଓ ନୀରବତା ଥିଲା। ମଳୟ ବାୟୁରେ ଉତ୍ତେଜନା ଜମାଟ ବାନ୍ଧିଥିବା ବରଫ ପରି ତରଳି ଯାଉ ଥିଲା। ତା'ପରେ ମୁଁ ଦେଖିଲି ଯେ ଯେଉଁମାନେ ଏପର୍ଯ୍ୟନ୍ତ ଆମକୁ ନିଜର ଶିକାର ଭାବରେ ଘେରି ରହିଥିଲେ, ସେମାନେ ଧୀରେ ଧୀରେ ସେମାନଙ୍କ ପାଦ ପଛକୁ ଫେରିବାକୁ ଲାଗିଲେ।

ତାଙ୍କର ମୁହଁ ଆଉ ପୂର୍ବ ପରି ନିଷ୍ଠୁର ନଥିଲା। କିଛି ନ କହି, ଦାଢ଼ି ରଖିଥିବା ଲୋକଟି ବୁଲିପଡ଼ି ଅନ୍ଧାର ଭିତରକୁ ଶୀଘ୍ର ଚାଲିଗଲା। ତାଙ୍କୁ ଯିବାର ଦେଖି, ଅନ୍ୟ ଚାରିଜଣ ମଧ୍ୟ କୌଣସି ଶବ୍ଦ ନକରି ଅନ୍ଧାରରେ ତାଙ୍କ ପଛରେ ଖସିଯିବା ଆରମ୍ଭ କଲେ। କିଛି ମୁହୂର୍ତ୍ତ ମଧ୍ୟରେ ସେମାନେ ସମସ୍ତେ ସେହି ଭୟଙ୍କର ନୀରବତା ମଧ୍ୟରେ କୌଣସି ସ୍ଥାନରେ ଅଦୃଶ୍ୟ ହୋଇଗଲେ।

କିନ୍ତୁ ସେ ହିଁ ଥିଲେ ଗାଇଡ୍ ଯିଏ ଆମକୁ ଏହି ମୃତ୍ୟୁର କୂଅ ପାଖକୁ ନେଇ ଆସିଥିଲେ। ସେ ଏବେ ବି ଆମ ପାଖରେ ଠିଆ ହୋଇଥିଲେ। ତାଙ୍କର ସେ ପୂର୍ବ ହସ ଏବେ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା ଓ ତାଙ୍କ ମୁହଁରେ କଳା ଦାଗ କିଏ ଯେମିତି ବୋଳି ଦେଇଥିଲା।

କିନ୍ତୁ ସେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ମାମଲାକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ। ସେ ଅଟଳ ହୋଇ କହିଲେ ଯେ ହେ ମହାଶୟ, ଆପଣ ଭୁଲ ବୁଝିପାରିଲେ, ଏଠାରେ କୌଣସି ବିପଦ ନାହିଁ, ଆମେ ଆପଣଙ୍କୁ ମୁକୁଟ ଦେଖାଇବା ପାଇଁ ଆଣିଥିଲୁ, ସେହି ଲୋକମାନେ ନିଶ୍ଚୟ ଏଠାରୁ ଏହିପରି ଯାଉଥିବେ। ତାଙ୍କ କମ୍ପିତ କଣ୍ଠରେ ତାଙ୍କର ମିଛ ଓ ତାଙ୍କର ଭୟଭୀତତା ସ୍ପଷ୍ଟ ଥିଲା।

ମୁଁ ମୋର ପତ୍ନୀ ନମିତାଙ୍କୁ ଧରି ତୁରନ୍ତ ସେଠାରୁ ବୁଲି ମୁଖ୍ୟ ରାସ୍ତା ଆଡ଼କୁ ସିଧା ସିଡ଼ି ଦେଇ ଓହ୍ଲାଇବା ଆରମ୍ଭ କଲି। ସତରେ ଆମେ ଦୁହେଁ ଏତେ ଭୟରେ ଥିଲୁ ଯେ ପଛକୁ ଚାହିଁବାକୁ ସାହସ କଲୁ ନାହିଁ। ରାସ୍ତାରେ ଶୁଖିଲା ପତ୍ରର ପ୍ରତ୍ୟେକ ଶବ୍ଦ ଓ ପବନର ଝଡ଼କୁ ମନେ ହେଉଥିଲା ଯେ କେହି ପୁଣି ପଛରୁ ଆମ ଆଡ଼କୁ ଆସୁଛି। ଆସିବା ସମୟରେ ଯେଉଁ ରାସ୍ତା ଏତେ ଛୋଟ ମନେ ହେଉଥିଲା, ତାହା ଆଉ ଶେଷ ହେବାର ନାମ ନେଉନଥିଲା। କିଛି ଦୂର ପର୍ଯ୍ୟନ୍ତ ଅସ୍ଥିର ଭାବରେ ଚାଲିବା ପରେ ଆମେ ଶେଷରେ ମୁଖ୍ୟ ରାସ୍ତାର ସେହି ହଳଦିଆ ଆଲୋକ ଦେଖିଲୁ। ସେଠାରେ ପହଞ୍ଚିବା ପରେ ଆମେ ଦେଖିଲୁ ଯେ ଦୁଇ ତିନୋଟି ଅଟୋ ରିକ୍ସା ଠିଆ ହୋଇଛି ଓ କିଛି ଲୋକ ବ୍ୟସ୍ତ ଅଛନ୍ତି। ସେହି ଆଲୋକ ଦେଖି ଆମର ହୃଦୟ ଜୀବନ ପଶିଲା ଓ ହୃଦୟର ସ୍ପନ୍ଦନ ସାଭାବିକ ହୋଇଗଲା। ଗାଡ଼ିରେ ବସିବା ପରେ ମଧ୍ୟ ମୋ ସ୍ତ୍ରୀ'ର ଶରୀର ଲଗାତାର ଥରୁଥିଲା। ମୁଁ ତାଙ୍କୁ ମୋ ପାଖକୁ ଟାଣି ତାଙ୍କ ହାତକୁ ଜୋରରେ ଧରିଲି। କିଛି ସମୟ ପରେ ତାଙ୍କ ଧୈର୍ଯ୍ୟ ଭାଙ୍ଗିଗଲା ଓ ତାଙ୍କ ଆଖିରୁ ଲୁହ ବହିଗଲା। ସେ ମୋତେ ଲୁହରେ ପଚାରିଲେ ଯେ ଆଜି ଏଠାରେ ସତରେ କିଛି ଘଟେ, ଆମ ପିଲାମାନଙ୍କ ଓ ଆମ ପିଲାମାନଙ୍କ ସହିତ କ'ଣ ହେବ। ମୋ ପାଖରେ ସେହି ଭୟଙ୍କର ପ୍ରଶ୍ନର କୌଣସି ଉତ୍ତର ନଥିଲା। ' ମୁଁ ଚୁପଚାପ୍ ତାଙ୍କୁ ଟାଣି ଆଣି ଗାଡ଼ି ପାଖକୁ ଦୌଡ଼ି ପଳାଇଆସିଲି। ଅନ୍ଧାର ସହରକୁ ଚାହିଁ, ସେହି ଭୟଙ୍କର ଦୃଶ୍ୟଟି ମୋ ମନରେ ସିନେମା ପରି ବାରମ୍ବାର ଖେଳୁଥିଲା।

ସେହି ରାତିରେ ହୋଟେଲର ସେଫ୍ ରୁମରେ ପହଞ୍ଚିବା ପରେ ମଧ୍ୟ, ଆମ ଦୁହିଁଙ୍କୁ ଗୋଟିଏ ମୁହୂର୍ତ୍ତର ନିଦ ଆସିଲା ନାହିଁ। ସାରା ରାତି ବାହାର ରାସ୍ତାରେ ଗାଡ଼ିଗୁଡ଼ିକର ଶବ୍ଦ ଶୁଭୁଥିଲା ଓ ପ୍ରତ୍ୟେକ ଛୋଟ ଛୋଟ ଶବ୍ଦରେ ଆମେ ଅନୁଭବ କରୁଥିଲୁ ଯେପରି କେହି ଜଣେ ଆମ ରୁମର ଦ୍ୱାରକୁ ଠକ୍ ଠକ୍ କରୁଛି କିମ୍ବା ଭାଙ୍ଗିବାକୁ ଚେଷ୍ଟା କରୁଛି। ଭୟରେ କମ୍ପୁ ଥିବା ନମିତା ମୋ ଛାତିରେ ତାଙ୍କ ମୁକୁଳା କେଶକୁ ବିଛାଡି ଦେଇ ଓଠରେ ଓଠ ରଖି ତାଙ୍କ ବାହୁବନ୍ଧନରେ ଜାବୁଡ଼ି ଧରି ଆଶ୍ରୟ ଖୋଜୁଥିଲେ। ଟିକିଏ ମୁରୁକି ହସି ତାଙ୍କୁ ଯେମିତି ମୁଁ କହୁଥିଲି ଶାହାଜାହାନ ମମତାଜଙ୍କ ଅମର ପ୍ରେମ କାହାଣୀ କେତେ ସତ ସତେ।

ପରଦିନ ସକାଳେ, ଯେତେବେଳେ ସୂର୍ଯ୍ୟ ଆକାଶରେ ସମ୍ପୂର୍ଣ୍ଣ ଉଦୟ ହେଲା ଓ ସହର ଆଲୋକିତ ହୋଇଗଲା, ଆମ ମନରେ ଥିବା ଭୟ ଟିକେ ଶାନ୍ତ ହୋଇଗଲା। ଶେଷରେ ଆମେ ଆମର ଯୋଜନା ଅନୁସାରେ ତାଜମହଲ ଦେଖିବାକୁ ଗଲୁ। ନୀଳ ଆକାଶ ତଳେ ଧଳା ମାର୍ବଲ ଉପରେ ପଡ଼ିଥିବା ପୁନା ସକାଳର ସୂର୍ଯ୍ୟ ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଓ ଯାଦୁକରୀ ଥିଲା। ଅପୂର୍ବ ଦୃଶ୍ୟ ସର୍ଗ ପରି ଥିଲା। କିନ୍ତୁ ପୂର୍ବ ରାତିର ସେହି ଭୟଙ୍କର ଭୟ ଆମ ଭିତରେ ବଞ୍ଚି ରହିଥିଲା।

ତାଜମହଲର ନିର୍ମଳ ସୌନ୍ଦର୍ଯ୍ୟକୁ ବହୁତ ସମୟ ଧରି ଦେଖିବା ପରେ, ମୋ ସ୍ତ୍ରୀ ବହୁତ କ୍ଷୀଣ ସରରେ କହିଲେ ଯେ ଜୀବନ ଏତେ ଅଦ୍ଭୁତ, କେତେବେଳେ ଜଣେ ବ୍ୟକ୍ତି ଦୁନିଆର ସବୁଠାରୁ ସୁନ୍ଦର ସୌନ୍ଦର୍ଯ୍ୟ ଦେଖିବାକୁ ବାହାରକୁ ଯାଏ ଓ ହଠାତ୍ ସେ ଦୁନିଆର ସବୁଠାରୁ ଭୟଙ୍କର ମୁହଁ ଦେଖିବାକୁ ପାଏ। ମୁଁ ତାଙ୍କ ଗଭୀର କଥା ଶୁଣିଲି ଓ ସମ୍ପୂର୍ଣ୍ଣ ସହମତିରେ ନୀରବ ରହିଲି।

ଏହି ଭୟଙ୍କର ଘଟଣାକୁ ଅନେକ ବର୍ଷ ବିତିଗଲାଣି। କିନ୍ତୁ ଆଜି ମଧ୍ୟ ଯେତେବେଳେ ମୁଁ ସେହି ରାତି କିମ୍ବା ସେହି ଦୃଶ୍ୟର କଥା କହେ, ମୋର ଆତ୍ମା ଭିତରେ ଥରି ଉଠେ। ମୁଁ ପ୍ରାୟତଃ ଏକା ବସି ଭାବୁଛି ଯେ ଯଦି ସେହି ଭୟଙ୍କର ମୁହୂର୍ତ୍ତରେ ନିଜକୁ ସେନାର ସଦସ୍ୟ ଭାବରେ ପରିଚୟ ଦେବାର ଚିନ୍ତା ମୋ ମନକୁ ଆସି ନ ଥାନ୍ତା, ତେବେ ସେହି ନିଷ୍ଠୁର ଲୋକମାନେ ହୁଏତ ଜାଣି ନ ଥାନ୍ତେ ଯେ ସେମାନେ ଆମ ସହିତ କ'ଣ କରୁଛନ୍ତି, ଆମକୁ ସେମାନଙ୍କର ଅତି ସହଜ ଶିକାର ବୋଲି ମନେ କରି। ସେହି ରାତିରେ ମୁଁ ମୃତ୍ୟୁର ଭୟକୁ ଏତେ ନିକଟରୁ ଦେଖି ନଥିଲି କାରଣ ମୁଁ ଅନୁଭବ କରିଥିଲି ଯେ ଆମ ଦେଶରେ, ଭାରତୀୟ ସେନାର ୟୁନିଫର୍ମ କେବଳ ଏକ ପୋଷାକ ନୁହେଁ, ବରଂ ସାଧାରଣ ନାଗରିକଙ୍କ ଅଟଳ ବିଶ୍ୱାସର ଦ୍ୱିତୀୟ ନାମ। ଏହା ଏକ ସମ୍ମାନ ଯାହା ଆଗରେ ଅପରାଧୀମାନେ ମଧ୍ୟ ଥରି ଉଠନ୍ତି। ଅନେକ ଥର ଭାବିଛି ସତରେ ଜଣେ ଅସହାୟ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଶକ୍ତ

ମୃତ୍ୟୁ



ଶୁଭକାନ୍ତ ବେହେରା
ଜଗତସିଂହପୁର

ମୃତ୍ୟ ଗୋଟେ ନିର୍ଦ୍ଦୟ ଋତୁର ନାଁ,
ସେ ଯେ କେବେ ଆସି ସାଉଁଟି ଦେଇଯାଏ,
କାହା ଜୀବନରେ କେତେ କଳାବଉଦ ଆଉ,
କେତେ ଟାଣ ଖରା
ତା କେହି ଜାଣେନା ।

ମୃତ୍ୟୁ ଗୋଟେ ଅଭିଶପ୍ତ ଉପନ୍ୟାସର ନାଁ,
ଯାହାର ମାୟାବିନୀ ନାୟିକାର,
ଭ୍ରମିତ ସୁରାକୁ ସଭିଏଁ ପାନ କରନ୍ତି,
ହେଲେ କେହି ଜାଣେନା ତା ପରିଚୟ ।

ସତରେ ମୃତ୍ୟୁ ଗୋଟେ ଏମିତି,
ଯାଦୁଗରର ଅବୁଝା ପ୍ରହେଳି,
ଯାହା ଆଗରେ ମଣିଷଜାତିର
ବୃଷଭପଣିଆ ବି କାୟସ୍ତ ।

ଶେଷରେ ମୃତ୍ୟୁ ଗୋଟେ,
ଅଧାଲେଖା କବିତାର ଶେଷପଂକ୍ତି,
ଯାହାବିନା କବିତାଟି ଅସମାପ୍ତ ।

ମନ ଅଗଣାର ଫୁଲ

ନିରଞ୍ଜନ ସାହୁ
ଢେଙ୍କାନାଳ

ମନ ଅଗଣାରେ ଯେତେ ଫୁଲ ଫୁଟେ
ସେସବୁର ଅଛି ମୂଲ
ତାହାରି ଭିତରେ ଯିଏ ମୋ ପସନ୍ଦ
ସିଏ ପରା ଶ୍ରେଷ୍ଠ ଫୁଲ ।

ସେହି ଫୁଲ ପ୍ରତି ଏତେ ଦୁର୍ବଳତା
କାହିଁକି ମନରେ ଆସେ
ସେହି ଫୁଲ ଏତେ ଆକୃଷ୍ଟ କରିକି
ମହମହ କିମ୍ପା ବାସେ
ସେହି ଫୁଲ ସହ ଅନ୍ୟ ଫୁଲମାନେ
କେବେ ନୁହେଁ ସମତୁଲ ।

ସେହି ଫୁଲ ଯେବେ ଫୁଟି ହସୁଥାଏ
ଖୁସି ପଡୁଥାଏ ଝରି
ସେ ଫୁଲ ସାମାନ୍ୟ ମଉଳି ଗଲେ ତ
ମୋ ମନଟା ଯାଏ ମରି
ଅବୁଝା ମନକୁ ବୁଝାଇ କହେ ମୁଁ
' ଫୁଲ ଚାରିପଟେ ବୁଲ । '

ସେ ଫୁଲଟି ଭାରି ସରଳ, କୋମଳ
ନିଷ୍କପଟ ତା'ର ମନ
ସେହି ଫୁଲ ପ୍ରତି ?ଳି ଯାଇଥିବେ
କେତେ ଯେ ପ୍ରେମିକ ଜନ
ସେମାନଙ୍କ ପ୍ରତି ମୋହରି ମନରେ
ଉଦଗୀରଣ ଅଗ୍ନିଝୁଲ ।

ଯଦି କିଏ ମୋତେ କହିଦେବ ଆସି
' ସେ ଫୁଲଟା ମୁହିଁ ନେବି
ମୋ ଘର ଅଗଣା ସୁନ୍ଦର ଭାବରେ
ସେ ଫୁଲେ ସଜେଇ ଦେବି '
ମୁଁ କହିବି ତାକୁ, 'ସପନରେ ସୁଦ୍ଧା
ସେ ଫୁଲକୁ ତୁମେ ଭୁଲ ।'

ସମାଜର କାଠଗଡ଼ାରେ ନାରୀ

ଅମିତ ନାଏକ
ବରଗଡ଼

ମନ୍ଦିରରେ ଦେବୀ ବୋଲି ପୂଜା ପାଏ ଯିଏ,
ଘରେ ସେହି ନାରୀ ଉପରେ ଅତ୍ୟାଚାର କରେ କିଏ ?
ଜନ୍ମ ନେବା ପୂର୍ବରୁ ବି ଡରେ ତାର ଭ୍ରୂଣ,
କନ୍ୟା ହେବା କ'ଣ ସତରେ ତାର ଏକମାତ୍ର ଗୁଣ ବା ଅବଗୁଣ ?

ବାହାରେ ଅସୁରକ୍ଷିତ ରାସ୍ତା, ଘରେ ଯୌତୁକର ନିଆଁ,
ପ୍ରତି ମୋଡ଼ରେ ତା' ଚରିତ୍ରକୁ ଦିଆଯାଏ ଧକ୍କାରର ଛୁଆଁ ।
ପରୁଷବାଦୀ ସମାଜରେ ସେ ସହିଯାଏ ସବୁ ଚାପ,
କହିଲେ କହନ୍ତି 'ଚୁପ୍ ରହ, ସର ଉଠାଇବା ପାପ' ।

ସେବା, ସ୍ନେହ, ମମତା ଦେଇ ବି ପାଏ ସେ ଲାଞ୍ଛନା,
ପ୍ରତି ପାଦରେ ସହିବାକୁ ପଡ଼େ କପଟ ପ୍ରବଞ୍ଚନା ।
ସହନଶୀଳତାକୁ ଦୁର୍ବଳତା ଭାବି କରନାହିଁ ଉପହାସ୍,
ଅତ୍ୟାଚାରର ଅନ୍ତ ପାଇଁ ଆଜି ଦରକାର
ସଚେତନତାର ପ୍ରକାଶ ।

ମଣିଷର ଅଧିକାର ଟିକେ ମାଗୁଛି ଏ ସମାଜ ପାଖେ,
କେବେ ବୁଝିବ ଏ ଦୁନିଆ, ଯନ୍ତ୍ରଣା ତା'
ଛାତିର ପ୍ରତି କୋଣେ ଡାକେ ।

ଜୀବନ ଏକ ଅଧୁରା କବିତା

କବି କେଶବ ଚନ୍ଦ୍ର ନାୟକ
ମାଲକାନଗିରି

କେବେ କେବେ ଗୀତ ଗାଉ ଖୁସିରେ
ଆପଣା ଭିତରେ ଜନ୍ମ ନେଇଥିବା ଭାବକୁ
ନେଇ.....
ଦୁଃଖ ଆଉ କଷ୍ଟକୁ ଦୂର କରେ କବିତା
ସାଙ୍ଗୀତିକ ସର ସାଧନାକୁ ନେଇ..... ! !
କବିତା ସେ ଲିଖିତ ହେଉ କି ଅଲିଖିତ ହେଉ
ଯାହା ସବୁ ଗୁଣୁଗୁଣାଏ କେଉଁ ମୁହୂର୍ତ୍ତରେ....
ସବୁ ଅନ୍ତର ଚେତନାକୁ ଜାଗ୍ରତ କରୁଥିବା ଶବ୍ଦ
ଝରିପଡ଼େ ଓଠରୁ କବିତା-ନିର୍ଝରେ..... ! !
ମୋ କବିତା କିଏ ଶ୍ରବଣ କରୁ କି ନ କରୁ
ସେଥିରେ କିଛି ପ୍ରଶଂସା ସାଉଁଟିବାର ନାହିଁ.....
ମୋ କବିତା କିଏ ବୁଝୁ ଅବା ନ ବୁଝୁ
ମାତୃଭାଷାର କେବେ ଅନ୍ତ ହେବ ନାହିଁ.... ! !
ଜୀବନ ଏକ ଅଧୁରା କବିତା ପରି ଅଛିଣ୍ଡା ଗଣିତ
ମୃତ୍ୟୁ ପର୍ଯ୍ୟନ୍ତ ଶେଷ ହେବାର ନାହିଁ.....
ପୁନର୍ଜନ୍ମ ପାଇଁ କିଛି କିଛି ସଞ୍ଚିତ ହୁଏ ହୃଦୟରେ
ସେ କବିତା କେବେ ସରେ ନାହିଁ..... ! !
କବିତା ବେଳେ ବେଳେ ଧରିତ୍ରୀରୁ ଆରମ୍ଭ ହୋଇ
ଅନନ୍ତ ଆକାଶରେ ପକ୍ଷୀ ପରି ଡେଣା ମେଲେ....
କବିତାର କେବେ ଅନ୍ତ ନାହିଁ ନିରନ୍ତର ଚାଲେ
କିନ୍ତୁ ଜୀବନ ସଳିତା ନିର୍ବାପିତ ହୁଏ
କାଳବଳେ..... ! !
କବିତା କେବେ ସୁରିଲା କବେ ବେସୁରା ଲାଗେ
ହୃଦୟ ଖୋଲି ଗାଇବାରେ ବାରଣ ନାହିଁ.....
ଜୀବନ ଜଞ୍ଜାଳକୁ ପୋଛି ଦେଉଥିବା ସମଗ୍ର କ୍ଲେଶ
ଫୁଲର ମହକ ଠାରୁ କିଛି ନ୍ୟୁନ ନାହିଁ..... ! !

ମହତ୍ୱପୂର୍ଣ୍ଣ..

ମନୋଜ କୁମାର ବେହେରା
ଭୁବନେଶ୍ୱର

ରାସ୍ତା ଉପରେ ଠିଆ ହୋଇକରି
ଯେତବଳେ ତୁମେ ମୋ ସହିତ କଥା ହୋଇଥାଅ
ବହୁତ ଲୋକମାନେ ଆମକୁ
ଅଟକିକରି ଦେଖିବାକୁ ଲାଗିଥାନ୍ତି ।
ଯେତବଳେ ଆମେ ଚାଲିଯାଉ ଥିଲୁ
ନିଜ-ନିଜର ଦିଶାରେ,
ସେମାନେ ସବୁ ମିଶିକରି ଆମର ବିଷୟରେ
ଖୁବ୍ କଥା ହେଇଥାନ୍ତି ଆଉ,
ଜୋର୍-ଜୋରେ ଶୁଭୁଥାଏ ସେମାନଙ୍କର ହସ..
ଆରେ ଆମର କଥା ଏବେ କ'ଣ ପୁରା ହେଇଛି
ଏତିକି ତ କହିଥିଲି କାଲି ପୁଣି ଦେଖା ହେବ,
ଆଉ ଏହି ଜାଗାରେ ।
ଆଉ କରିବା ମନ ଭରି କଥା
ତୁମେ ତ ପ୍ରଥମ ଦେଖାରେ
ବନେଇ ଦେଲ ମୋତେ ଏତେ ମହତ୍ୱପୂର୍ଣ୍ଣ
କ'ଣ ସବୁଦିନେ ଏମିତି ଦେଖା କରିବ
ଜୀବନର ସଡକ ଉପରେ ?

ପ୍ରତିଶ୍ରୁତି

● ଦୀପକ କୁମାର ନାୟକ

ନିର୍ବାଚନବେଳେ ଫୁଟାଣୀରେ
କେତେ
ଦେଇଥିଲୁ ପ୍ରତିଶ୍ରୁତି
ପାଳନ କରିବୁ କହିଥିଲୁ ଆସୁ
ଯେମିତିକା ପରିସ୍ଥିତି ।।
ପ୍ରତ୍ୟେକ ଗାଆଁକୁ ପାଣି
ଯୋଗାଣରେ
ହେଳା କରିବାର ନାହିଁ
ରାସ୍ତାଘାଟ ଆଉ ଚାଷୀର ସମସ୍ୟା
କିଛିବି ରହିବ ନାହିଁ ।।
ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅବହେଳା
କେବେ
କରିବାର ଟିକେ ନାହିଁ
ଆଇନଶୃଙ୍ଖଳା ପରିସ୍ଥିତି ଆମେ
ସଜାଡ଼ିଣ ଦେବୁ ଭାଇ ।।
ପ୍ରତ୍ୟେକ ଲୋକଙ୍କୁ ଆବାସ
ଯୋଜନା
ମଧ୍ୟେ ଯୋଗାଇବୁ ଘର
ଭତ୍ତା ପାଇବାରୁ ବାଦ୍ ପଡିବେନି
କେହିହେଲେ କେବେ ଜାଣ ।।
ବିଦ୍ୟୁତ୍ ସମସ୍ୟା ଉପୁଜିବ ନାହିଁ
ଦେଇଥିଲୁ ପ୍ରତିଶ୍ରୁତି
ଏମିତି ପାଳନ କରିବୁ ବୋଲିକି
କହିଥିଲୁ ଗୋଟି ଗୋଟି ।।
ଦେଖୁ ଦେଖୁ ନିର୍ବାଚନ ଆସିଯିବ
ଆଉବା କେତେଯେ ଦୂର
କିନ୍ତୁ ଦେଇଥିବା ପ୍ରତିଶ୍ରୁତି ଆମ
ହୋଇଲା ପାଣିର ଗାର ।।
କେଉଁ ମୁହଁ ନେଇ ଲୋକଙ୍କ
ପାଖକୁ
ଯିବୁ ଆମେ ନିର୍ବାଚନେ
ଦେଇଥିବା ପ୍ରତିଶ୍ରୁତି ନେଇ ପ୍ରଶ୍ନ
କରିବେ ତ ଜଣେଜଣେ ।।

-ଢ଼େଙ୍କାନାଳ, ହିନ୍ଦୋଳ

ଅଲୋଡା ମଣିଷ

● ପ୍ରତିଭା ଦାଶ

ମଣିଷ ଆଜି ସାର୍ଥବାଦୀ
ପ୍ରତି ମୁହୂର୍ତ୍ତ ଚାହେଁ ନିଜ ଖୁସୀ,
ମାନ. ମର୍ଯ୍ୟାଦା, ପଦବୀ
ସମ୍ପତ୍ତି ପାଇଁ ସମ୍ପର୍କକୁ ମଧ୍ୟ
ଦ୍ୱାହି ଦେଇ ଦିଏ
ଭୁଲି ଯାଏ ସମ୍ପର୍କର ମୂଲ୍ୟ ।
ସାର୍ଥ ହାସଲ କରିବା ପର୍ଯ୍ୟନ୍ତ
ମଣିଷର ସମ୍ପର୍କ ଠିକ୍ ରୁହେ
ସାର୍ଥ ସରିଲେ ବେଦି ମୂହଁ ପୋଡ଼ା ପରି
ମଣିଷକୁ ଅଣଦେଖା କରାଯାଏ ।
ଆଜି ସମାଜରେ ମାଁବାପା ଙ୍କ
କର୍ତ୍ତବ୍ୟ
ସମ୍ପାଦନ ସରିଲା ପରେ
ତାଙ୍କୁ ମଧ୍ୟ ଅଲୋଡ଼ା ମଣିଷ ତୁଲ୍ୟ
ବ୍ୟବହାର ଦେଇ ବୃଦ୍ଧାଶ୍ରମକୁ
ପଠେଇ ଦିଆଯାଉଛି ।
ନା ସେ ନିଜର କର୍ତ୍ତବ୍ୟ ପାଳନ କରୁଛି
ନା ସମ୍ପର୍କ ବଜାୟ ରଖିବାକୁ
ପ୍ରୟାସ କରୁଛି
ତଥାପି ସମାଜରେ ସମ୍ମାନସ୍ପଦ
ମଣିଷ ହେବାର
ହକ୍ ଜାହିର କରୁଛି ।
ତା' ବ୍ୟବହାର ପାଇଁ ତାକୁ
ସମାଜର ଲୋକେ କେମିତି ଘୃଣ୍ୟ
ଚକ୍ଷୁରେ
ନଜର କରନ୍ତି
ନିଜେ ଜାଣି ପାରେନା
ଜାଣିଲେ ମଧ୍ୟ ଆଖିରେ
କଳା ପଟି ବାନ୍ଧି
ନ ଜାଣିଲା ପରି ସଜେଇ ନିଏ
ନିଜକୁ
ଲୋକଙ୍କ ସଙ୍ଗରେ
ମାତ୍ର ଦୁନିଆ ଆଖିରେ ସେ
ହୋଇଯାଏ ଅଲୋଡ଼ା ମଣିଷ ।

ନୂଆପଡ଼ା, ୭୮୯୪୫୨୮୪୯୩

ଫୁଲ ଦସ୍ତା

● ପ୍ରେମ୍ ଲାଲ୍ ସାହୁ

କୁସୁମ ଯତ୍ନ ନିଏ ମାଳି
ଉପବନୁ ଆଣନ୍ତି ତୋଳି
ସଜାଡ଼ି ଦେଲେ ଗୁଚ୍ଛ କରି
ଦିଶିଥାଏ ମୋରି ଅବସ୍ଥା
ମୁଁ ତ ତୁମ ପ୍ରିୟ ଫୁଲ ଦସ୍ତା ।

ସତେଜ ପୁଷ୍ପେ ଗଢ଼ା ଯେ ମୁହିଁ
ବାସ୍ନା ଚଉଦିଗେ ଯାଏ ବହି
ସାଗତେ ତଥା ସମ୍ମାନ କାର୍ଯ୍ୟେ
ଲୋକଙ୍କୁ ଦେଇ ରହିଥାଏ ଆସ୍ଥା
ମୁଁ ତ ତୁମ ପ୍ରିୟ ଫୁଲ ଦସ୍ତା ।

ଚାହିଦା ମୋ ରହିଛି ଏବେ ବେଶୀ
ସବୁଠି ଦେଖାଦିଏ ମୁଁ ହସି ହସି
କିଣିଥାନ୍ତି ଲୋକେ ଅବସ୍ଥା ଦେଖି
କୋଉଠି ମହଙ୍ଗା ତ କୋଉଠି ଶସ୍ତା
ମୁଁ ତ ତୁମ ପ୍ରିୟ ଫୁଲ ଦସ୍ତା ।

କ୍ଷଣ ଯେ ମୋ ଆୟୁ କାଳ
ବଦଳି ଯାଏ ଗୁଣ ଅବା ରୂପ
ଫୋପାଡ଼ି ଦିଅନ୍ତି ଲୋକେ
ଭୁଲି ଯାଆନ୍ତି ମୋର ଗାଥା
ମୁଁ ତ ତୁମ ପ୍ରିୟ ଫୁଲ ଦସ୍ତା

ସାଗତ ସମୟେ ଥାଏ କେତେ ଖୁସି
ହୃଦୟେ ଅଭିମାନ ଆସେ ବେଶୀ
ଜୀବନ ଧନ୍ୟ ବୋଲି ଚିନ୍ତଇ
ଫୋପାଡ଼ିଲା କାଳେ ଲାଗେ ହିନସ୍ତ ।
ମୁଁ ତ ତୁମ ପ୍ରିୟ ଫୁଲ ଦସ୍ତା ।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ
ବିଦ୍ୟାଳୟ ନୂଆପଡା

କାରଣ ନ ଥାଇ

● ଦୀନବନ୍ଧୁ ପୋଇ

କାରଣ ନଥାଇ ଶତ୍ରୁ ଜାତ ହେଲେ
ଜାଣିବ ନିଜକୁ ଭଲ
ଭଲ ଲୋକ ବୋଲି ଅସହ୍ୟ ସେ
ହୋଇ
ବଖାଣେ ଅନ୍ୟଠି ଭେଲ ।
ନିଜକୁ ଚିହ୍ନିଲେ ଅନ୍ୟର ଦୁର୍ଗୁଣ
ଆଖିକୁ ଦୃଶ୍ୟ ନହୁଏ
ସାନଠାରୁ ନିଶ୍ଚ ବଡମାନଙ୍କର
ଏ ଗୁଣ ଯଥେଷ୍ଟ ଥାଏ ।
ଅନ୍ୟ ଘର ଆସି ବନ୍ଧୁତା ବାନ୍ଧିକି
ବିରୁଧେ କର ପ୍ରଚାର
ଚୁଗୁଲି କରି କି ପ୍ରିୟପାତ୍ର ହେବା
ଇଏକି ଭଲ ବିଚାର ।



ନିଜକୁ ଜାଣିଲେ ଚୁଗୁଲି କରିଲେ
ଇଏ ନୁହେଁ ସୁଖ ଦ୍ୱାର
ନିଜର ଦକ୍ଷତା ବଳରେ ନିଶ୍ଚୟ
ମିଳଇ ସୁଖର ଘର ।
ଆମ ଚାରିକାତ ପ୍ରଭୁଙ୍କର ଦତ୍ତ
ଲଗାଇ ଭଲ କାମରେ
ଯଶ ଅରଜନ କରିଗଲେ ଆମେ
ରହିବା ଚିର ଧାମରେ ଓ

ଗୋରଡ଼ାପାଳ, କରମୂଳ,
ଢେଙ୍କାନାଳ
ଦୂରଭାଷ - ୯୯୩୮୮୦୨୪୧୨

ଶିଷ୍ଟାଚାର...

● ରାମଚନ୍ଦ୍ର ବେହେରା

ସାରା ଶିକ୍ଷାଦୀକ୍ଷା ଅଟେ ମୂଲ୍ୟହୀନ
ସୁବିଚାର ଯା'ର ନାହିଁ
ଗୀତା ଭାଗବତ ତୁଣ୍ଡରେ ରହିଲେ
ଧର୍ମକି ମିଳିବ ଭାଇ
ବ୍ୟବହାର ଦିଏ ମାନ
ସହର୍ଷ ବଦନେ ଭାବକୁ ରଖିଲେ
ହସି ଉଠେ ମନ ପ୍ରାଣ ।
ମଧୁର ସଭାବ ବିନମ୍ରତା ଭାବ
ସବୁଠି ଆଦର ପାଏ
ନିଜ ଦୁଃଖ ଭୁଲି ପର ସେବା କଲେ
ଶତ୍ରୁ ଆପଣାର ହୁଏ
ଭରସାଟି ଭଗବାନ
ସନାତନ ଧର୍ମେ ଯେ ଅନୁପ୍ରାଣିତ
ମିଳେ ତାକୁ କୋଟି ପୁଣ୍ୟ ।
ଶୃଙ୍ଖଳାର ଜ୍ଞାନ ଯା'ପରାଣେ ଅଛି
ସେ ଅଟଇ ସାଭିମାନୀ
ମାନବିକତାକୁ ଯେ ଧର୍ମ ଭାବଇ
ସଂସାରେ ସେହି ବିଦ୍ୱାନୀ
ସୃଷ୍ଟିର ସେ ଶ୍ରେଷ୍ଠ ଫଳ
ପିତା ମାତାଙ୍କର ଶୁଭ ଆଶିଷରେ
ଖୁସିରେ କାଟଇ କାଳ ।
ଶିକ୍ଷା ଓ ଦୀକ୍ଷାରେ ମାନବ
ସେବାରେ
ଲୁଚି ରହିଥାଏ ଧର୍ମ
ଗୁରୁ କରିଥାନ୍ତି ଚରିତ୍ର ଗଠନ
ମାନ ଦିଏ ନିଜ କର୍ମ
ମୃତ୍ୟୁଲୋକ ପରା ଏହି
ଅଭିନୟ ସାରି ଚାଲିଯିବା ସର୍ବେ
ଶିଷ୍ଟାଚାର ଥିବ ରହି ।
ସତ୍ୟ କର୍ମ କରି ସୁପଥେ ଚାଲିଲେ
ଜଗନ୍ନାଥ ହେବେ ସାହା
କୋମଳ ବଚନ ନମ୍ର ଆଚରଣ
ଜୀବନକୁ ଦେବ ରାହା
ଅହଂକାର ହେବ ମୁକ୍ତ
ସ୍ନେହ ଶ୍ରଦ୍ଧା ପ୍ରୀତି ଐଶ୍ୱରୀୟ ଭକ୍ତି
ହୃଦୟେ ହୋଇବ ଜାତ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୪୫୬୩୪୩୪୬

ଆମ ମାଟି, ଆମ ସମୁଦ୍ର ଓ ଆମ ଚାଷୀଙ୍କୁ ନୂଆ ପ୍ରତିଶ୍ରୁତି



ସୌଭାଗ୍ୟ ରଞ୍ଜନ ମହାନ୍ତି
ପ୍ଲଟ ନଂ-୫୮/୩୪୮୧,
ଗଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ଼-୭୫୧୦୦୨
ମୋ- ୯୪୩୭୯୯୪୩୭୯

ଆଜି ବିଶ୍ୱ ନଡ଼ିଆ ଦିବସ । ଏହି ଦିନଟି କେବଳ ଏକ ଫଳ, ଏକ ଗଛ କିମ୍ବା ଏକ କୃଷିଜାତ ଦ୍ରବ୍ୟକୁ ସ୍ମରଣ କରିବାର ଦିନ ନୁହେଁ, ଏହା ଆମ ମାଟିର ସ୍ମୃତି, ଆମ ଗାଁର ଅର୍ଥନୀତି, ଆମ ସମୁଦ୍ରତଟର ଜୀବନ, ଆମ ଚାଷୀଙ୍କ ଘାମ ଏବଂ ଆମ ପରମ୍ପରାର ଏକ ଅବିଚ୍ଛିନ୍ନ ଅଂଶକୁ ସମ୍ମାନ ଜଣାଇବାର ଅବସର । ଓଡିଶାର ଗାଁ ଦାଣ୍ଡରେ, ଘର ଅଗଣାରେ, ପୋଖରୀ କୂଳରେ, ମନ୍ଦିର ପରିସରରେ ଓ ସମୁଦ୍ର ପବନ ଛୁଇଁଥିବା ଉପକୂଳ ମାଟିରେ ନଡିଆ ଗଛ କେବଳ ଛାୟା ଦିଏ ନାହିଁ, ଏହା ଅନେକ ପରିବାରର ଜୀବନକୁ ଧରି ରଖିଛି । ନଡ଼ିଆର ପ୍ରତ୍ୟେକ ଅଂଶରେ ଅଛି ଉପଯୋଗ, ପ୍ରତ୍ୟେକ ଗଛରେ ଅଛି ଅର୍ଥନୈତିକ ସମ୍ଭାବନା ଏବଂ ପ୍ରତ୍ୟେକ ଚାଷୀଙ୍କ ଶ୍ରମରେ ଅଛି ଓଡ଼ିଶାର ଗ୍ରାମୀଣ ଭବିଷ୍ୟତର ଏକ ଚିତ୍ର । ନଡ଼ିଆ ପାଣି ତୃଷ୍ଣା ମେଣ୍ଟାଏ । ନଡିଆ ଖାଦ୍ୟର ସାଦ ବଢାଏ, ନଡ଼ିଆ ତେଲ ଘରୋଇ ଜୀବନର ଏକ ପୁରୁଣା ସାଥୀ, ଛଡ ଓ ପତ୍ର ଘରୋଇ କାମରେ ଲାଗେ, ଖେଳରୁ ବିଭିନ୍ନ ଉପକରଣ ତିଆରି ହୋଇପାରେ ଏବଂ ଶୁଖିଲା ନଡ଼ିଆରୁ ବ୍ୟବସାୟର ଅନେକ ସମ୍ଭାବନା ଜନ୍ମ ନେଇଥାଏ । ଅର୍ଥାତ୍ ନଡ଼ିଆ ଗଛ ହେଉଛି ଏମିତି ଏକ ପ୍ରକୃତିର ଉପହାର, ଯାହାର ପ୍ରାୟ ଅଧିକ ଆୟ କରିପାରିବେ । ଏହା ସହିତ ସଘଂସହାୟକ ଗୋଷ୍ଠୀ, ଯୁବ ଉଦ୍ୟମୀ ଓ ଛୋଟ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ନୂଆ ରୋଜଗାର ସୃଷ୍ଟି ହୋଇପାରିବ । ଆଜି ଯେତବଳେ ଆମ ଯୁବପିଢି ଚାକିରି ପାଇଁ ଗାଁ ଛାଡି ସହରକୁ ଯାଉଛି, ସେତବଳେ ଗାଁର ମାଟିରେ ହିଁ ରୋଜଗାର ସୃଷ୍ଟି କରିବାର ଚିନ୍ତା ଆବଶ୍ୟକ । ନଡ଼ିଆ ଏହି ପରିବର୍ତ୍ତନର ଏକ ସାଧନ ହୋଇପାରେ । କିନ୍ତୁ ଏଥିପାଇଁ ଚାଷୀଙ୍କୁ କେବଳ ଚିନ୍ତା କେବଳ ରପ୍ତାନୀ ନୁହେଁ, ଆମର ଚିନ୍ତା ହେଉଛି ଚାଷୀଙ୍କ ହାତରେ ଅଧିକ ଅର୍ଥ ରହିବ । ମଧ୍ୟସ୍ଥଙ୍କ ଭୂମିକା କମିବା, ଚାଷୀଙ୍କ ସଂଗଠନ ମଜବୁତ ହେବା ଓ ସିଧାସଳଖ ବଜାର ସୁଯୋଗ ବଢିବା ଆବଶ୍ୟକ । ନଡ଼ିଆ ଆମ ସଂସ୍କୃତିରେ ମଧ୍ୟ ଅତ୍ୟନ୍ତ ପବିତ୍ର ।

ପୂଜାରେ ନଡ଼ିଆରେ ସ୍ଥାନ ଅଛି, ପର୍ବପର୍ବାଣୀରେ ଏହାର ବ୍ୟବହାର ଅଛି, ଅତିଥି ସତ୍କାରରେ ଏହାର ସ୍ମୃତି ଅଛି । ଏହି ଗଛ ଆମକୁ ଆମ ପରମ୍ପରା ସହ ଯୋଡି ଖିଁଛି । କିନ୍ତୁ ପରମ୍ପରାକୁ କେବଳ ସ୍ମୃତିରେ ରଖିଲେ ହେବ ନାହିଁ, ତାହାକୁ ଆଗାମୀ ପିଢିର ଅର୍ଥନୈତିକ ଶକ୍ତିରେ ପରିଣତ କରିବା ଦରକାର । ଆଜିର ନଡ଼ିଆ ଦିବସରେ ତେଣୁ ଓଡିଶା ଗୋଟିଏ ନୂଆ ସଂକଳ୍ପ ନେଇପାରେ- ପ୍ରତ୍ୟେକ ଉପକୂଳ ଅଂଚଳରେ ନଡ଼ିଆ ଚାଷର ସୁରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି, ନଡ଼ିଆ ଆଧାରିତ ଗ୍ରାମୀଣ ଉଦ୍ୟୋଗ, ଯୁବ ରୋଜଗାର, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଓ ପରିବେଶ ସୁରକ୍ଷାକୁ ଏକାଠି କରି ଏକ ଦୀର୍ଘମିଆଦି ଯୋଜନା ଗଢାଯାଉ । ସରକାର ଯୋଜନା କରିବେ, ବିଶେଷଜ୍ଞ ଜ୍ଞାନ ଦେବେ, ବଜାର ସହାୟତା ମିଳିବ, କିନ୍ତୁ ଏହି ଯାତ୍ରାର ମୁଖ୍ୟ ନାୟକ ହେବେ ଆମ ଚାଷୀ । ତାଙ୍କ ଶ୍ରମକୁ ସମ୍ମାନ ଦେବା



ବିଶ୍ୱ ନଡ଼ିଆ ଦିବସରେ...

ପ୍ରତ୍ୟେକ ଅଂଶ ମଣିଷର ଜୀବନରେ କାମ ଆସେ । ଓଡ଼ିଶାର ସମୁଦ୍ରତଟ ଅଂଚଳରେ ନଡ଼ିଆ ଚାଷର ଗୁରୁତ୍ୱ ଆହୁରି ଅଧିକ । ବାତ୍ୟା ଆସେ, ଝଡ ଆସେ, ଲୁଣିଆ ପବନ ଆସେ, କେବେ ବର୍ଷାର ଅଭାବ ହୁଏ, କେବେ ଅତିବର୍ଷା ହୁଏ, ତଥାପି ନଡ଼ିଆ ଗଛ ଓଡିଆ ଚାଷୀଙ୍କ ଆଶାକୁ ଅନେକଥର ଧରି ରଖିଛି । ଏହି ଗଛ ଆମକୁ ଗୋଟିଏ ବଡ ଶିକ୍ଷା ଦିଏ- ପ୍ରକୃତି ସହ ଲଢି ନୁହେଁ, ପ୍ରକୃତି ସହ ସମନ୍ୱୟ କରି ଜୀବନ ଗଢିବାକୁ ହୁଏ ।

ଆଜି ବିଶ୍ୱ ନଡ଼ିଆ ଦିବସରେ ଆମେ ଯଦି କେବଳ ନଡ଼ିଆର ମହତ୍ୱ ବିଷୟରେ କଥା କହି ଘରକୁ ଫେରିଯାଉ, ତେବେ ଏହି ଦିବସର ମୂଳ ଉଦ୍ଦେଶ୍ୟ ଅଧୁରା ରହିଯିବ । ଆମକୁ ପଚାରିବାକୁ ହେବ-ନଡ଼ିଆ ଚାଷୀ, ଆଜି କେମିତି ଅଛନ୍ତି ? ତାଙ୍କ ଉତ୍ପାଦର ଯଥାର୍ଥ ମୂଲ୍ୟ ସେ ପାଉଛନ୍ତି କି ? ଗଛରେ ନଡିଆ ଫଳିବାରୁ ବଜାର ପର୍ଯ୍ୟନ୍ତ ଯିବା ରାସ୍ତାରେ ଚାଷୀଙ୍କ ହାତରେ କେତେ ଅର୍ଥ ରହୁଛି । ଉତ୍ପାଦନ ବଢାଇବା ପାଇଁ ଭଲ ଚାରା, ଜଳସେଚନ, ରୋଗ ନିୟନ୍ତ୍ରଣ ଓ ବୈଜ୍ଞାନିକ ପରାମର୍ଶ ସମୟରେ ମିଳୁଛି କି ? ଏହି ପ୍ରଶ୍ନଗୁଡିକର ଉତର ହିଁ ନଡ଼ିଆ ଚାଷର ଆଗାମୀ ଦିଗ ନିର୍ଣ୍ଣୟ କରିବ । ଓଡିଶାରେ ନଡ଼ିଆକୁ କେବଳ ଘରୋଇ ବ୍ୟବହାରର ଫଳ ଭାବେ ଦେଖିଲେ ଚାଲିବ ନାହିଁ । ଏହାକୁ ଗ୍ରାମୀଣ ଅର୍ଥନୀତିର ଏକ ଶକ୍ତିଶାଳୀ ଆଧାର କରାଯାଇପାରେ । ପଡ଼ିଆରୁ ତେଲ, ଶୁଖିଲା ନଡ଼ିଆ, ନଡିଆ ଦୁଗ୍ଧ, ନଡ଼ିଆ ଆଧାରିତ ଖାଦ୍ୟ, ଖେଳରୁ ତିଆରି ଦ୍ରବ୍ୟ, ନଡ଼ିଆ ତନ୍ତୁରୁ ଦଉଡି ଓ ଅନେକ ହସ୍ତଶିଳ୍ପ ସାମଗ୍ରୀ ତିଆରି ହୋଇପାରେ । ଯଦି ଏହି ପ୍ରକ୍ରିୟା ଗାଁରେ ହିଁ ବିକଶିତ ହୁଏ, ତେବେ ଚାଷୀ କେବଳ କଂଚା ନଡ଼ିଆ ବିକ୍ରି କରିବେ ନାହିଁ, ସେ ନିଜ ଉତ୍ପାଦର ମୂଲ୍ୟ ବଢାଇ ଉତ୍ପାଦନ କରିବାକୁ କହିଲେ ହେବ ନାହିଁ, ବଜାର, ସଂରକ୍ଷଣ, ପରିବହନ ପ୍ରକ୍ରିୟାକରଣ ଓ ଯଥାର୍ଥ ମୂଲ୍ୟର ବ୍ୟବସ୍ଥା ମଧ୍ୟ କରିବାକୁ ହେବ ।

ନଡ଼ିଆ ଚାଷର ଆଉ ଏକ ବଡ ମହତ୍ୱ ହେଉଛି ପରିବେଶ । ଗଛ ମାଟିକୁ ଧରି ରଖେ । ସବୁଜିମା ବଢାଏ ତାପମାତ୍ରାର ପ୍ରଭାବ କମାଇବାର ସାହାଯ୍ୟ କରେ ଏବଂ ଉପକୂଳ ଅଂଚଳର ପରିବେଶକୁ ମଧ୍ୟ ସୁରକ୍ଷିତ ରଖିବାରେ ଭୂମିକା ନେଇପାରେ । ଜଳବାୟୁ ପରିବର୍ତ୍ତନର ଏହି ସମୟରେ ଆମେ ଏମିତି କୃଷି ବ୍ୟବସ୍ଥା ଚାହୁଁଛୁ ଯାହା ଚାଷୀଙ୍କ ଆୟ ସହ ପ୍ରକୃତିର ସୁରକ୍ଷାକୁ ମଧ୍ୟ ଯୋଡିପାରିବ । ନଡ଼ିଆ ଗଛ ସେହି ସମ୍ଭାବନାର ଏକ ପ୍ରତୀକ । ଓଡିଶାର ବାତ୍



ବୁଧବାର ୦୨।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଦେବଗଡ଼ ପୋଲିସର ମାସିକ ଆଲୋଚନା ସଭା

ଦେବଗଡ଼ ୦୧/୦୯ (ଅକ୍ଷର ଓଡ଼ିଶା): ''ଆମେ ଶୁଣୁ, ଆମେ କାର୍ଯ୍ୟ କରୁ, ଆମେ ଏକାଠି ବଢୁ''ଏହି ବାର୍ତ୍ତାକୁ ନେଇ ଦେବଗଡ଼ ପୋଲିସ ପକ୍ଷରୁ ମାସିକ ଆଲୋଚନା ସଭା ଆଜି ଦେବଗଡ଼ ରିଜର୍ଭ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ପୋଲିସ କର୍ମଚାରୀଙ୍କ କଲ୍ୟାଣ, ସେବା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପୋଲିସ କର୍ମଚାରୀମାନେ ଦୈନନ୍ଦିନ ସେବା କାର୍ଯ୍ୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମତାମତ ରଖିଥିଲେ । ଏଥିସହ ପୋଲିସ ବାହିନୀର ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକୀୟ ଉପକରଣ କ୍ରୟ, କାର୍ଯ୍ୟ ପରିଚାଳନାରେ ଆବଶ୍ୟକ ସୁବିଧା ଏବଂ ଅନ୍ୟାନ୍ୟ ସରକାରୀ ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଖୋଲା ଆଲୋଚନା ମାଧ୍ୟମରେ ପୋଲିସ କର୍ମଚାରୀଙ୍କ ସମସ୍ୟା ଶୁଣିବା ସହ ତାହାର ସମାଧାନ ଦିଗରେ ପଦକ୍ଷେପ ନେବା ଏବଂ ଉତ୍ତମ ସମନ୍ୱୟ ମାଧ୍ୟମରେ ଅଧିକ ଦକ୍ଷତାର ସହ ଜନସାଧାରଣଙ୍କୁ ସେବା ଯୋଗାଇବା ଉପରେ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା ।

ଅବସର କାଳୀନ ସମ୍ବର୍ଦ୍ଧନା



ଡାବୁଗାଁ ୦୧/୦୯ (ଅକ୍ଷର ଓଡିଶା) ଡାବୁଗାଁ ମଧ୍ୟ ଙ୍ଗରାଜୀ ବିଦ୍ୟାଳୟ ପରିସରରେ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ସଭାପତି ମୋହନ ସିଂ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଭଗବାନ ମାଝୀ, ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା,ବିକାଶ ନିଶଙ୍କ ଓ ଅବସର ଗ୍ରହଣ କରିଥିବା ତାଳ ବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ମୁହାଣ ମଞ୍ଚାସିନ ଥିଲେ । ଡାବୁଗାଁ ବ୍ଲକ ଶିକ୍ଷା ବିଭାଗରେ ଦୀର୍ଘଦିନ ଧରି ତାଙ୍କର ଶିକ୍ଷାପ୍ରତି ରହିଥିବା ଅବଦାନ ରହିଥିବା ଅତିଥି ବୃନ୍ଦ କହିଥିଲେ । ତାଙ୍କର ଆଗାମୀ ଅବସର ଦିନ ସୁଖମୟ ଓ ନିରୋଗ ଜୀବନ ଯାପନ କରିବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକ ରବୀନ୍ଦ୍ର ମୁହାଣ ଙ୍କୁ ଉପ ଢ଼ଉକନ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ମଙ୍ଗରାଜ ମାଝୀ, ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, ମଧ୍ୟ ଙ୍ଗରାଜୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାଓ ସିଂ ପୂଜାରୀ, ପ୍ରସନ୍ନ ଦଣ୍ଡସେନା, ଗିରିଶବାଳା ଜେନା, ଅନିତା ବେହେରା, ପୂଜା ଦତ୍ତ, ହିରଣ୍ୟ ମାଝୀ, ଅଜିତ୍ ଷଡ଼ଙ୍ଗୀ, ସୌଭାଗ୍ୟ ବିଶ୍ୱାଳ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

ସ୍ୱାୟତ୍ତ ଶାସନ ଦିବସରେ ଭେଟେରାନ ଆଥଲେଟ କିଶୋର ରଥ ସମ୍ବର୍ଦ୍ଧିତ



ପାରଳାଖେମୁଣ୍ଡି, ୧/୯(ତାରିଣୀ ପ୍ରସାଦ ପଣ୍ଡା): ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପାରଳାଖେମୁଣ୍ଡି ମୁନିସିପାଲିଟି ତରଫରୁ ଆୟୋଜିତ ଉତ୍ସବରେ ଭେଟେରାନ ଆଥଲେଟ କିଶୋର ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଛିଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ସାଧନା, ଉଲ୍ଲେଖନୀୟ ଆନ୍ତର୍ଜାତିକ ସଫଳତା ଏବଂ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବାରୁ ପୌର ପରିଷଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା. ଏହି ଅବସରରେ ଶ୍ରୀ ରଥଙ୍କ କ୍ରୀଡ଼ା ପ୍ରତିଭା ଓ ଅବଦାନକୁ ସ୍ମରଣ କରାଯାଇ ଯୁବପିଢ଼ିଙ୍କ ପାଇଁ ସେ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପୂର୍ବରୁ ମଧ୍ୟ କିଶୋର ଚନ୍ଦ୍ର ରଥ ନିଜର କ୍ରୀଡ଼ା ସାଧନା ପାଇଁ ସାଧୁନତା ଦିବସ ଅବସରରେ ସମ୍ମାନିତ ହୋଇଥିଲେ. ପାରଳାଖେମୁଣ୍ଡି ପୌର ପରିଷଦର ଏହି ସମ୍ମାନ ଶ୍ରୀ ରଥଙ୍କ ପ୍ରତିଭା ଓ କ୍ରୀଡ଼ା ପ୍ରତି ତାଙ୍କର ନିଷ୍ଠାକୁ ସ୍ୱୀକୃତି ପ୍ରଦାନ କରିଛି । ଏହି ସମ୍ବର୍ଦ୍ଧନା ଅବସରରେ ପୌର ପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ, ପାରଳା ବିଧାୟକ ଙ୍କ ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ଓ ଅନ୍ୟ ଅତିଥିଗଣ ଉପସ୍ଥିତି ରହି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଆସିକା, ୦୧/୦୯(ଅକ୍ଷର ଓଡିଶା)ଆସିକା ପୌର ପରିଷଦ ପକ୍ଷରୁ ନିଖିଳ ଭ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ପ୍ରଭାତରେ ସମୟରେ ସାରା ସହରରେ ରାମଧୂନ ପରିବେଷଣ କରାଯାଇଥିଲା କାର୍ଯ୍ୟାଳୟରରେ ଆସିକା ମୁନ୍‌ସିପାଲଟି ଅଧକ୍ଷାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହାପରେ ତାଲୁକା ଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ଙ୍କ ପୌରହିତରେ ଏକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ଏହି ସଭାରେ ଆସିକା ମୁନ୍‌ସିପାଲଟି ଅଧକ୍ଷା ବିନେତା ସାଇଁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ ଯୁବନେତା ସତ୍ୟ ନାରାୟଣ ସାଇଁ, ଉପଧକ୍ଷା ଜୟନ୍ତୀ ବିଷୋୟୀ, ଏନ ଏ ସି କାଉନସିଲର ଲକ୍ଷ୍ମୀ ବେହେରା,ନୀଳିମା ପାତ୍ର,ମମତା ପାତ୍ର,ମଦନ ମୋହନ ନାୟକ,ବାସନ୍ତୀ ପାତ୍ର,ପ୍ରଦୀପ ଗୌଡ଼, ଭାସ୍କର ବେହେରା, ସୁଜାତା ପରିଡା ସମେତ ଅଫିସର ଅଜିତ ପଟନାୟକ, ମାନସୀ ରାଣୀ ସାହୁ, ଦୀପ୍ତି ରାଣୀ ସାହୁ, ପୂର୍ବତନ ଉପଧକ୍ଷାଧକ୍ଷା ରେଣୁବାଳା ରେଡି ପ୍ରମୁଖ ଉପସ୍ଥିତ ଥିଲେ । ସହରକୁ ସରସ ସୁନ୍ଦର ନିମନ୍ତେ ଜନ ସାଧାରଣ ସହଯୋଗ ରହିଲେ ପୁଣି ଆସ୍କା ମୁନ୍‌ସିପାଲଟି ଦେଶ ଏବଂ ରାଜ୍ୟରେ ଶ୍ରେଷ୍ଠ ହେବ ବୋଲି ବହୁ ବକ୍ତା ମତ ରଖିଥିଲେ ।

ବୋଡେନ ବ୍ଲକ ଭଇଁସାଦାନୀରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା ୦୧/୦୯ (ଅକ୍ଷର ଓଡିଶା) ନୂଆପଡ଼ା ଜିଲ୍ଲାକୁ ସମ୍ପୂର୍ଣ୍ଣ ପ୍ରବାସମୁକ୍ତ କରିବା ଲକ୍ଷ୍ୟରେ ବୋଡ଼େନ ବ୍ଲକ ଅନ୍ତର୍ଗତ ଭଇଁସାଦାନୀ ଗ୍ରାମ ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଗ୍ରାମାଞ୍ଚଳରେ ଉପଲବ୍ଧ ରୋଜଗାର ଓ ଜୀବିକା ସୁଯୋଗର ସଦୁପଯୋଗ କରି ପ୍ରବାସକୁ ଏଡ଼ାଇବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ବୋଡ଼େନ ବିଡିଓ ଚିନ୍ମୟ ସାଗର, ତହସିଲଦାର ସରିତା ଗୁପ୍ତା, ସ୍ଥାନୀୟ ସରପଞ୍ଚ ଗିରିଜା ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଓ କର୍ମନିଯୁକ୍ତିମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ନିଜ ଅଞ୍ଚଳରେ ଉପଲବ୍ଧ ସରକାରୀ ଯୋଜନା ଓ ଜୀବିକା ସୁଯୋଗର ଲାଭ ନେଇ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟି କରିବାକୁ ସେମାନେ ଆହ୍ୱାନ ଦେଇଥିଲେ । ଜିଲ୍ଲାପାଳ ନିଜ ଉଦ୍‌ବୋଧନରେ କହିଥିଲେ, ଭିବି-ଜି ରାମ-ଜି (VB-G RAM G) ଅଧୀନରେ ପ୍ରତ୍ୟେକ ଗ୍ରାମରେ ପର୍ଯ୍ୟାପ୍ତ ପରିମାଣର ବିକାଶମୂଳକ ପ୍ରକଳ୍ପ ଓ ରୋଜଗାର ସୁଯୋଗ ରହିଛି । ତେଣୁ ରୋଜଗାର ପାଇଁ ବାହାରକୁ ନଯାଇ ନିଜ ଗାଁରେ ରହି ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ସେ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ । ''ଯେଉଁ ଦିନ ନୂଆପଡ଼ା ଜିଲ୍ଲାର ଜଣେ ବି ବ୍ୟକ୍ତି ପ୍ରବାସୀ ଶ୍ରମିକ ଭାବେ ବାହାରକୁ ଯିବେ ନାହିଁ, ସେହି ଦିନ ପ୍ରଶାସନର ପ୍ରକୃତ ସଫଳତା ହେବ,'' ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ 'ଝିଅ ପାଇଁ ଗଛଟିଏ' ଓ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ନବଜାତ କନ୍ୟାଶିଶୁ ଦେବାଂଶୀ କଟା ଓ ରିହାଂସି ମାଝୀଙ୍କୁ କୋଳରେ ଧରି ସେମାନଙ୍କ ସୁସ୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କ ଅଭିଭାବକଙ୍କୁ ବୃକ୍ଷଚାରା ଓ ଉପହାର ପ୍ରଦାନ କରିଥିଲେ । 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' ଅବସରରେ ଗ୍ରାମର ୪ ଜଣ ଗର୍ଭବତୀ ମହିଳାଙ୍କୁ ଫଳ, ପନିପରିବା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଓ ଉପହାର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଛାତ୍ରୀମାନେ ଗୀତ ଓ ନୃତ୍ୟ ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

ଆଠମଲ୍ଲିକ ଏନ୍‌ଏସିକୁ ୧ କୋଟି : ଟିକସ ଆଦାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର

ଆଠମଲ୍ଲିକ, ୦୧/୦୯ (ଅକ୍ଷର ଓଡ଼ିଶା): ନିଜସ ଟିକସ ଆଦାୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ସଫଳତା ପାଇଁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆଠମଲ୍ଲିକ ଏନ୍‌ଏସି କୁ ୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସୋମବାର ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଏନ୍‌ଏସି ଅଧକ୍ଷା ଆଶାକୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀଙ୍କଠାରୁ ଏହି ପୁରସ୍କାର ରାଶି ଗ୍ରହଣ କରିଥିଲେ । ଏହି ସମୟରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନିଜସ ଟିକସ ଆଦାୟ କରିଥିବା ପୌରସଂସ୍ଥାଗୁଡ଼ିକୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରସ୍କୃତ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଏହି ତାଲିକାରେ ଆଠମଲ୍ଲିକ ଏନ୍‌ଏସି ସ୍ଥାନ ପାଇଛ । ପୁରସ୍କାର ଗ୍ରହଣ ପରେ ଅଧକ୍ଷା ଆଶାକୁମାରୀ ସାହୁ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା କହିଛନ୍ତି, ଏହି ସଫଳତା ଟିକସ ଆଦାୟରେ ନିୟୋଜିତ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସ ସହ ଏନ୍‌ଏସିବାସୀଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ସମ୍ଭବ ହୋଇଛି । ଆଠମଲ୍ଲିକ ଏନ୍‌ଏସିର ଏହି ସଫଳତାକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

ଗୋପ କଲେଜ ଫି' ଛାଡ଼ ଦାବିରେ ଛାତ୍ରଙ୍କ ସ୍ୱରରେ ସ୍ୱର ମିଳାଇଲେ ଚାଷୀ ନେତା

ଗୋପ, ୦୧/୦୯ (ସନ୍ତୋଷ କୁମାର ଭୋଳ) ଗୋପ କଲେଜର କ୍ରୀଡ଼ା ଦ୍ୱିତୀୟ ବର୍ଷ ଏଡୁକେସନ୍ ଅନର୍ସ (ସେଲ୍‌ଫ-ଫାଇନାନ୍‌ସିଂ) ଛାତ୍ରଛାତ୍ରୀଙ୍କ ରି-ଏଡମିସନ୍ ଫି'କୁ ନେଇ ଅସନ୍ତୋଷ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କ ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ୨,୫୭୦ ଟଙ୍କାର ରି-ଏଡମିସନ୍ ଫି' ଛାଡ଼ କିମ୍ବା ଫେରସ୍ତ କରିବା ଦାବି ଜୋରଦାର ହୋଇଛି । ଏହି ଦାବିକୁ ସମର୍ଥନ କରି ଛାତ୍ରଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି ପୂର୍ବତନ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସମ୍ପାଦକ ତଥା ପୁରୀ ଜିଲ୍ଲା ଧାନ ସଂଗ୍ରହ କମିଟିର ଚାଷୀ ପ୍ରତିନିଧି ପ୍ରଶାନ୍ତ ସାଇଁ(ଲୁଲୁ) । ଗୋପ କଲେଜର ବିଜ୍ଞପ୍ତି ସଂଖ୍ୟା ୧୦୪, ତାରିଖ ୧୭ ଅଗଷ୍ଟ ୨୦୨୬ ଅନୁଯାୟୀ, ଏଜୁକେସନ୍ ଅନର୍ସର ସେଲ୍‌ଫ-ଫାଇନାନ୍‌ସିଂ ଛାତ୍ରଛାତ୍ରୀଙ୍କ ପାଇଁ୨,୫୭୦ ଟଙ୍କା ରି-ଏଡମିସନ୍ ଫି' ଦେବାକୁ କୁହାଯାଇଛି । ଅନ୍ୟପକ୍ଷରେ ସାଧାରଣ କୋର୍ସର ଛାତ୍ରଛାତ୍ରୀଙ୍କ ଉପରେ ଏଭଳି ଅତିରିକ୍ତ ଆର୍ଥିକ ବୋଝ ନଥିବାରୁ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି ।ଛାତ୍ରଛାତ୍ରୀଙ୍କ ଦାବିକୁ ସମର୍ଥନ କରି ପ୍ରଶାନ୍ତ ସାଇଁ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି। ଏଥିରେ ୨,୫୭୦ ଟଙ୍କାର ରି-ଏଡମିସନ୍ ଫି' ସମ୍ପୂର୍ଣ୍ଣ ଛାଡ଼ କରିବା ସହ ଯେଉଁ ଛାତ୍ରଛାତ୍ରୀ ଟଙ୍କା ଜମା କରିସାରିଛନ୍ତି, ସେମାନଙ୍କୁ ଅର୍ଥ ଫେରସ୍ତ କରିବାକୁ ଦାବି କରାଯାଇଛି । ଏଥିସହ ସେଲ୍‌ଫ-ଫାଇନାନ୍‌ସିଂ ଛାତ୍ରଛାତ୍ରୀଙ୍କ ଏହି ଖର୍ଚ୍ଚକୁ ସରକାରୀ ଛାତ୍ରକଲ୍ୟାଣ ନୀତି ଜିମ୍ମା ବିଭାଗୀୟ ପାଣ୍ଠିରୁ ଭରଣା କରିବା ନେଇ ବିଚାର କରିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ସେବିକାଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା

ଆଠଗଡ଼,୧/୯ (ଅକ୍ଷର ଓଡ଼ିଶା) : ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ମହିଳା ଓ ଶିଶୁ ଚିକିତ୍ସା ବିଭାଗର ପିପିଲିର ବରିଷ୍ଠ ସେବିକା ରେଣୁବାଳା ଦାସଙ୍କୁ ଚିକିତ୍ସାଳୟ ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଚିକିତ୍ସାଳୟର ଅଧିକ୍ଷକ ଡ଼ା ମାନସ ରଞ୍ଜନ ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରସୂତି ଓ ମହିଳା ରୋଗ ବିଶେଷଜ୍ଞ ଡା:ନିହାର ରଞ୍ଜନ ମିଶ୍ର,ଡା ଦିଲ୍ଲିପ କୁମାର ପାତ୍ର,ଡା: ବିରଞ୍ଚି ନାରାୟଣ ବିଶ୍ୱାଳ ପ୍ରମୁଖ ସମେତ ବରିଷ୍ଠ ଫାର୍ମାସିଷ୍ଟ ଜୟଦେବ ପାତ୍ର, ବିଜୟାନନ୍ଦ ରାଜଗୁରୁ, ରବିନ୍ଦ୍ରନାଥ ସେଠୀ, ସାସ୍ଥ୍ୟ ନିରିକ୍ଷକ ତ୍ରିଲୋଚନ ବାରିକ ଜୟରୁଧର ବେହେରା ପ୍ରମୁଖ ଅବସର ପ୍ରାପ୍ତ ସେବିକା ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସେବିକା ରେଣୁବାଳାଙ୍କ କର୍ମମୟ ଜୀବନ ସମ୍ବନ୍ଧ ଆଲୋଚନା କରିବା ସହିତ ଦୀର୍ଘଦିନ ଧରି ପିପିସିରେ କାମ କରି ମହିଳା ଶିଶୁ ମାନଙ୍କ ସେବା କରିବା ସହିତ ସରଳ ଓ ଆମାୟିକ ବ୍ୟବହାର ପାଇଁ ବେଶ ଲୋକ ପ୍ରିୟ ହୋଇ ପାରିଥିଲେ ବୋଲି କହିଥିଲେ ।

ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦେବାକୁ ଦାବି

ରଣପୁର, ୦୧/୦୯ (ଅକ୍ଷର ଓଡିଶା)ନୟାଗଡ଼ ଜିଲ୍ଲା ରଣପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ପରୀକ୍ଷା ସୁବିଧା ନଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଗର୍ଭବତୀ ମହିଳା ଓ ସାଧାରଣ ରୋଗୀ ଚରମ ହଇରାଣ ହରକତ ହେଉଛନ୍ତି । ଏହି ଜରୁରୀ ସାସ୍ଥ୍ୟ ସେବା ମାସକ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ସାସ୍ଥ୍ୟ ସମିତିର ଅଧକ୍ଷାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଏବଂ ରଣପୁର ବିଧାନସଭା ଯୁବନେତା ବିଭୁପ୍ରସାଦ ମିଶ୍ର ପ୍ରଦାନ କରିଛନ୍ତି । କଂଗ୍ରେସ ଦଳର ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରଣପୁର ବ୍ଲକର ଜନସଂଖ୍ୟା ଦେଢ଼ ଲକ୍ଷରୁ ଅଧିକ ଏବଂ ସେଥିମଧ୍ୟରୁ ମହିଳା ଜନସଂଖ୍ୟା ୮୫ ହଜାରରୁ ଊର୍ଦ୍ଧ୍ୱ । ମାତ୍ର ଏତେବଡ଼ ଅଞ୍ଚଳର ମୁଖ୍ୟ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଭଳି ଏକ ମୌଳିକ ନିଦାନ ସେବା ଉପଲବ୍ଧ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଫଳରେ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ



ଗରିବ ରୋଗୀମାନେ ସାମାନ୍ୟ ପରୀକ୍ଷା ପାଇଁ ନୟାଗଡ଼ କିମ୍ବା ଭୁବନେଶ୍ୱରର ଘରୋଇ କ୍ଲିନିକ ଉପରେ ନିର୍ଭର କରି ଶାରୀରିକ ଓ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ଓଡ଼ିଶା ବିଧାନସଭାର ବାଚସ୍ପତି ଏହି ରଣପୁର ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ ଏଠାକାର ମୌଳିକ ସାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗର୍ଭସ୍ଥ ଶିଶୁର ସୁରକ୍ଷା ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ଅଲଟ୍ରାସାଉଣ୍ଡ

ଆମ ଓଡ଼ିଶା

ବୁଧବାର ୦୨।୦୯।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

ବୃଦ୍ଧାବସ୍ଥାରେ ଭତ୍ତା ଅପେକ୍ଷା କମଳାଙ୍କ ଦୁଃଖ



ରାଇଘର:୦୧/୦୯(ଭୁବନେଶ୍ୱର ସୁନାନୀ) ବୟସର ଭାରରେ ନଇଁଛି ମେରୁଦଣ୍ଡ, ଭତ୍ତା ପାଇଁ ଅପେକ୍ଷାରେ କମଳା ଦେଇ ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ପଞ୍ଚାୟତରେ ସରକାରୀ ଭତ୍ତା ପାଇବାରୁ ବହୁ ବୃଦ୍ଧ ଓ ବୃଦ୍ଧା ବଞ୍ଚିତ ହୋଇଥିବା ସାମନା କୁ ଆସୁଛି । ସେମାନଙ୍କ ମଧ୍ୟରୁ କୁରାବେଢା ପଞ୍ଚାୟତ ର କୁଣ୍ଡରାପାଣି ଗାଁ ର କମଳା ଦେଇ ଗଣ୍ଡଙ୍କ ଭତ୍ତା ରୁ ବଞ୍ଚିତ ।ବୃଦ୍ଧାବସ୍ଥାରେ ଆର୍ଥିକ ସହାୟତା ହିଁ ଯେଉଁମାନଙ୍କ ପାଇଁ ଏକମାତ୍ର ଭରସା, ସେମାନଙ୍କୁ ଯଦି ନିଜ ହକ୍ର ଭତ୍ତା ପାଇଁ ଦ୍ୱାରଦ୍ୱାର ବୁଲିବାକୁ ପଡ଼େ, ତେବେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ କାହା ପାଖରେ ପହଞ୍ଚୁଛି ବୋଲି ପ୍ରଶ୍ନ ଉଠୁଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା କାହାପାଇଁ। ଯଦି ଯୋଗ୍ୟ ହିତାଧିକାରୀ ମାନେ ସୁବିଧା ରୁ ବଞ୍ଚିତ ତେବେ ଯୋଜନା କାହା ସ୍ୱାର୍ଥ ପାଇଁ।ଯୋଗ୍ୟ ହିତାଧିକାରୀ ଯଦି ଭତ୍ତାରୁ ବଞ୍ଚିତ, ତେବେ କେବେ ମିଳିବ ସେମାନଙ୍କ ଅଧିକାର ଏନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କମଳା ଦେଇ ଗଣ୍ଡଙ୍କ ସମେତ ଭତ୍ତାରୁ ବଞ୍ଚିତ ସମସ୍ତ ଯୋଗ୍ୟ ବୃଦ୍ଧ ବୃଦ୍ଧାଙ୍କ ସମସ୍ୟାର ସମାଧାନ କରିବାକୁ ଗ୍ରାମ ବାସୀ ପକ୍ଷରୁ କୁହାଯାଇଛି ।

ଇ-କମର୍ସ ଓ ମାର୍କେଟିଂ ରଣନୀତି ଉପରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୦୧.୦୯ (ଗଗନ କୁମାର ପ୍ରଧାନ)କେନ୍ଦ୍ରାପଡ଼ା ଜିଲ୍ଲାର ବାରୋସ୍ଥିତ ମିଶନ୍ ଶକ୍ତି ସମ୍ମିଳନୀ କକ୍ଷଠାରେ ପିଏମ୍ ବିଶ୍ୱକର୍ମା ଯୋଜନା, ଇ-କମର୍ସ ଓ ମାର୍କେଟିଂ ରଣନୀତି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଗଞ୍ଜାମ-ଉତ୍କଳ, କଟକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାରିଗର, ଉଦ୍ୟୋଗୀ ଓ ମିଶନ୍ ଶକ୍ତି ସଦସ୍ୟମାନେ ଯୋଗଦେଇଥିଲେ ।କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାରିଗର ଓ ଉଦ୍ୟୋଗୀମାନେ ନିଜ ଦକ୍ଷତା ଓ ଉତ୍ପାଦକୁ ଆଧୁନିକ ବଜାର ସହ ଯୋଡ଼ିବା ସହିତ ଡିଜିଟାଲ୍ ମାଧ୍ୟମ ଓ ଇ-କମର୍ସର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ସେ ଉଦ୍ୟମିତାର ବିକାଶ ଓ ନୂତନ ବଜାର ସୁଯୋଗର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି ଅବସରରେ ଏଗ, ଉଓଉ ପ୍ରଦୀପ କୁମାର ସାହୁ, ଗଞ୍ଜାମ-



ଉତ୍କଳ, କଟକର ଯୁଗ୍ମ ନିର୍ଦ୍ଦେଶିକା ନୀତିଶା ମନ, ସହକାରୀ ନିର୍ଦ୍ଦେଶକ ଶ୍ରୀ ଦିବାକର, ଖଉଗ ରମାକାନ୍ତ ମାଝୀ, ଉଓଚଇ ଟିମ୍ ଲିଡର ସୌଭାଗ୍ୟ ରଞ୍ଜନ ମଲ୍ଲିକ, ଉଚଉ, ମିଶନ୍ ଶକ୍ତି ଆରତୀ ସାହୁଙ୍କ ସମେତ ମାଷ୍ଟର ଟ୍ରେନର୍ମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ପ୍ରାୟ ୧୩୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ । ପିଏମ୍ ବିଶ୍ୱକର୍ମା ଯୋଜନାର ବିଭିନ୍ନ ସୁବିଧା, ଇ-କମର୍ସ ମାଧ୍ୟମରେ ଉତ୍ପାଦ ବିକ୍ରୟ, ବ୍ୟବସାୟର ସମ୍ପ୍ରସାରଣ, ମାର୍କେଟିଂ ରଣନୀତି ଏବଂ ଡିଜିଟାଲ୍ ବଜାର ସହ ଯୋଡ଼ିହେବାର ସୁଯୋଗ ସମ୍ପର୍କରେ ମାଷ୍ଟର ଟ୍ରେନର୍ମାନେ ବିସ୍ତୃତ ଭାବେ ସଚେତନ କରିଥିଲେ ।ସ୍ଥାନୀୟ କାରିଗର ଓ ଉଦ୍ୟୋଗୀମାନେ ନିଜ ଉତ୍ପାଦର ଗୁଣବତ୍ତା ବୃଦ୍ଧି ସହିତ ଡିଜିଟାଲ୍ ମାର୍କେଟିଂ ଓ ଇ-କମର୍ସ ପ୍ଲାଟଫର୍ମର ସୁଯୋଗ ନେଇ ଅଧିକ ବଜାର ସୃଷ୍ଟି କରିବା ଏବଂ ଆୟ ବୃଦ୍ଧି କରିବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି ।

ନଈ କୁ ମାଛଧରିବାକୁ ଯାଇ ବୃଦ୍ଧ ନିଖୋଜ

୩୬ ଘଣ୍ଟା ପରେ ବି ମିଳୁନି ପତା

ଅଷ୍ଟରଙ୍ଗ ୧/୯(ଅକ୍ଷର ଓଡ଼ିଶା) ଅଷ୍ଟରଙ୍ଗ ବ୍ଲକ୍ ଆଳସାହି ପଞ୍ଚାୟତ ବରାଙ୍ଗ ଗ୍ରାମ ର ୬୫ ବର୍ଷୀୟ ବୃଦ୍ଧ ବିପିନ ସାହୁ ସୋମବାର ମଧ୍ୟାହ୍ନ ସମୟ ରେ ଗ୍ରାମ ନିକଟରେ ଥିବା ପୁଇଁଚାନ୍ଦୁଆ ନଇ କୁ ମାଛ ଧରିବାକୁ ଯାଇଥିଲେ ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ଘରକୁ ନ ଫେରିବା ଦେଖି ପରିବାର ଲୋକ ଗ୍ରାମବାସୀ ମିଶି ଖୋଜାଖୋଜି କରି ନିରାଶ ହେବା ପରେ ସ୍ଥାନୀୟ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳ ରେ ପହଂଚି ଖୋଜା ଖୋଜି ଆରମ୍ଭ କରିଥିଲେ. ମାତ୍ର ରାତ୍ର ସମୟ ରେ ଖୋଯିବା ସମ୍ଭବ ହୋଇ ନପାରିବାରୁ ଫେରିଯାଇଥିଲେ । ପୁନର୍ବାର ମଙ୍ଗବାର ସକାଳୁ ଅଗ୍ନିଶମ ବାହିନୀ ତରଫରୁ ପାୱାର ବୋଟ ମାଧ୍ୟମରେ ନଦୀ ର ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ. ସେଥିରେ ମଧ୍ୟ ବିଫଳ ହେବା ପରେ ଫେରିଯାଇଥିଲେ । ଖବର ଅନୁସାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କର କୌଣସି ସନ୍ଧାନ ମିଳିନଥିବା ସୂଚନା ରହିଛି ।

ଡମ୍ବରୁ ମାଝୀଙ୍କ ବିୟୋଗରେ ଶୋକ ସଭା



ଡାବୁଗାଁ ୦୧/୦୯/(ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପୂର୍ବତନ ମନ୍ତ୍ରୀ ତଥା ଭୈରବ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ଡମ୍ବରୁ ମାଝୀଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ଅଧକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ତଥା ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି ସାଇ ରାଜୁ ଯୋଗ ଦେଇ ସ୍ୱର୍ଗତ ମନ୍ତ୍ରୀ ଡମ୍ବରୁ ମାଝୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ ।ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ରେ ସ୍ୱର୍ଗତ ଡମ୍ବରୁ ମାଝୀ ଏକାଧାରରେ ଜଣେ ରାଜନୀତିଜ୍ଞ , କ୍ରୀଡାବିତ ସହ ସମାଜସେବୀ ଥିଲେ । ସେ ଡାବୁଗାଁ ଓ ପ୍ରାକ୍ତନ କୋଡ଼ିଙ୍ଗା ବିଧାନ ସଭା ନିର୍ବାଚନରେ ୫ ଥର ବିଜୟୀ ହୋଇ କଂଗ୍ରେସ ସରକାର ଅମଳରେ ମନ୍ତ୍ରୀ ଥିଲେ । ତାଙ୍କର ପ୍ରଚେଷ୍ଟାରେ ୧୯୮୭ ମସିହାରେ ଡାବୁଗାଁ ରେ ପ୍ରଥମ କରି ଯୁକ୍ତ ୨ କଳା ଶିକ୍ଷା ଆରମ୍ଭ ହୋଇଥିଲା । ଏଥିରେ ୧୮ ଜଣ ଛାତ୍ରଛାତ୍ରୀ ପ୍ରଥମ କରି ନାମ ଲେଖାଇଥିଲେ । ଭୈରବ ମହାବିଦ୍ୟାଳୟ ରେ ନାମିତ ଏହି ବିଦ୍ୟାଳୟ ରେ ସ୍ୱର୍ଗତ ଜଗନ୍ନାଥ ପାତ୍ର,ମୁଦି ନାୟକ,ଧନଞ୍ଜୟ ଦାସ,କେ ସାହୁ, ଜି ଆଦି ନାରାୟଣ ଚେଟି, ଦାମୋଦର ବିଶୋଇ,ଶ୍ୟାମ ସୁନ୍ଦର ଅଗ୍ରୱାଲ, ହରିଶ୍ଚନ୍ଦ୍ର ବିଶୋଇ,ଏମ୍ ଅପ୍ପା ରାଓ,ରାଜେନ୍ଦ୍ର ବିଶୋଇ,ଏ ଧନୁର୍ଜୟ ରାଓ,ଦେବେନ୍ଦ୍ର ସିଂ,ବୀରେନ୍ଦ୍ର ସିଂ ,ଜି ସାମ୍ବାସିବା ରାଓ, ପ୍ରମୁଖ ପରିଚାଳନା କମିଟି ଗଠନ କରି ମହାବିଦ୍ୟାଳୟ କୁ ଆଗକୁ ନେଇଥିବା ପ୍ରକାଶ କରିଥିଲେ । ସ୍ୱର୍ଗତ ମାଝୀ ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନା ଗମନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ ।

ରାସ୍ତା କଡ଼ରୁ ଶୁଖିଲା ଗଛ କାଟିବା ଦାବି

ବିପଦପୂର୍ଣ୍ଣ ଅବସ୍ଥାରେ ଶୁଖିଲା ଗଛ



ଫିରିଙ୍ଗିଆ୦୧/୦୯ (ମନୋଜ ସାହୁ) ରାସ୍ତା କଡ଼ରେ ବିପଦ ସଙ୍କୁଳ ଭାବେ ରହିଛି ବିରାଟକାୟ ଶୁଖିଲା ଗଛ । ଉକ୍ତ ରାସ୍ତା ଦେଇ ଯାତାୟତ କରିବାକୁ ଭୟକରନ୍ତି ଜନସାଧାରଣ । କେତେବେଳେ କାହା ଉପରେ ଶୁଖିଲା ଡାଳ ପଡ଼ି ଯାଇ ଦୁର୍ଘଟଣା ହେବ ତାହା କିଛି କହି ହେବନାହିଁ ।ଏହି ଭଳି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ଗେରୁପଡା ଛକ ନିକଟରେ ଦେଖିବାକୁ ମିଳିଛି । ଗଛ ନିକଟରେ ବିଦ୍ୟାଳୟ ଥିବା ବେଳେ ଛାତ୍ର ଛାତ୍ରୀ ବିଦ୍ୟାଳୟ ଯିବା ପାଇଁ ଭୟ କରନ୍ତି । ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ଯାତାୟାତ କରୁଛନ୍ତି । ଏହି ଶୁଖିଲା ଗଛଟି ରାସ୍ତା କଡ଼ କୁ ଲାଗି ରହିଛି । ଗଛଟି ସମ୍ପୁର୍ଣ୍ଣ ରାସ୍ତା ଆଡ଼କୁ ଢଳି ରହିଛି । ଶୁଖିଲା ଗଛ କୁ ରାସ୍ତା କଡ଼ରୁ ହଟାଇବାକୁ ଗ୍ରାମ ବାସୀ ପ୍ରଶାସନ କୁ ଅନୁରୋଧ କରିଛନ୍ତି । ପର୍ଯ୍ୟନ୍ତ ଗଛ କୁ କଟା ଯାଉଥିବା ଗେରୁପଡା ଗ୍ରାମ ବାସୀ ଅଭିଯୋଗ କରିଛନ୍ତି । ଯଦି କିଛି ଦୁର୍ଘଟଣା ଘଟେ ତାହାହେଲେ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ଅଞ୍ଚଳ ବାସୀ ଦାବି କରିଛନ୍ତି । ଏଣୁ ଦୁର୍ଘଟଣା ଘଟିବା ପୂର୍ବରୁ ଉକ୍ତ ଶୁଖିଲା ଗଛ କୁ କାଟିବା ପାଇଁ ଦାବି ହୋଇଛି ।

ଦୁହୁରିଆରେ 'ରସାବଳୀ ହବ୍' ପ୍ରତିଷ୍ଠା ଦାବି

କେନ୍ଦ୍ରାପଡ଼ା: ୧/୯(ଅକ୍ଷର ଓଡିଶା)- କେନ୍ଦ୍ରାପଡ଼ାର ପ୍ରସିଦ୍ଧ ରସାବଳୀ କେବଳ ଏକ ମିଠା ନୁହେଁ, ଏହା ଜିଲ୍ଲାର ଐତିହ୍ୟ, ପରମ୍ପରା ଓ ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ସହ ଜଡ଼ିତ ଏକ ସ୍ୱତନ୍ତ୍ର ପରିଚୟ । ବଳଦେବଜୀଉଙ୍କ ମୁଖ୍ୟ ଭୋଗ ଭାବେ ରସାବଳୀର ଏକ ସ୍ୱତନ୍ତ୍ର କିମ୍ବଦନ୍ତୀ ଓ ପରମ୍ପରା ରହିଛି ।ଏହି ପରିପ୍ରେକ୍ଷୀରେ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ, କେନ୍ଦ୍ରାପଡ଼ା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦାବି ଉଠିଛି । କେନ୍ଦ୍ରାପଡ଼ା ଦୁହୁରିଆଠାରେ ରସାବଳୀ ବିକ୍ରୟ ଓ ପ୍ରଚାର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର 'ରସାବଳୀ ହବ୍' ପ୍ରତିଷ୍ଠା କରାଯାଉ ବୋଲି ପରିଷଦ ଦାବି କରିଛି । ପରିଷଦର ମତରେ, ପାହାଳଠାରେ ଯେପରି ଛେନାପୋଡ଼ ପାଇଁ ଏକ ସ୍ୱତନ୍ତ୍ର ହବ୍ ରହିଛି, ସେହିପରି କେନ୍ଦ୍ରାପଡ଼ାର ଦୁହୁରିଆଠାରେ ମଧ୍ୟ ରସାବଳୀ ପାଇଁ ଏକ ହବ୍ ପ୍ରତିଷ୍ଠା କରାଗଲେ ଏହା କେନ୍ଦ୍ରାପଡ଼ାର ପାରମ୍ପରିକ ଖାଦ୍ୟର ପ୍ରଚାର ଓ ପ୍ରସାରରେ ବେଶ୍ ସହାୟକ ହେବ ।



କେନ୍ଦ୍ରାପଡ଼ାକୁ ବିଭିନ୍ନ ସମୟରେ ପର୍ଯ୍ୟଟକ ଓ ଅତିଥିମାନେ ଆସୁଥିବା ବେଳେ ରସାବଳୀ ପାଇବାରେ ସେମାନଙ୍କୁ ବେଳେବେଳେ ଅସୁବିଧା ହେଉଥିବା ନେଇ ପରିଷଦ ପକ୍ଷରୁ କୁହାଯାଇଛି । ଯଦି ଦୁହୁରିଆଠାରେ ଏକ ସୁବ୍ୟବସ୍ଥିତ ରସାବଳୀ ହବ୍ ପ୍ରତିଷ୍ଠା କରାଯାଏ, ତେବେ ପର୍ଯ୍ୟଟକମାନେ ସହଜରେ ରସାବଳୀ ପାଇପାରିବା ସହ ଏହାର ବ୍ୟବସାୟିକ ପ୍ରସାର ମଧ୍ୟ ହୋଇପାରିବ । ଏହା ସହିତ ସ୍ଥାନୀୟ ରସାବଳୀ ପ୍ରସ୍ତୁତକାରୀ ଓ ବ୍ୟବସାୟୀମାନେ ମଧ୍ୟ ଏଥିରୁ ଲାଭବାନ ହୋଇପାରିବେ ।

ଯତ୍ନ ଓ ସୁରକ୍ଷା ଆବଶ୍ୟକ ଶିଶୁଙ୍କ ପାଇଁ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ



ନୟାଗଡ଼ ୦୧/୦୯:-(ବିଶ୍ୱଜିତ) ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଶିକ୍ଷା, ସାଧାରଣ ଜ୍ଞାନ, କୌଶଳ ଓ ବୃତ୍ତିମୂଳକ ଶିକ୍ଷା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ ଲକ୍ଷ୍ୟରେ ଭୁବନେଶ୍ୱରକୁ ଏକ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ନେଇ ଯାଉଥିବା ବସ୍‌କୁ ସବୁଜ ପତାକା ଦେଖାଇ ଗସ୍ତର ଶୁଭାରମ୍ଭ କରାଯାଇଥିଲା । ଏହି ଗସ୍ତରେ ଜିଲ୍ଲାର ୫୦ ଜଣ ଶିଶୁ ଅଂଶଗ୍ରହଣ କରିଛନ୍ତି । ଭୁବନେଶ୍ୱରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଓଐଗ) ଏବଂ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରି ଶିଶୁମାନେ ହୋଟେଲ ପରିଚାଳନା, ବିଭିନ୍ନ କୌଶଳ ଓ ବୃତ୍ତିମୂଳକ ଶିକ୍ଷା ସମ୍ପର୍କରେ ଜ୍ଞାନ ଆହରଣ କରିବେ । ଏହା ମାଧ୍ୟମରେ ଭବିଷ୍ୟତ କ୍ୟାରିୟର ଓ ଚାକିରିର ବିଭିନ୍ନ ସୁଯୋଗ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଯିବ ।ପାଠ୍ୟପୁସ୍ତକ ଜ୍ଞାନ ସହିତ ପ୍ରତ୍ୟକ୍ଷ ଅନୁଭୂତି ମାଧ୍ୟମରେ ଶିଶୁମାନଙ୍କ ଜ୍ଞାନର ପରିସରକୁ ବ୍ୟାପକ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଶିଶୁମାନଙ୍କ ସୁରକ୍ଷା, ଯତ୍ନ ଓ ସାମଗ୍ରିକ ବିକାଶ ସହିତ ସେମାନଙ୍କ ମାନସିକ, ସାମାଜିକ ଓ ସୃଜନଶୀଳ ବିକାଶକୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସିବିୟନ ପ୍ରଧାନ, ଅନୁଷ୍ଠାନିକ ଯତ୍ନ ଅଧିକାରୀ ଶ୍ରୀ ସତ୍ୟ ରଞ୍ଜନ ଦାଶ, ଅଣ-ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶ୍ରୀମତୀ ଶୈଳବାଳା ଦାଶ, ସାମାଜିକ କର୍ମୀ ଶ୍ରୀମତୀ ସୁନିତା ସାହୁଙ୍କ ସମେତ ସମ୍ପୃକ୍ତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।ଗସ୍ତକୁ ନେଇ ଶିଶୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଥିଲା । ଏଭଳି ଅନୁଭୂତିମୂଳକ ଶିକ୍ଷଣୀୟ କାର୍ଯ୍ୟକ୍ରମ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବା ସହିତ ସେମାନଙ୍କୁ ନୂତନ କୌଶଳ ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଜାଣିବାରେ ସହାୟତା କରିବ ବୋଲି ମତ ପ୍ରକାଶ ପାଇଛି ।

ତୀର୍ଥଯାତ୍ରାରେ ଗଲେ ଜିଲ୍ଲାର ୧୨୭ବରିଷ୍ଠ ନାଗରିକ

ପୁରୀ, ୧ ।୯(ଅକ୍ଷର ଓଡ଼ିଶା):ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାରୁ ମଙ୍ଗଳବାର ଅପରାହ୍ନରେ ୧୨୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି ।ସେମାନେ ଭୁବନେଶ୍ୱରରେ ରହିବେ , ବାରାଣସୀ, ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନରେ ଯାତ୍ରା କରିବେ ।ଏହି ବରିଷ୍ଠ ନାଗରିକମାନେ ବାରାଣସୀ ଅଯୋଧ୍ୟା ପରିଭ୍ରମଣ କରିବା ସହ ଚଳିତ ମାସ ୭ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି ।ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ କରିବା ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ପୁରୀ ମହାନଗର ନିଗମ କମିଶନର ଅଭିମନ୍ୟୁ ବେହେରା,



ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା ଜଣାଇଥିଲେ ।ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରା ର ସଫଳତା କାମନା କରିଥିଲେ ।

ମୋଟରସାଇକେଲ ଚୋରି ମାମଲାରେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,୦୧/୦୯(ଅକ୍ଷର ଓଡ଼ିଶା) ମୋଟରସାଇକେଲ ଚୋରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଗୁରୁଜଙ୍ଗ ଗ୍ରାମର ବାବୁଲା ବାରିକ ଓରଫ ପ୍ରକାଶ (୩୬) । ପୁଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ବାଟମଙ୍ଗଳା ମନ୍ଦିର ନିକଟରୁ ହିରୋ ଗ୍ଲାମର ମୋଟରସାଇକେଲ (ରେଜିଷ୍ଟ୍ରେସନ ନଂ. ଓଡି-୩୩-ଜି-୨୬୬୪) ଚୋରି ହୋଇଥିବା ନେଇ ଖୋର୍ଦ୍ଧା ମଡେଲ ଥାନାରେ କେସ୍ ନଂ. ୫୧୬/୨୦୨୬, ଧାରା ୩୦୩(୨) ବିଏନଏସ୍ ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ବାବୁଲା ବାରିକ ଓରଫ ପ୍ରକାଶଙ୍କୁ ଗିରଫ କରି ପଚରାଉଚରା କରିଥିଲା । ପଚରାଉଚରା ବେଳେ ସେ ଅନ୍ୟ ଏକ ମୋଟରସାଇକେଲ ଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଥାନା ପକ୍ଷରୁ କୁହାଯାଇଛି । ଉକ୍ତ ମୋଟରସାଇକେଲଟି ହିରୋ ସିଡି ଡିଲକ୍ସ, ଯାହାର ରେଜିଷ୍ଟ୍ରେସନ ନଂ. ଓଆର-୦୨-ଏକ୍ୟୁ-୩୧୨୮ । ଗିରଫ ପରେ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ୍ ଙ୍କ ଅଦାଲତରେ ହାଜର କରାଯାଇ ନ୍ୟାୟିକ ହେପାଜତକୁ ପଠାଯାଇଛି ।

ପୁରୁଣା ବଜାର କୋଚିଂ ସେଣ୍ଟରରେ ମୁଶାଏରା ଉଦଯାପିତ



ଭଦ୍ରକ, ୦୧-୦୯- (ତାରିକ ହୁସେନ)-ଭଦ୍ରକ ଅଦବୀ ମରକଜ ଆନୁକୂଲ୍ୟରୁ ପୁରୁଣା ବଜାର ସ୍ଥିତ ପିସିସି କୋଚିଂ ସେଣ୍ଟର ଠାରେ ସନ୍ଧ୍ୟା ଗତକାଲି ସନ୍ଧ୍ୟା ୭ ଘଟିକା ସମୟରେ ଏକ ଜିଲ୍ଲା ସ୍ତରୀୟ କବି ସମ୍ମିଳନୀ ଓ ମୁଶାଏରା ସଭାପତି ପ୍ରଫେସର ନାସିର ବଖସ ଙ୍କ ସଭାପତିତ୍ୱରୁ ଆରମ୍ଭ ହୋଇଥିଲା ଏବଂ ଏହାକୁ ବରିଷ୍ଠ

ତୃଣମୂଳ ସ୍ତରରେ ଲୋକତନ୍ତ୍ରକୁ ମଜବୁତ କରିବା ସ୍ୱାୟତ୍ତ ଶାସନର ମୂଳ ଲକ୍ଷ୍ୟ

୭୬ତମ କେନ୍ଦୁଝରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



କେନ୍ଦୁଝର୦୧/୦୯(ଦିଲ୍ଲୀପ କୁମାର ସାହୁ) - ପୌରପାଳିକା ଏବଂ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ୭୬ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଆଡମ୍ବର ସହକାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ପାଳିତ ହୋଇଯାଇଛି ।ଏହି ସାଧାରଣ ସଭାରେ ମାନ୍ୟବର ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ବିଶାଲ ସିଂହ ମୁଖ୍ୟ ଅତିଥିଙ୍କୁ ସମ୍ମାନସୂଚକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମନ୍ତ୍ରୀ ନିଜ ବକ୍ତବ୍ୟରେ ସହରର ବିବିଧ ସଫଳତା ଓ ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ସହରବାସୀଙ୍କ ଜୀବନଶୈଳୀରେ ସୁଧାର ଆଣିବା ପାଇଁ ୫ ଟି ପାର୍କ, ୭ ଟି ଓପନ୍ ଜିମ୍, ୬ ଟି ପୋଖରୀ ଓ ୨୧ ଟି ପରିଚୟ ଗୃହର ରୂପାନ୍ତରୀକରଣ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨,୭୨୨ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୧,୬୭୦ ଜଣ ଘର ନିର୍ମାଣ ଶେଷ କରିଛନ୍ତି। ସେହିପରି 'ସହଯୋଗ' ଯୋଜନା ମାଧ୍ୟମରେ ୩୪,୫୭୬ ଜଣ ନାଗରିକଙ୍କୁ ସାମିଲ କରାଯାଇ ଲାଭାନ୍ୱିତ କରାଯାଇଥିବାରୁ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କଠାରୁ ପୌରପାଳିକାକୁ ପ୍ରଶଂସା ପତ୍ର ପ୍ରାପ୍ତ ହୋଇଛି ।ଭୁବନେଶ୍ୱର୦ାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିଭିନ୍ନ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଇଁ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକ ଲୋକାର୍ପିତ କରିଛନ୍ତି । କେନ୍ଦୁଝରଗଡ଼ ପୌରପାଳିକାର ବଳଭଦ୍ରପୁର ନୂଆ ଏଫଏସଟିପି ଠାରେ ନିର୍ମିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର, ପୌରପାଳିକାର ନବନିର୍ମିତ/ସମ୍ପ୍ରସାରିତ ପ୍ରଶାସନିକ ଭବନ, ବଳଭଦ୍ରପୁର ନୂଆ ଏଫଏସଟିପି ଠାରେ ନିର୍ମିତ ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର, ଯୋଡ଼। ପୌରପାଳିକାଠାରେ ୱାର୍ଡ ନଂ-୦୩ ରେ କୁଶଳ ପାତ୍ରଙ୍କ ଘରଠାରୁ ବୀର ମହାକୁଡ଼ଙ୍କ ଘର ପର୍ଯ୍ୟନ୍ତ ନିର୍ମିତ ପେଭର୍ ବ୍ଲକ୍ ରାସ୍ତା, ଆନନ୍ଦପୁର ପୌରପାଳିକା ୱାର୍ଡ ନଂ-୦୭ ବ୍ରିଜ୍ ଛକ ଓ ୱାର୍ଡ ନଂ-୧୨ ଶାଳପଡ଼ା ଛକଠାରେ ନିର୍ମିତ ଦୁଇଟି ଆଧୁନିକ ବସ୍ ୱେଟିଂ ସେଡ୍‌ୱାର୍ଡ ନଂ-୧୧ ବଡ଼ାମ୍ବ ଖେଳପଡ଼ିଆଠାରେ ନିର୍ମିତ ୱାକିଂ ଟ୍ରାକ୍ ସହ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜିଲ୍ଲାର ପୌରାଞ୍ଚଳବାସୀଙ୍କ ଗମନାଗମନ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରଶାସନିକ ସେବା ପ୍ରଦାନ କ୍ଷେତ୍ରରେ ବିଶେଷ ସୁବିଧା ହୋଇପାରିବ ।ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୮୦.୩୨ କୋଟି ଟଙ୍କା ବ୍ୟୟରେ ୪୦୬ ଟି ନୂତନ ପ୍ରକଳ୍ପ ହାତକୁ ନିଆଯାଉଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୯ କୋଟି ଟଙ୍କାରେ 'ସ୍ମାର୍ଟ ପାର୍କ', ୬.୨୧ କୋଟି ଟଙ୍କାର ଗୋଶାଳା, ୫ କୋଟି ଟଙ୍କାର ନୂତନ ପୌରପାଳିକା କାର୍ଯ୍ୟାଳୟ ଗୃହ ଏବଂ ୧.୫୦ କୋଟି ଟଙ୍କାର 'ସୁଭଦ୍ରା ହାଟ' ନିର୍ମାଣ ହେବ। ଏହା ବ୍ୟତୀତ ଗାନ୍ଧୀଚକଠାରେ ୫୫ କୋଟି ଟଙ୍କା ବ୍ୟୟରେ ମଲ୍ଟି-ଷ୍ଟୋରେଜ୍ ମାର୍କେଟ କମ୍ପ୍ଲେକ୍ସ, ଡଙ୍ଗଡ଼ାପଡ଼ା ଶବଦାହ କେନ୍ଦ୍ରର ସଂସ୍କାର, ହାଡ଼ବନ୍ଧ ପୋଖରୀର ସୌନ୍ଦର୍ଯ୍ୟକରଣ, ଫ୍ଲୋଟିଂ ଜେଟ୍ ବୋଟିଂ, ମିଶନ୍ ଶକ୍ତି କାଫେ, ଇ-ଲାଇବ୍ରେରୀ, ଇଭି ଚାର୍ଜିଂ ଷ୍ଟେସନ୍ ଏବଂ ଓଏସଏମଇ ନିକଟରେ ଫୁଡ୍ କୋର୍ଟ ଓ ସେଲଫି ପଏଣ୍ଟ ନିର୍ମାଣ ପାଇଁ ଯୋଜନା ରହିଛି ।ସହରର ୨୧ ଟି ୱାର୍ଡରେ ୨୧୪ ଜଣ ସଫେଇ କର୍ମଚାରୀ ଓ ୩୧ ଟି ସ୍ୱଚ୍ଛ ସବାରୀ ନିୟୋଜିତ କରାଯାଇ ପରିମଳ ବ୍ୟବସ୍ଥା ସୁଚାରୁରୂପେ ପରିଚାଳିତ ହେଉଛି। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣରୁ ୯.୧ ଲକ୍ଷ ଖତ ବିକ୍ରିରୁ ୧.୪୧ କୋଟି ଟଙ୍କା ଏବଂ ପ୍ଲାଷ୍ଟିକ ବିକ୍ରିରୁ ୧୦ ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି। ଚଳିତ ବର୍ଷ ପୌରପାଳିକା ୭୮.୮୩% ସଫଳତା ସହ ୯.୨୭ କୋଟି ଟଙ୍କାର ରାଜସ୍ୱ ଆଦାୟ କରିପାରିଛି ।ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡାକ୍ତର ଫକୀରମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଏବଂ ପୌରପାଳିକା ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଉପସ୍ଥିତ ଥିଲେ। ପ୍ରଶାସନିକ ସ୍ତରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ ଓ ଅନ୍ୟାନ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀବୃନ୍ଦ ଯୋଗଦେଇଥିଲେ।

ହୋଟେଲ ଗ୍ଲୋବାଲଇନରେ ଦକ୍ଷତା ଅଭିବୃଦ୍ଧି ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କେନ୍ଦୁଝର/ଘଟଗାଁ:୦୧/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ବିରାଜମାନ କରୁଥିବା ପ୍ୱିତ୍ର ଘଟଗାଁ ପୀଠର କଲେଜଛକ ନିକଟରେ ଥିବା ହୋଟେଲ ଗ୍ଲୋବାଲଇନ୍ ଠାରେ ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାନ୍ତ,ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା, ହୋଟେଲ ଗ୍ଲୋବାଲଇନର ମ୍ୟାନେଜିଂ ଡାଇରେକ୍ଟର ସେକ୍ ଇମ୍ରାନ ମାଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉଦଘୋଷକ ଏଂ ସାମ୍ବାଦିକ ସଞ୍ଜୟ କୁମାର ସାହୁ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ହୋଟେଲ ଗ୍ଲୋବାଲଇନର ଜେନେରାଲ ମ୍ୟାନେଜର ଜସିମ ସେକ । କାର୍ଯ୍ୟକ୍ରମର ମାର୍ଗଦର୍ଶକ ଥିଲେ ବରିଷ୍ଠ ସମାଜସେବୀ ତଥା ହୋଟେଲ ଗ୍ଲୋବାଲଇନ୍ ଏମଡିଙ୍କ ପିତା ସେକ୍ ମୋବିନ। ମଞ୍ଚାସୀନ ଅତିଥି ଓ ସାମ୍ବାଦିକ ତଥା ଉଦଘୋଷକ ସଞ୍ଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମ୍ୟାନେଜର ଜସିମ ସେକ୍ କହିଥିଲେ । କିପରି ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧି ହେବେ, ଆତ୍ମ ନିର୍ଭରଶୀଳ ହେବେ, ନିଜର ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିବେ, ଅନ୍ୟ ପାଇଁ ପ୍ରେରଣା ହେବେ ଓ ନିଜର ଭିବିଷ୍ୟତ ଗଢିତୋଳିବା ସେ ଉପରେ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସିଂ, ପ୍ରଫୁଲ୍ଲ ରାଉତ୍, ଭୀମସେନ ବଳ, ନୃସିଂହ ସିଂହ, ଯୁବପ୍ରତିଭା ସାଇ ଦୁର୍ଗା ପ୍ରସାଦ ପ୍ରମୁଖ ଦକ୍ଷତା ଅଭିବୃଦ୍ଧି ଉପରେ ବକ୍ତବ୍ୟ ରଖିଥିଲେ । କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସେମାନେ ହେଲେ ବାସନ୍ତି ଗାଗରଷଇ, ମୀରାବାଇ ନାୟକ, ନିହାରିକା ନାଥ, ସଂକ୍ରାନ୍ତି ମୁଣ୍ଡା, ସରସ୍ୱତୀ ମୁଣ୍ଡା, ଶିବନାଥ ମୁଣ୍ଡା, ସୀମାସି ନାୟକ, ସୌଦାମିନୀ ଦେହୁରୀ, ଓ ସ୍ୱାଗତିକା ମହାନ୍ତ । ଏହି କାର୍ଯ୍ୟକ୍ରମରେ ଘଟଗାଁ ଓ ଡେଙ୍କିକୋଟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନିମନ୍ତ୍ରିତ ହୋଇଥିଲେ ।

ପଞ୍ଚାୟତ ପରିସରରୁ ସରପଞ୍ଚ ସ୍ୱାମୀଙ୍କ ଗଛ କଟା ପ୍ରସଙ୍ଗ,ବନ ବିଭାଗର ତଦନ୍ତ

ହାଟଡିହି:୦୧/୦୯ (ଅମୀୟ ବରାଳ) - ହାଟଡିହି ବ୍ଲକ ମରେଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପାଞ୍ଚଟି ଅବାଧ ଗଛ କଟାକୁ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇଛି । ସରପଞ୍ଚଙ୍କ ସ୍ୱାମୀ ଗଛଗୁଡ଼ିକୁ ଅବାଧରେ କାଟିଦେବା ଯୋଗୁଁ ପଞ୍ଚାୟତର ସୌନ୍ଦର୍ଯ୍ୟ ନଷ୍ଟଭ୍ରଷ୍ଟ ହୋଇଯାଇଛି । ଏହାକୁ ନେଇ ସ୍ଥାନୀୟ ଯୁବକମାନେ ଅସନ୍ତୋଷ ଦେଖା ଦେଇଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ଜଣେ ବ୍ୟକ୍ତିଙ୍କୁ ନେଇ ସରପଞ୍ଚ ଥାନାରେ ମିଥ୍ୟା ଅଭିଯୋଗ ଆଣିଥିଲେ । ଏହି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ହଦଗଡ଼ ବନ ବିଭାଗର ଫରେଷ୍ଟର ମଳୟ ସାହୁ ଓ ବିଭାଗୀୟ କର୍ମଚାରୀ ମରେଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚି କେଉଁଥି ପାଇଁ ନିୟମ କାନୁନକୁ ପାଦରେ ଦଳି ଚକଟି ଦେଇ ସରପଞ୍ଚଙ୍କ ସ୍ୱାମୀ ଗଛଗୁଡ଼ିକୁ ଅବାଧରେ କାଟି ପକେଇଲେ ତାହାର ସବିଶେଷ ତଦନ୍ତ କରିଥିଲେ । ଏହି ସମୟରେ ସରପଞ୍ଚ ସତ୍ୟଭାମା ଜେନା,ୱାର୍ଡ ମେମ୍ବର ଉପସ୍ଥିତ ରହିଥିଲେ ।

ରାସ୍ତା ଉପରେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ସଙ୍କଟାପନ୍ନ ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତର

ଯୋଡ଼ା, ୦୧/୦୯ (ସନ୍ତୋଷ ନାଏକ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳର ୯ ନମ୍ବର ୱାର୍ଡ ପାତ୍ରସାହିରେ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଗତ ରାତିରେ ଘଟିଥିବା ଏହି ଆକ୍ରମଣରେ ଭୋଲାସାହିର ୩୬ ବର୍ଷୀୟ ବିଷ୍ଣୁ ନାଗ ଗୁରୁତର ଆହତ ହୋଇଛନ୍ତି ।ସୂଚନାନୁସାରେ, ଆକ୍ରମଣ ପରେ ବିଷ୍ଣୁ ରକ୍ତାକ୍ତ ଅବସ୍ଥାରେ ରାସ୍ତା ପାଖରେ ପଡ଼ି ରହିଥିଲେ । ତାଙ୍କୁ ଦେଖି ସ୍ଥାନୀୟ ଲୋକେ ଉଦ୍ଧାର ରି ତୁରନ୍ତ ଯୋଡ଼ାସ୍ଥିତ ଟାଟା ମେନ୍ ହସ୍ପିଟାଲକୁ ନେଇଥିଲେ। ଆକ୍ରମଣରେ ତାଙ୍କ ପିଠି, ଛାତି, କାନ୍ଧ, ହାତ ଓ ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି ।ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବିଷ୍ଣୁଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।ଆକ୍ରମଣ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ଘଟଣାକୁ ନେଇ ଯୋଡ଼ା ପୋଲିସ ତଦନ୍ତ ଆରମ୍ଭ କରିଛି । ଆକ୍ରମଣରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି ।

ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ,

ଶୋଇଥିବା ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

ଯୋଡ଼ା ୦୧/୦୯ (ସନ୍ତୋଷ ନାଏକ): ଲଗାଣ ବର୍ଷା ନେଇଆସିଲା ଦୁଃଖର ଖବର। ପ୍ରବଳ ବର୍ଷାରେ ମାଟିଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଦୁଃଖଦ ଘଟଣା ଚଖୁଆ ଥାନା ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ରାଇଗୁଡ଼ି ଗ୍ରାମରେ ଘଟିଛି ।ମିଳିଥିବା ସୂଚନା ଅନୁଯାୟୀ, କିଛି ଦିନ ଧରି ଅଞ୍ଚଳରେ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଘାସିରାମ ମହାନ୍ତଙ୍କ ମାଟିଘରର କାନ୍ଥ ଦୁର୍ବଳ ହୋଇପଡ଼ିଥିଲା । ରବିବାର ରାତିରେ ଘାସିରାମଙ୍କ ସ୍ତ୍ରୀ ପୂର୍ଣ୍ଣମୀ ଏକାକି ଗୋଟିଏ ଘରେ ଶୋଇଥିବା ବେଳେ ହଠାତ୍ ଘରର କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା । ଫଳରେ ସେ ଭଙ୍ଗା କାନ୍ଥ ତଳେ ଚାପି ହୋଇଯାଇଥିଲେ ।କାନ୍ଥ ଭୁଶୁଡ଼ିବାର ଶବ୍ଦ ଶୁଣି ପାଖ ଘରେ ଶୋଇଥିବା ତାଙ୍କ ଶାଶୁ ତୁରନ୍ତ ପଡ଼ୋଶୀଙ୍କୁ ଡାକିଥିଲେ । ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା କାନ୍ଥ ଓ ମାଟି ତଳୁ ପୂର୍ଣ୍ଣମୀଙ୍କୁ ଉଦ୍ଧାର କରିଥିଲେ । ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା ।ଘଟଣା ପରେ ରାଇଗୁଡ଼ି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଲଗାଣ ବର୍ଷା ସମୟରେ ଦୁର୍ବଳ ମାଟିଘରେ ରହୁଥିବା ପରିବାରଗୁଡ଼ିକର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି ।

ଲଗାଣବର୍ଷାରେ ଗରୀବ ମୂର୍ତ୍ତିକାରଙ୍କ ଘରଭାଙ୍ଗିଲା

ଉତ୍ସବ ମାନାଉଛି ପୌର ପ୍ରଶାସନ

କେନ୍ଦୁଝର:୦୧/୦୯(ଦିଲ୍ଲୀପ କୁମାର ସାହୁ) - ଚଳିତ ୨୦୨୬ ବର୍ଷରେ ବାରମ୍ବାର ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟିହୋଇ ଉତ୍ତରଓଡ଼ିଶାରେ ପ୍ରବଳ ବର୍ଷାହୋଇ ଜନଜୀବନକୁ ପ୍ରଭାବିତ କରିଛି । ଲଗାତାର ବର୍ଷା ଯୋଗୁଁ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି କେନ୍ଦୁଝର ସହରବାସୀ। ଆଗକୁ ପାର୍ବଣ ଋତୁ ଆରମ୍ଭ ହେବାକୁ ବସିଥିବା ବେଳେ, ଗରୀବ ମୂର୍ତ୍ତିକାର ଭଗବାନ ଦେହୁରୀ (୬୦)ଙ୍କ ଜୀବିକା ଉଜାଡ଼ି ଦେଇଛି ଲାଗାଣବର୍ଷା । ଆଜି ପ୍ରତ୍ୟୁଷରେ ଭଗବାନଙ୍କର ଘରର ମାଟିକାନ୍ଥ ଲଗାଣବର୍ଷା କାରଣରୁ ଭାଙ୍ଗିଯାଇଛି । ଭଗବାନ ଜଣେ ମାଟି ମୂର୍ତ୍ତି କାରିଗର ହୋଇଥିବାବେଳେ ଧର୍ମପତ୍ନୀ କାନ୍ତି ଦେହୁରୀ (୫୬)ଙ୍କ ସହ କେନ୍ଦୁଝରଗଡ଼ ସହରର ୧୧ ନଂ ୱାର୍ଡ ସିଲୁଆଁ ଅଞ୍ଚଳର ନିର୍ମଳା କନଭେଣ୍ଟ ସ୍କୁଲ ପାଖରେ ନିଜର ଝାଟିମାଟି ଗରିବ କୁଡ଼ିଆରେ ଅବସ୍ଥାନ କରୁଥିଲେ ଏଂ ବିଭିନ୍ନ ହିନ୍ଦୁ ପୂଜାପର୍ବ ଆଦି ଅନୁଷ୍ଠାନ ପାଇଁ ମାଟିରେ ମୂର୍ତ୍ତି ତିଆରିକରି ବଜାରରେ ବିକ୍ରୟ କରି ବିକ୍ରିଲବ୍ଧ ଅର୍ଥରେ ଦୁଃଖକଷ୍ଟରେ ଚଳିଯାଆନ୍ତି ଉଭୟ ପତିପତ୍ନୀ ବର୍ଷତମାମ। ଏବର୍ଷ ମଧ୍ୟ ଆସୁଥିବା ପାର୍ବଣ ଋତୁକୁ ଆଖିଆଗରେ ରଖି ନିଜର ଝାଟିମାଟି କୁଡ଼ିଆ ଭିତରେ ଅନେକ ମୂର୍ତ୍ତି ଅଧାଗଢା ହୋଇ ରହିଛି ତାଙ୍କ କୁଡ଼ିଆରେ। ଅବଶ୍ୟ କାନ୍ଥୁ ଧସିଯିବା ଦ୍ୱାରା କିଛି ଅଧାଗଢା ମୂର୍ତ୍ତି କ୍ଷତିଗ୍ରସ୍ତ ହୋଇଛି । ତେବେ ଘରର କାନ୍ଥୁ ଧସି ଘର ଭାଙ୍ଗିବା ଦୁଃଖରେ ମୁଣ୍ଡରେ ହାତଦେଇ ବସିଛନ୍ତି ଗରୀବ ଅସହାୟ ବୃଦ୍ଧ ମୂର୍ତ୍ତି କାରିଗର ଭଗବାନ ଏଂ ସହଧର୍ମିଣୀ କାନ୍ତି। ମନରେ ଭରି ରହିଛି ଅସରାଏ ଚିନ୍ତା। ଅଧାଗଢା ମୂର୍ତ୍ତି ଗୁଡ଼ିକୁ କେଉଁଠିକୁ ସ୍ଥାନାନ୍ତର କରି ଗଢ଼ିବା କାର୍ଯ୍ୟ ସମ୍ପୂର୍ଣ କରିବେ କିପରି ମୂର୍ତ୍ତି କାର୍ଯ୍ୟ ସମ୍ପୂର୍ଣ ନକରି ବଜାରରେ ନବିକିଲେ ବର୍ଷସାରା ଚଳିବେ କିପରି। ଏହି ଘଟଣା ସମ୍ବନ୍ଧରେ ସ୍ଥାନୀୟ ୧୧ ନମ୍ବର ୱାର୍ଡର ଯୁବ ସାମାଜିକକର୍ମୀ ରବିନ ମହାନ୍ତ ସକାଳେ ପୀଡ଼ିତ ମୂର୍ତ୍ତି କାରିଗରଙ୍କ ଘରକୁ ଯାଇ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ସଙ୍ଗେସଙ୍ଗେ କେନ୍ଦୁଝରଗଡ଼ ପୌରପାଳିକାର ପୌର କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରିଥଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ପୌର ପ୍ରଶାସନ ପକ୍ଷରୁ କେହି ଘରଭାଙ୍ଗିଥିବା ପୀଡ଼ିତଙ୍କ ଘରକୁ ଆସିନାହାନ୍ତି । ଏପରିକି ପୀଡ଼ିତଙ୍କ ଘରପାଖରେ ରହୁଥିବା ୧୧ ନଂ ୱାର୍ଡ କାଉନସିଲର ଭଉଣୀ ମଧ୍ୟ ଆସିବାକୁ ସମୟ ପାଇନାହାନ୍ତି। ଆମେ କହିଲେ କଣ ହେବ, ଆଜି ପରା ପୌର ଦିବସ ।ଭାଗ ପରା ଆଜି ଉତ୍ସ ମନାଉଛି । ଉତ୍ସବର ମାହୋଲ ଭିତରେ ଗରୀବ ପୀଡ଼ିତ ମୂର୍ତ୍ତି କାରିଗରର କାନ୍ଦ କିପରି ଶୁଭିବ କେନ୍ଦୁଝରଗଡ଼ ପୌର କର୍ତ୍ତୃପକ୍ଷଙ୍କ କାନକୁ। କେନ୍ଦୁଝରଗଡ଼ ଭଳି ସହରରେ ସରକାରୀ ବାବୁଙ୍କ ଏଭଳି ଦାୟିତ୍ୱହୀନତା ଅତ୍ୟନ୍ତ ନିନ୍ଦନୀୟ।



କ୍ରମାଗତ ଲଘୁଚାପ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ



ଚଖୁଆ :୦୧/୦୯(ରାମକୃଷ୍ଣ ଜିତ):-ଗତ କିଛିଦିନ ଧରି କ୍ରମାଗତ ଲଘୁଚାପଜନିତ ବର୍ଷାରେ ଚଖୁଆ ବ୍ଲକର ୨୨ଗୋଟି ପଞ୍ଚାୟତ ଅନେକ ଘର ଭାଙ୍ଗିବା ସହିତ ଅନେକ ଧନ ଜନ କ୍ଷୟକ୍ଷତି ଘଟିଛି । ତେଣୁ ଚଖୁଆ ବିଧାୟକ ସନାତନ ମହ

ଗାଙ୍ଗପୁର ଥାନା ତରଫରୁ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ



ବେଲଗୁଣ୍ଠା-୧/୯-(ଅକ୍ଷର ଓଡିଶା)ନାଟେଙ୍ଗା ଦିନବନ୍ଧୁ ବିଦ୍ୟାପୀଠ ପରିସରରେ ଗାଙ୍ଗପୁର ଥାନା ତରଫରୁ ଏକ ସାଇବର ସିକ୍ୟୁରିଟି ଓ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଡୋକି ସରୋଜିନୀ ଅଧ୍ୟକ୍ଷତା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧ, ଠକେଇରୁ ବର୍ତ୍ତିବା,ଫ୍ରଡ୍ କଲ୍ ନ ଉଠାଇବା ଏବଂ ଏହି କୋମଳମତି ବୟସରେ ଫେସବୁକ୍ ଓ ଇନଷ୍ଟାଗ୍ରାମ୍ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଛାତ୍ରଛାତ୍ରୀମାନେ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନରେ ଶ୍ରେଷ୍ଠ ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ।ଏହି କାର୍ଯ୍ୟକ୍ରମରେ ଗାଙ୍ଗପୁର ଥାନା ଏଏସାଇ ୟାଇ.ବି ନାଇଡୁ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଭାତ କୁମାର ଗୌଡ଼, ବର୍ଷା ରାଣୀ ବେହେରା,ସ୍ୱାଗତିକା ସେଠୀ,ଝରଣା ଦାସ, ସୁସଂଗିନୀ ପ୍ରଧାନ,ସନ୍ତୋଷ କୁମାର ସାହୁ, ଶ୍ରୁତିସ୍ମାରକୀ ପାତ୍ର ଏବଂ ବଂଶୀଧର ପ୍ରଧାନ ଉପସ୍ଥିତ ଥିଲେ।

ରାହୁଲ ଗାନ୍ଧୀଙ୍କ ନାମରେ FIR ଘଟଣାକୁ DCC ଦେବଗଡ଼ର ପ୍ରତିବାଦ

ଦେବଗଡ଼୦୧/-୯ (ଅକ୍ଷର ଓଡ଼ିଶା): ରାହୁଲ ଗାନ୍ଧୀଙ୍କ ନାମରେ ଏଫ୍ଆଇଆଁ ରୁଜୁ ଘଟଣାକୁ ନେଇ ଦେବଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ଦଳୀୟ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ରାହୁଲ ଗାନ୍ଧୀଙ୍କ ବିରୋଧରେ ହୋଇଥିବା ଏଫ୍ଆଇଆଁକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।ଏହି ଅବସରରେ କଂଗ୍ରେସ କର୍ମୀମାନେ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରି ଦଳର ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ସମର୍ଥନ ଜଣାଇଥିଲେ। ଏହି ପ୍ରତିବାଦରେ ଜିଲ୍ଲା କଂଗ୍ରେସର ବହୁ ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

ମୁରିବାହାଲ ପୋଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ

ବଲାଙ୍ଗିର୦୧/୦୯ (ଦେବେନ୍ଦ୍ର ପୋଡ): ଓଡ଼ିଶାକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ମୁରିବାହାଲ ପୋଲିସ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ଓ ଅଭିଯାନ ଆୟୋଜିତ ହୋଇଛି ।ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ମୁରିବାହାଲ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ହଲଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ହଲଦୀ ବୀର ସୁରେନ୍ଦ୍ର ସାଏ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନ ହୋଇଥିଲେ। ନିଶାମୁକ୍ତ ସମାଜ ଗଠନ ସହ ଜିଲ୍ଲା, ରାଜ୍ୟ ଓ ଦେଶକୁ ନିଶାମୁକ୍ତ କରିବା ପାଇଁ ଛାତ୍ରଛାତ୍ରୀମାନେ ଶପଥ ନେଇଥିଲେ। ଯୁବପିଢିଙ୍କୁ ନିଶାଠାରୁ ଦୂରେଇ ରଖିବା ସହ ନିଶା ବିରୋଧୀ ସଚେତନତା ସୃଷ୍ଟି ପାଇଁ ପୋଲିସ ପକ୍ଷରୁ ଆହ୍ୱାନ କରାଯାଇଥିଲା।

ଚୋରା କାଠ ବେପାରୀଙ୍କ ଉପରେ ଡିଏଫଓ ଙ୍କ ତଦନ୍ତ ନିର୍ଦ୍ଦେଶ

ରାଜନଗର ୦୧/୦୯ (ଅକ୍ଷର ଓଡ଼ିଶା)ରାଜନଗର ବ୍ଲକ ରେ ବିଭିନ୍ନ ବଜାର ଓ ଗାଁ ଛକ ମାନଙ୍କରେ ବିନା ବନ ବିଭାଗର ଲାଇସେନ୍ସରେ କାଠ ଦୋକାନ ହୋଇଛି,ଯାହା ସଂପୂର୍ଣ୍ଣ ଭାବେ ବେଆଇନ। ତେଣୁ ଏହି ବେଆଇନ କାଠ ବେପାରୀଙ୍କ ଉପରେ ବଡ଼ ତଦନ୍ତ ହେବା ନେଇ ରାଜନଗର ବନଖଣ୍ଡ ଅଧିକାରୀ (ଡିଏଫଓ) ବଡ଼ ସୂଚନା ଦେଇଛନ୍ତି। ଘଟଣା ଯୋଗ୍ୟ ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଦିଘୀ ବଜାର ଠାରେ ଏକ ବେଆଇନ କାଠ ଦୋକାନ ନିର୍ମାଣ ହୋଇଛି,ଯେଉଁଠି ବାହାରେ ଅଳ୍ପ କିଛି ପଟା ଦେଖାଇ ସଟର ଘର ଭିତରେ ପ୍ରବଳ ମାତ୍ରାରେ କାଠ ବେପାର କରାଯାଉଛି। ତେଣୁ ବିନା ଲାଇସେନ୍ସରେ ଏହି କାଠ ବେପାର ହେଉଛି କେମିତି,ଏଠାକୁ କେଉଁଠୁ ଆସୁଛି ପଟା ବା କାଠ, କିଏ ଦେଉଛି, ଖୋଲା ସେହ୍ନନର ବନ କର୍ମଚାରୀ କରୁଛନ୍ତି କଣ, ଏଥିରେ ସେମାନଙ୍କ ଭିତିରିଆ ସମ୍ପର୍କ ରହିଛି ନା ନାହିଁ। ଏହି ସମସ୍ତ ଦିଗକୁ ନେଇ ପୂର୍ବରୁ ଖବର ପ୍ରସାରଣ ହେବା ପରେ ଗତକାଲି ରାଜନଗର ବନଖଣ୍ଡ ଅଧିକାରୀ (ଡିଏସଓ) ବର୍ଦ୍ଧରାଜ ଗାଁଓକର କହିଛନ୍ତି ଏହି କାଠ ଦୋକାନ ଉପରେ ତଦନ୍ତ କରିବା ପାଇଁ ଭିତରକନିକା ରେଞ୍ଜର ଙ୍କୁ ନିର୍ଦ୍ଦେଶ ଦିଆଯିବା ସହିତ ଅନ୍ୟ ଚୋରା କାଠ ବେପାରୀ ଙ୍କ ଦୋକାନ ଉପରେ ତଦନ୍ତ କରିବା ପାଇଁ ଅନ୍ୟ ରେଞ୍ଜର ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ବନଖଣ୍ଡ ଅଧିକାରୀ କହିଛନ୍ତି।

ପଟ୍ଟାମୁଣ୍ଡାଇରେ ସ୍ୱାୟତ୍ତ ଶାସନ ଦିବସ

କେନ୍ଦ୍ରାପଡ଼ା ୧/୯(ଗଗନ କୁମାର ପ୍ରଧାନ)ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଧୋୟାଞ୍ଚଳର ବନ୍ୟା ସମସ୍ୟା ଓ ସହରର ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହିତ ସହରରୁ ଚୋରୀ ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଡିର ସହର ମଧ୍ୟରେ ସି ସି ଟି ଭି ବ୍ୟବସ୍ଥା କରାଯାଇଛି ବୋଲି ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ପୌର ପରିଷଦ ପ୍ରେକ୍ଷାଳୟ ଠାରେ ଆୟୋଜିତ ବର୍ଷାଦ୍ୟ ଉତ୍ସବରେ ବିଧାୟକ ଶ୍ରୀସାହୁ କହିଲେ ବନ୍ୟା ନିୟନ୍ତ୍ରଣ ପାଇଁ ଚିଂବନ୍ଧ ନିର୍ମାଣ ଓ ଜଳନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନିର୍ମାଣ ସହ ବର୍ଷାଜଳକୁ ଗୋବରୀ ନଦୀରେ ଛଡା ଯିବା ପାଇଁ ପଦକ୍ଷେପ ନିଆଯାଉଛି ଓ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ନିର୍ମାଣ, ପ୍ରଶାସନିକ ଭବନ ଓ ଡାକ୍ତର କ୍ୱାଟର ନିର୍ମାଣ ପାଇଁ ପ୍ରାୟ ୧୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ଓ କାଉନସିଲର ସର୍ବଶ୍ରୀ ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ମଳୟ ଓଝା ମୃତ୍ୟୁଞ୍ଜୟ ପାତ୍ରୀ ସମ୍ରାଟ ଜେନା ସାନିଆ ପରମିନ ସାହେବା, ରୀନାରାଣୀ ମଳିକ ପ୍ରମୁଖ ବହୁ କାଉନସିଲର ମଞ୍ଚାସୀନ ଥିଲେ ଓ ସଭା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କରାଯିବା ସହିତ ଏମ ଏନ ହାଇସ୍କୁଲ ନିକଟରେ ପୋଖରୀ ଉନ୍ନତି ସୌନ୍ଦର୍ଯ୍ୟ କରଣ ଶିଳାନ୍ୟାସ ଓ ଅଳଭା



ଠାରେ ପୋଖରୀ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଶିଳାନ୍ୟାସ ଓ ପଟ୍ଟାମୁଣ୍ଡାଇ ସହରରେ ସି ସି ଟିଭି କାର୍ଯ୍ୟକ୍ରମ ଲୋକାର୍ପଣ, ମାଟିଆପାଳରେ ଏଫ ଏସ ଟି ପ୍ଲାଣ୍ଟ ଗୃହ ଉଦଘାଟନ ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଓ ଏଥିରେ ବିଧାୟକ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ପୌର ଅଧକ୍ଷ ନିର୍ବାହୀ ଅଧିକାରୀ ଓ କାଉନସିଲର ମାନେ ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା ତପସ୍ୱିନୀ ଦାଶ ପ୍ରଫୁଲ୍ଲ ଦାଶ, ମନୋରଞ୍ଜନ ଦାଶ ଗଙ୍ଗାଧର ନାୟକ ଗଣେଶ ପାତ୍ର ଓ ହୃଷିକେଶ ନାଥ ପରିଚାଳନା କରିଥିଲେ ।

ବୋଡ଼େନରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

୮୦ ଅଭିଯୋଗ ପଞ୍ଜୀକୃତ, ୩ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା



ନୂଆପଡ଼ା ୦୧/୦୯(ଅକ୍ଷର ଓଡ଼ିଶା)ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛିକ୍ଷ ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତାହାର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ମୋଟ ୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରୁ ୬୧ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ସ୍ଥିତି ଅନୁଧ୍ୟାନ କରି ତ୍ୱରିତ ପଦକ୍ଷେପ ନେବାକୁ କହିଥିଲେ।ପୂର୍ବରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକର ଫଇସଲା ସ୍ଥିତି ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଅଭିଯୋଗଗୁଡ଼ିକର ଶୀଘ୍ର ଫଇସଲା କରି ଅଭିଯୋଗକାରୀଙ୍କୁ ଉପଯୁକ୍ତ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।ଶିବିର ଅବସରରେ ପ୍ରେମ ସୁନାନୀ ଓ ବିଳାସି ବେହେରାଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ଦେମତି ପରାଭାଇଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା।ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ, କେନ୍ଦୁପତ୍ର ଏ ମାଧବୀଲତା, ବନଖଣ୍ଡ ଅଧିକାରୀ, ପ୍ରାନ୍ତୀୟ ଅଜିଜ୍ ଖାନ, ଏସଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ ନସିମ୍, ରୋଶନ କୁମାର ଜେନା, ବୋଡ଼େନ ବିଡିଓ ଚିନ୍ମୟ ସାଗର ଓ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ମେ ଆଇ ହେଲ୍ପ ୟୁ ପରିବାର ତରଫରୁ ଆଶ୍ରମରେ ମାନବୀୟ କାର୍ଯ୍ୟ

କଟକ ସଦର:୦୧/୦୯ (ଅକ୍ଷର ଓଡିଶା)ବିରିଡି ବ୍ଲକ ଅନ୍ତର୍ଗତ ଅଡ଼ଙ୍ଗ ଗ୍ରାମରେ ଥିବା ମୋ ଘର ବୃଦ୍ଧା ଶ୍ରମରେ ସାମାଜିକ ସଙ୍ଗଠନ ମେ ଆଇ ହେଲ୍ପ ୟୁ ପରିବାର ବରାଳ ୪୨ ମୌଜା କଟକ ସଦର ତରଫରୁ ରାସନ ସାମଗ୍ରୀ ଓ ବସ୍ତ୍ର ଦାନ କରାଯାଇଛି । ଏହି ମହାନ୍ ପୁଣ୍ୟ କାର୍ଯ୍ୟରେ ପରିବାର ତରଫରୁ କଷ୍ଣଶିଳ୍ପୀ ସନାତନ ବେଉରା,ସୁନାକାର ସାହୁ,ପ୍ରଭାତ କୁମାର ସାହୁ,ପ୍ରେମାନନ୍ଦ ମହାରଣା, ବିଳାଶ ଚନ୍ଦ୍ର ସାହୁ,ସୁବାଷ ରାଉତ ଏବଂ ଅନ୍ୟାନ୍ୟ ବହୁ ସଦସ୍ୟ ଉପସ୍ଥିତ ରହି ବୃଦ୍ଧ ମାଆ ମାନଙ୍କ ଠାରୁ ଆଶର୍ବାଦ ଭିକ୍ଷା କରିଥିଲେ ।

ଭଦ୍ରକରେ ଉତ୍ସାହର ସହ ପାଳିତ ହେଲା ସ୍ୱାୟତ୍ତ ଶାସନ ଦିବସ

ଭଦ୍ରକ, ୦୧/୦୯ (ଅକ୍ଷର ଓଡିଶା) ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଭଦ୍ରକରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ଭଦ୍ରକ ପୌରପାଳିକା ଅଧକ୍ଷା ଶ୍ରୀମତୀ ଗୁଲମାକି ଦଲୱାଜୀ ହବିବ ସମ୍ମାନିତ ଅତିଥି, ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ . ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ମହାନ୍ତ ଏବଂ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ସ୍ୱାୟତ୍ତ ଶାସନ ହେଉଛି ତୃଣମୂଳସ୍ତରରେ ଗଣତନ୍ତ୍ରକୁ ମଜବୁତ କରିବାର ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ। ସହରର ଉନ୍ନତି କେବଳ ସରକାର କିମ୍ବା ପୌରପାଳିକାର ଦାୟିତ୍ୱ ନୁହେଁ; ଏଥିରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ।ସ୍ୱଚ୍ଛ ଭଦ୍ରକ ଗଠନ ପାଇଁ ଘରୁ ଅଳିଆ ବାହାର କରିବା ସମୟରେ ଆବର୍ଜନାକୁ ପୃଥକୀକରଣ, ସାର୍ବଜନୀନ ସ୍ଥାନକୁ ସ୍ୱଚ୍ଛ ରଖିବା ଏବଂ ପୌରପାଳିକାର ସ୍ୱଚ୍ଛତା ଅଭିଯାନରେ ନାଗରିକମାନେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ ।ସମ୍ମାନିତ ଅତିଥି ଶ୍ରୀମତୀ ହବିବ କହିଥିଲେ ଯେ, ପୌରପାଳିକାର ମୂଳ ଲକ୍ଷ୍ୟ ହେଉଛି ନାଗରିକଙ୍କୁ ଉତ୍ତମ ଓ ଗୁଣାତ୍ମକ ପୌରସେବା ପ୍ରଦାନ କରିବା। ନାଗରିକମାନଙ୍କ ଆବଶ୍ୟକତା ଓ ସମସ୍ୟାକୁ ଗୁରୁତ୍ୱ ଦେଇ ପୌରପାଳିକା ପକ୍ଷରୁ ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣମୂଳକ ପଦକ୍ଷେପ ନିଆଯାଉଛି ।

ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରଞ୍ଜିତ କେ.ଏନ୍. ସାମନ୍ତରାୟ ସମ୍ବର୍ଦ୍ଧିତ



ଖୋର୍ଦ୍ଧା ୦୧/୦୯(ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ୬୭ତମ ସ୍ୱାୟତ ଶାସନ ଦିବସ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଖୋର୍ଦ୍ଧା ପୌର ପରିଷଦ କୁ ଶୀର୍ଷରେ ପହଁଚାଇବା ପାଇଁ ସମସ୍ତ ସହରୀ ଯୋଜନା ଦ୍ରୁତ ରୂପାୟନ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଶ୍ରୀ ଜଗଦେବ କହିଥିଲେ ସ୍ୱପ୍ନରୁ ସଂକଳ୍ପ, ସଙ୍କଳ୍ପରୁ ସିଦ୍ଧି ପ୍ରକାଶ କରି ଏକ ନବ ନିର୍ମାଣର ଯୁଗ, ଦୃତ ବିକାଶ ପଥେ ଖୋର୍ଦ୍ଧା ପୌର ପରିଷଦ, ସୂଚନା ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ସେ କହିଥିଲେ ୨୦୨୫ ସ୍ୱାୟତ ଶାସନ ଦିବସ ରେ ଯାହା ସଂକଳ୍ପ ଥିଲା ତାହା ୨୦୨୬ ସ୍ୱାୟତ ଶାସନ ଦିବସରେ ସଂକଳ୍ପ କାର୍ଯ୍ୟକାରୀ ହେଲା ବୋଲି କହିଥିଲେ । ଖୋର୍ଦ୍ଧା ସହରରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଡିଭିଜନ କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ଖୋଲି ବିକାଶର ଧାରା ତଥା ଖୋର୍ଦ୍ଧା ସହରକୁ ପରିମଳ ଓ ସ୍ୱେରେଜ୍ କ୍ଷେତ୍ରରେ ଶତ ପ୍ରତିଶତ ସେବା ସହର ବାସୀଙ୍କୁ ଯୋଗାଇଦିଆଯିବ । ସହରରେ ସି ସି କ୍ୟାମେରା ଲାଗିବ, ଅତ୍ୟାଧୁନିକ ସପିଙ୍ଗ ମଲ୍ ନିର୍ମାଣ ଓ ୱାଟକୋ ଡିଭିଜନ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାର ଙ୍କୁ ଅନୁମୋଦନ ମଗାଯାଇଛି ବୋଲି ପ୍ରକାଶ କରିଥିଲେ । ଏଣୁ ସମସ୍ତ ସହର ବାସୀ ସରକାରଙ୍କୁ ସହଯୋଗ କଲେ ଅଧିକରୁ ଅଧିକ ସହରର ବିକାଶ ମୂଳକ କାର୍ଯ୍ୟଦ୍ୱାରା ଖୋର୍ଦ୍ଧା ପୌର ପରିଷଦ ୧ ନମ୍ବର ହୋଇ ସାରା ରାଜ୍ୟକୁ ଦିଗ୍ ଦର୍ଶନ ଦେବ ବୋଲି ନିଜ ଉଦବୋଧନରେ ପ୍ରକାଶ କରିଥିଲେ। ପୌର ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପୌର ପରିଷଦ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ କହିଥିଲେ । ୮ ଗୋଟି ଗ୍ରାମକୁ ନେଇ ୧୨ ଜୁଲାଇ ୧୯୬୦ ମସିହାରେ ଜୀବନ୍ୟାସ ପାଇଥିବା ପୌର ପରିଷଦ ଆଜି ୨୨ ଗୋଟି ୱାର୍ଡକୁ ନେଇ ସମ୍ବିଧାନର ୭୪ ତମ ସଂଶୋଧନ ଧାରାରେ କ୍ଷମତା ବିକେନ୍ଦ୍ରୀକରଣ ହୋଇ ସହରର ସର୍ବାଙ୍ଗିନ ବିକାଶ ପଥେ ଆଗେଇ ଚାଲିଛି ।

ଗୋପର ୫୦୦ ଗ୍ରାମୀଣ ମହିଳାଙ୍କୁ ଆତ୍ମନିର୍ଭର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ଗୋପ:୦୧/୦୯ (ସନ୍ତୋଷ କୁମାର ଭୋଳ) ଗୋପ ବ୍ଲକ୍‌ର ଗ୍ରାମାଞ୍ଚଳର ମହିଳା, ବିଶେଷକରି ୫୦୦ରୁ ଊର୍ଦ୍ଧ୍ୱ ମୁସଲିମ୍ ପରିବାରର ମହିଳାମାନଙ୍କୁ ଘରେ ବସି ରୋଜଗାର ସୁଯୋଗ ଯୋଗାଇ ଆର୍ଥିକ ଭାବେ ଆତ୍ମନିର୍ଭର କରିବା ପାଇଁ ଗୋପରେ ଏକ ସ୍ୱତନ୍ତ୍ର ‘ଟେକ୍ସଟାଇଲ୍ ମାଇକ୍ରୋ-କ୍ଲଷ୍ଟର’ ସ୍ଥାପନ କରିବାକୁ ଦାବି ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଅନୁରୋଧ କରାଯାଇଛି ।ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପୁରୀ ଜିଲ୍ଲାର ଚାଷୀ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ (ଲୁଲୁ) ଏହି ଦାବିପତ୍ର ମାଧ୍ୟମରେ ସରକାରୀ ସହଯୋଗ ଲୋଡ଼ିଛନ୍ତି ।

ମା' ମଝିଘରିଆଣୀ ନିକଟସ୍ଥ ଡମ୍ପିଂ ୟାର୍ଡରେ ବର୍ଜ୍ୟବସ୍ତୁର ବାୟୋ-ମାଇନିଂ କାର୍ଯ୍ୟର ଶୁଭାରମ୍ଭ



ରାୟଗଡ଼ ୦୧/୦୯ :(କୈଳାସ ସ୍ୱାଇଁ)ରାୟଗଡ଼ ସହରକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବା ଲକ୍ଷ୍ୟରେ ରାୟଗଡ଼ ପୌରପରିଷଦ ପକ୍ଷରୁ ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ପୁରୁଣା ଡମ୍ପସାଇଟ୍‌ରେ ଜମା ହୋଇ ରହିଥିବା ପୁରୁଣା ଆବର୍ଜନା (ଲିଗାସି ୱେଷ୍ଟ)ର ବାୟୋ-ମାଇନିଂ ପ୍ରକଳ୍ପ ଆଜି ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ନାମ : ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ଡମ୍ପସାଇଟ୍‌ରେ ଥିବା ଲିଗାସି ବର୍ଜ୍ୟବସ୍ତୁର ବାୟୋ-ମାଇନିଂ, ଏହାର ବିଜ୍ଞପ୍ତି ସଂଖ୍ୟା ଓ ତାରିଖ: ୮୯୮୮ ତା ୧୧.୦୯.୨୦୨୫, ଏହି କାର୍ଯ୍ୟ ପାଇଁ ମୋଟ ତିନି ଜଣ ଘରୋଇ ସଂସ୍ଥା ଆବେଦନ ପତ୍ର ଦାଖଲ କରିଥିଲେ ସେଥିମଧ୍ୟରୁ ଝନେଶ୍ୱର୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଉପଯୁକ୍ତ ପ୍ରକ୍ରିୟାରେ ମନୋନୀତ କରାଯାଇ ୨୧.୪.୨୦୨୬ ରିଖରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ।ଏହି ଉଦ୍‌ଘାଟନୀ ଉତ୍ସବରେ ରାୟଗଡ଼ ଜିଲ୍ଲା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରକଳ୍ପର ଉଦ୍ଘାଟନ କରିଥିଲେ ।

ଏହି ଉଦ୍‌ଘାଟନୀ ଉତ୍ସବରେ ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡୁ , ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ରାୟଗଡ଼ ପୌରପରିଷଦର ଅଧକ୍ଷ ପି ମହେଶ ପଟନାୟକ କାର୍ଯ୍ୟନିର୍ବାହୀ ଅଧିକାରୀ କୁଲଦୀପ କୁମାର, ସମସ୍ତ ୱାର୍ଡ ପାରିଷଦ ବର୍ଗ ତଥା ପୌର କର୍ମଚାରି ମାନେ ଉପସ୍ଥିତ ଥିଲେ ।

ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବାୟୋ-ମାଇନିଂ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଏଜେନ୍ସିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଏହି ବାୟୋ-ମାଇନିଂ ପ୍ରକ୍ରିୟା ଦ୍ୱାରା ବର୍ଷ ବର୍ଷ ଧରି ଜମା ହୋଇ ରହିଥିବା ଆବର୍ଜନାର ବୈଜ୍ଞାନିକ ପଦ୍ଧତିରେ ପୃଥକୀକରଣ ଓ ପୁନଃଚକ୍ରଣ କରାଯାଇ ସମ୍ପୃକ୍ତ ଜମିକୁ ଆବର୍ଜନାମୁକ୍ତ କରାଯିବ। ଏହି ବାୟୋ-ମାଇନିଂ ପ୍ରକ୍ରିୟାରେ ପାଖାପାଖି ମୋଟ ୬୦୦୦୦ ମେଟ୍ରିକ ଟନ ପୁରୁଣା ଆବର୍ଜନା ପରିଚାଳନା କରାଯିବ । ଏହି କାର୍ଯ୍ୟ ୪ ରୁ ୬ ମାସ ମଧ୍ୟରେ ସାରିବା ପାଇଁ ଉପରୋକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଅଛି । ଏହି ପ୍ରକ୍ରିୟାରେ ବାହାରୁଥିବା ଆର.ଡି.ଏଫ ବର୍ଜ୍ୟ କୁ ସିମେଣ୍ଟ କାରଖାନାକୁ ପଠାଇ ଦିଆଯିବ ଏବଂ ଏଥିରୁ ବାହାରୁଥିବା ଓଦା ବର୍ଜ୍ୟ କୁ ଲ୍ୟାଣ୍ଡ ଫିଲିଙ୍ଗ ପାଇଁ ବ୍ୟବହାର କରାଯିବ । ଏହି କାର୍ଯ୍ୟ ସଫଳତାର ସହ ସମ୍ପାଦନ ହେବା ପରେ ପୁନଶ୍ଚ କୌଣସି ଡମ୍ପିଂ ୟାର୍ଡ ସୃଷ୍ଟି କରାନଯାଇ ସମସ୍ତ ବର୍ଜ୍ୟବସ୍ତୁ ସମ୍ପଦ କେନ୍ଦ୍ରରେ ପ୍ରକ୍ରିୟାକରଣ କରାଯିବ । ମଝିଘରିଆଣୀ ମନ୍ଦିର ନିକଟସ୍ଥ ପୁରୁଣା ଡମ୍ପସାଇଟ୍‌କୁ ପୁନଃ ବ୍ୟବହାର ଉପଯୋଗୀ କରାଯିବ ଏବଂ ଏହି ସ୍ଥାନକୁ ମା ମଝିଘରିଆଣୀ ମନ୍ଦିର ଶୋଭା ବର୍ଦ୍ଧନ ନିମିତ ପ୍ରକଳ୍ପ ପାଇଁ ବ୍ୟବହାର କରାଯିବ ବୋଲି ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ମତବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ମନ୍ଦିର ଆଖପାଖ ପରିବେଶ ସ୍ୱଚ୍ଛ ରହିବା ସହ ସହରବାସୀ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ପାଇପାରିବେ।

ଗଜପତିରେ ଡ୍ରାଇଭର ଦିବସ ପାଳିତ



ପାରଳାଖେମୁଣ୍ଡି,୧/୯(ତାରିଣୀ ପ୍ରସାଦ ପଣ୍ଡା): ଆଜି ଡ୍ରାଇଭର ଦିବସ ଅବସରରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାରେ ଡ୍ରାଇଭରମାନେ ମିଳିତ ଭାବେ ଡ୍ରାଇଭର ଦିବସ ପାଳନ କରିଛନ୍ତି. କାଶୀନଗର ଡ୍ରାଇଭର ସଙ୍ଘ ତରଫରୁ ସଭାପତିଙ୍କ ନେତୃତ୍ୱରେ ଡ୍ରାଇଭରମାନେ ନିଜର ୟୁନିଫର୍ମ ପିନ୍ଧି କାଶୀନଗର ସହର ପରିକ୍ରମା କରିଥିଲେ, କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠି ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ. ପରେ ଏକ ମୋଟର ସାଇକେଲ ରାଲି କାଶୀନଗର ବ୍ଲକରେ ପରିକ୍ରମା କରି ଡ୍ରାଇଭର ଏକତା ଜିନ୍ଦାବାଦ ନାରା ଦେଇ ଥିଲେ. ପରେ ସମସ୍ତ ଡ୍ରାଇଭରଙ୍କୁ ନେଇ ଏକ ସଭା ଖଣ୍ଡବା ଠାରେ ଅନୁଷ୍ଠିତ ହୋଇଥଲା. ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥଲା. ଏହି କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ଏବାଲା କ୍ରିଷ୍ଣା ସମ୍ପାଦକ ତିରୁପତି ପାତ୍ର ଇ ପଡଲା ରାମୁ, ହିମଗିରି ଏମାନେ ସହଯୋଗ କରିଥିଲେ ।

କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

କବିସୂର୍ଯ୍ୟନଗର୦୧/୦୯ (ବିବେକାନନ୍ଦ ସାହୁ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଞ୍ଚଳର ସ୍ୱାସ୍ଥ୍ୟସେବାର ଉନ୍ନତି ଓ ରୋଗୀମାନଙ୍କୁ ଉତ୍ତମ ସେବା ପ୍ରଦାନ ଦିଗରେ ଗୁରୁତ୍ୱାରୋପ କରିଥିଲେ।ବିଧାୟକ ଶ୍ରୀ ନାୟକ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷକରି ନୂତନ ଭାବେ ନିର୍ମାଣାଧୀନ ଅତ୍ୟାଧୁନିକ ମେଡିକାଲ କୋଠାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟକୁ ଗୁଣାତ୍ମକ ଭାବେ ଓ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା।ସେହିପରି ମେଡିକାଲର ବାର୍ଷିକ ଆୟ-ବ୍ୟୟ ଓ ବିଭିନ୍ନ ଉନ୍ନୟନମୂଳକ ଆବଶ୍ୟକତା ଉପରେ ବିଧାୟକ ବିସ୍ତୃତ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି, ଉପକରଣ ଓ ରୋଗୀ ସେବାର ଉନ୍ନତି ପାଇଁ ଆବଶ୍ୟକ ଅନୁଦାନ ଯୋଗାଇଦେବା ନିମନ୍ତେ ସେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପ୍ରତିଶ୍ରୁତି ଦେଇଥିଲେ।ଏହି ବୈଠକରେ ମେଡିକାଲ ଇନଚାର୍ଜ ସୌମ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜାନକୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

ସ୍ୱେଚ୍ଛା କୃତ ରକ୍ତଦାନ ଶିବିର



ଲକ୍ଷ୍ମୀପୁର ୦୧/୦୯(ଅକ୍ଷର ଓଡିଶା)ରକ୍ତ ଦାନ ମହା ପୂନ୍ୟ,ଏହାକୁ ନେଇ ଲକ୍ଷ୍ମୀପୁର ବ୍ଲକ୍ ଦୋଳିଆୟା ଗଣେଶ ପୂଜା କମିଟି ଓ କୋରାପୁଟ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ସମାଜ ସେବି ନରେନ୍ଦ୍ର ଗରଡ଼ା ଓ ଦେବ କୁମାର ବାଘ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ସମୁଦାୟ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ବ୍ଲଡ଼ ବ୍ୟାଙ୍କ ରୁ ଆସିଥିବା ଟିମ ସୁଚାରୁ ରୂପେ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଏଥିରେ ସମ୍ପୂର୍ଣ ସହଯୋଗ କରିଥିଲେ।

କଥା ଦେଇ କଥା ରଖିଲେ ଆସିକା ବିଧାୟକ

ବାଘୁଆ ନଦୀ ଉପରେ ୧୫୪ ମିଟର ସେତୁ ପାଇଁ ସରକାରୀ ମଞ୍ଜୁରୀ



ଆସିକା, ୦୧/୦୯:(ଅକ୍ଷର ଓଡିଶା) କଥା ଦେଇ କଥା ରଖିଛନ୍ତି ଆସିକା ବିଧାୟକ। ନିର୍ବାଚନ ପରେ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବେ ପୂରଣ ହେବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୮୫୪୧୬୦୦୫୫୨୦୨୬/ଜଉ, ତାରିଖ ୩୧/୦୮/୨୦୨୬ ଅନୁସାରେ ରାଜ୍ୟରେ ତିନୋଟି ହାଇ ଲେଭେଲ ସେତୁ ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ଏହି ତିନୋଟି ସେତୁ ମଧ୍ୟରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଡିଭିଜନ ଅଧୀନ ଆସିକା ବ୍ଲକର ଘଟକୁରୀ-ବଳିଆପଲ୍ଲୀ ଗ୍ରାମ ମଧ୍ୟରେ ବାଘୁଆ ନଦୀ ଉପରେ ପ୍ରାୟ ୧୫୪ ମିଟର ଲମ୍ବର ହାଇ ଲେଭେଲ ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି ।ଦୀର୍ଘଦିନ ଧରି ଏହି ଅଞ୍ଚଳର ଲୋକମାନେ ବାଘୁଆ ନଦୀ ଉପରେ ସେତୁ ନିର୍ମାଣ ଦାବି କରିଆସୁଥିଲେ । ବିଶେଷକରି ବର୍ଷା ଋତୁରେ ନଦୀରେ ପାଣି ବଢ଼ିଲେ ଯାତାୟାତରେ ଅନେକ ସମସ୍ୟା ଦେଖାଦେଉଥିଲା । ସେତୁ ନିର୍ମାଣ ହେଲେ ଘଟକୁରୀ, ବଳିଆପଲ୍ଲୀ ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ଯାତାୟାତ ସୁବିଧା ହେବା ସହ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ।ନିର୍ବାଚନ ପରେ ବିଧାୟକ ଗ୍ରାମବାସୀଙ୍କୁ ଏହି ସେତୁ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ଏବେ ସରକାରୀ ଅନୁମୋଦନ ମିଳିବା ପରେ ତାହା ବାସ୍ତବ ରୂପ ନେବାକୁ ଯାଉଛି ।

ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି ।ବିଧାୟକଙ୍କ ଉଦ୍ୟମ ଓ ଅଞ୍ଚଳର ବିକାଶ ପାଇଁ ନିରନ୍ତର ପ୍ରୟାସକୁ ପ୍ରଶଂସା କରି ଶତାଧିକ ଗ୍ରାମବାସୀ ବିଧାୟକଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ସମୟରେ ଗ୍ରାମବାସୀମାନେ ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିବାରୁ ବିଧାୟକଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଅଞ୍ଚଳର ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଚିଟିଲାଗଡ଼ ସହର ମଝିରେ ଜଙ୍ଗଲୀ ଶିଶୁ ହାତୀ

ବଲାଙ୍ଗିର୦୧/୦୯ (ଦେବେନ୍ଦ୍ର ପୋଡ଼). ଚିଟିଲାଗଡ଼ ସହର ମଝିରେ ଘୁରି ବୁଲୁଛି ଜଙ୍ଗଲୀ ଶିଶୁ ହାତୀ. ଗତ କିଛିଦିନ ହେବ କଳାହାଣ୍ଡି ଜିଲ୍ଲା ରାମପୁର ଅଞ୍ଚଳରୁ କିଛି ହାତୀ ତେଲ ନଦୀ ଡେଇଁ ବଲାଙ୍ଗୀର ଜିଲ୍ଲା ଚିଟିଲାଗଡ଼ ଅଂଚଳର କାଲକୁଟ ଜଙ୍ଗଲ ରେ ପଶିଛନ୍ତି. ସେମାନଙ୍କ ମଧ୍ୟରୁ ଗୋଟିଏ ଶିଶୁ ହାତୀ ଗୋଠରୁ ବାହାରି ଗତ ରାତିରୁ ଚିଟିଲାଗଡ଼ ସହର ୱାର୍ଡ ନମ୍ବର ୧୦ ର ରେଳ ଲାଇନ କଡ଼ରେ ଏକ ବୁଦା ଗଛ ପାଖରେ ଫସି ରହିଛି. ଖବର ପାଇ ଚିଟିଲାଗଡ଼ ବନ ବିଭାଗ କର୍ମଚାରୀ, ଚିଟିଲାଗଡ଼ ପୋଲିସ ଓ ରେଳବାଇ ପୋଲିସ ଦଳ ଘଟଣା ସ୍ଥଳରେ ପହଂଚି ଶିଶୁ ହାତୀ ଟିକୁ ଜଗିରହିଛନ୍ତି. ଗୋଟିଏ ପଟେ ରେଳ ଲାଇନ ଓ ଅନ୍ୟ ପଟେ ମୁଖ୍ୟ ରାସ୍ତା ଥିବାରୁ ତାକୁ ଜଗି ରହିଛନ୍ତି. ବର୍ତମାନ ହାତୀ ଟି ମଧ୍ୟ ସ୍ଥିର ଭାବରେ ଅଛି. ସନ୍ଧ୍ୟା ହେଲେ ତାକୁ ଜଙ୍ଗଲ ପଟେ ନେବା ପାଇଁ ବନ ବିଭାଗ ର କର୍ମଚାରି ମାନେ ବ୍ୟବସ୍ଥା କରୁଛନ୍ତି ।

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ



କଳାହାଣ୍ଡି ୧/୦୯/(ଅକ୍ଷର ଓଡ଼ିଶା)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସ୍ଥିତ ତୁମୁରା ଧାନ ମଣ୍ଡି ଠାରେ ଗୋଲାମୁଣ୍ଡା ଅଞ୍ଚଳର ସମସ୍ତ ଡ୍ରାଇଭର ଭାଇ ଏକତ୍ରିତ ହୋଇ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ କରିବା ସହ ଏକ ସମ୍ମାନ ଜନକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଥମେ ସମସ୍ତ ଡ୍ରାଇଭର ଭାଇ କେଣ୍ଟେଲ ଦୀପ ସହ ଏକ କେକ୍ କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଡ୍ରାଇଭରମାନଙ୍କ ପରିଶ୍ରମ, ଅବଦାନ ଓ ନିଷ୍ଠାପୂର୍ଣ୍ଣ ସେବାକୁ ସମ୍ମାନ ଜଣାଯାଇଥିଲା । କାର୍ଯ୍ୟକ୍ରମରେ ଡ୍ରାଇଭରମାନଙ୍କ ସୁରକ୍ଷା, ଅଧିକାର, କଲ୍ୟାଣ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଡ୍ରାଇଭର ଭାଇମାନେ ଲୋକଙ୍କ ଦୈନନ୍ଦିନ ଜୀବନ ଓ ଅର୍ଥନୀତିର ଏକ ଅତ୍ୟନ୍ତ ଅବିଚ୍ଛିନ୍ନ ଅଙ୍ଗ । ଦିନ ରାତି ସଡ଼କରେ ରହି ନିଜ ଦାୟିତ୍ୱ ନିଷ୍ଠାର ସହ ପାଳନ କରୁଥିବା ଏହି କର୍ମଯୋଧ୍ୟା ମାନଙ୍କୁ ସମ୍ମାନ ଜଣାଇବା ନିଶ୍ଚୟ ଭାବରେ ଏକ ଗର୍ବର ବିଷୟ । ଏହି କାର୍ଯ୍ୟକ୍ରମରେ ସଭାପତି ଯୋଗେନ୍ଦ୍ର ଧଙ୍ଗଡାମାଝୀ ସଭାପତିତ୍ୱ କରିଥିବାବେଳେ ଉପ ସଭାପତି ଭାବେ ନଟବର ବନ୍ଦିଛୋଡ, ସମ୍ପାଦକ ଉତ୍କଳଧର ନାଏକ, ସହ ସମ୍ପାଦକ ବୃଦ୍ଦାମଣି କେତକୀ, କୋଷାଧକ୍ଷ ଉମାକାନ୍ତ ରଣା, ଓଡ଼ିଏମ୍ ଟଙ୍କଧର ବାଗ, ସଚିନ୍ଦ୍ର ଶବର, ଜଗଦୀଶ ବନ୍ଦିଛୋଡ, ସୁନିଲ ହଂସ, ରସିକ ବାଗ, ନେପାଲ ମାଝୀ, ଅର୍ବୁତ୍ ବଗର୍ତ୍ତୀ, ରୁପ କେତକୀ, ରାଜେଶ୍ୱର କଟା, ଆନନ୍ଦ ନାଏକ, କୁଞ୍ଜ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସାଙ୍ଗ କରାଯାଇଥିଲା ।

ବନ ବିଭାଗର ସଫଳତା, ବଜ୍ରକାପ୍ତା ଜବତ୍ ସହିତ ଜଣେ ଗିରଫ



ବଣାଇଁ:୦୧/୦୯ (ଅକ୍ଷର ଓଡିଶା) ଗତ ୩୦ ତାରିଖ ଦିନ ବିଶେଷ ସୁତ୍ରରୁ ଏକ ବଜ୍ରକପ୍ତା ଏକ ମାରୁତି ସୁଜୁକି ଏରଟିଗା ଗାଡି(ଓଡି ୧୪ ଏମ୍‌୯୭୧୬) ରେ ଚୋରା ଚାଲାଣ ବିଷୟରେ ଖବର ପାଇ ଦୁଇ ଗୋଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ରେସୁମିତ କୁମାର ମହାନ୍ତି, ସହକାରୀ ବନ ସଂରକ୍ଷକ,ବଣାଇଁ ବନଖଣ୍ଡ ଏବଂ ଦୁର୍ଯୋଧନ ଜେରାଇ, ସହକାରୀ ବନ ସଂରକ୍ଷକ, ବଣାଇଁ ବନଖଣ୍ଡ ଙ୍କ ତତ୍ତ୍ୱାବଧାନରେ ଉକ୍ତଚୋରା ଚାଲାଣ ବିଷୟରେ ତଦନ୍ତ ଆରମ୍ଭ କରାଯାଇ ବିଭିନ୍ନ ସ୍ଥାନରେ ସରଜମିନ୍ କରାଯାଇଥିଲା । ଏ ବିଷୟରେ ଆଜି ବଣାଇଁ ଉପଖଣ୍ଡ ଡିଏଫଓଙ୍କ ସାମ୍ବାଦିକ ସମ୍ମିଳନୀରେ ସୂଚନା ଅନୁଯାୟୀ ସହକାରୀ ବନସଂରକ୍ଷକଙ୍କ ଟିମ୍ ବିଭିନ୍ନ ସ୍ଥାନରେ ସରଜମିନ୍ କରିବା ସମୟରେ ଉକ୍ତ ମାରୁତି ସୁଜୁକି ଏରଟିଗାଗାଡିକୁ କେନାଭେଟା ଏନଏଚ୍ ନିକଟରେ ଅଟକାଇ ମୁଖ୍ୟ ଆସାମୀ ଶ୍ରୀ ରଇବୁ ମୁଣ୍ଡା, ବୟସ-୪୧ ବର୍ଷ, ପିତା- ପ୍ରଧାନ ମୁଣ୍ଡା, ଗ୍ରାମ- ମହୁଲତା, ଥାନା- ଲହୁଣୀପଡା, ଜିଲ୍ଲା-ସୁନ୍ଦରଗଡ ପୁଚ୍ଛତାଇ କରିବାରୁ ସେ ସତ ମାନି ବଜ୍ରକପ୍ତା ଚୋରାଚାଲାଣ ବିଷୟରେ ଅବଗତ କରାଇଥିଲା ଏବଂ ବଣାଇଁ ବନଖଣ୍ଡ କର୍ମଚାରୀ ମାନେ ପିଛା କରିବାର ଖବର ପାଇ ବଜ୍ରକପ୍ତା ଟି ମହୁଲତା ଗ୍ରାମର ଏକ ଚାଷ ଜମିରେ ଲୁଚାଇ ଦେଇଥିଲା । ଯାହା ଉକ୍ତ ଟିମ୍‌ଆସାମୀ ସହିତ ସେହି ଜମିକୁ ଯାଇ ବଜ୍ରକପ୍ତା କୁ ଜବତ୍ କରିଥିଲେ । ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ୧୯୭୨ ର ଧାରା ୯ ଅନୁଯାୟୀ ବଜ୍ରକପ୍ତା, ଏକ ପ୍ଲାଷ୍ଟିକ ବାଲ୍ଟି, ମାରୁତି ସୁଜୁକି ଏରଟିଗା କୁ ଜବତ୍ କରାଗଲା, ଯେହେତୁ ଉକ୍ତ ଆସାମୀ ବଜ୍ରକପ୍ତା ଚୋରା ଚାଲାଣ ରେ ପ୍ରତ୍ୟକ୍ଷ ଭାବେ ଜଡିତ ରହି ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ୧୯୭୨ ର ଧାରା ୯, ୩୯, ୪୮ (କ), ୪୯ ର ଉଲଙ୍ଘନ କରିଛି ତେଣୁ ଆଇନ୍ ଅନୁଯାୟୀ ଶ୍ରୀ ରଇବୁ ମୁଣ୍ଡା କୁ ଗିରଫ କରାଯାଇ ଅଦାଲତ ଏସଡିଜେଏମ ବଣାଇଁ କୁ ହସ୍ତାନ୍ତର କରାଯାଇ ବିହିତ କାର୍ଯାନୁଷ୍ଠାନ ପାଇଁ ପ୍ରେରଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ବଣାଇଁ ଡିଏଫଓ ସୂଚନା ଦେଇଥିଲେ ।। ଏହି ଚୋରା ଚାଲାଣ ରେ ଅଧିକ ଜଣ ତସ୍କର ସନ୍ଦେହ ଥିବାରୁ ବନ ବିଭାଗ ଆହୁରି ଅଧିକ ତତ୍ପର ସହିତ ତଦନ୍ତ ଚଳାଉଛି ।

ଆଗାମୀ ସମୟ ପୂଜା ପାର୍ବଣର, ମୂର୍ତ୍ତି ନିର୍ମାଣରେନିମଗ୍ନ କାରିଗର

ବୁଗୁଡ଼ା : ୦୧/୦୯/(ଅକ୍ଷର ଓଡିଶା) :: ପାର୍ବଣର ଋତୁ ପାଖେଇଆସିଲାଣି । ଉତ୍ସବ ମୁଖର ହୋଇ ଉଠିବ ବୁଗୁଡ଼ା ଅଞ୍ଚଳ । ପାର୍ବଣ ପ୍ରସ୍ତୁତିର ପ୍ରଥମ ପର୍ବ ମୂର୍ତ୍ତି ଗଢାରୁ ଆରମ୍ଭ ହୋଇଥାଏ । ସେଥିପାଇଁ ବୁଗୁଡ଼ା ଅଞ୍ଚଳର ମୂର୍ତ୍ତି କାରିଗରମାନେ ମୂର୍ତ୍ତି ଗଢାରେ ମାତି ଗଲେଣି । ଆଉ କିଛି ଦିନର ବ୍ୟବଧାନ ପରେ ଗଣେଶପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେମୂର୍ତ୍ତିରେ ନଡା ବିଡା ଠାରୁ ଆରମ୍ଭ କରି ମାଟି ପ୍ରଲେପକାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି । ମୂର୍ତ୍ତିନିର୍ମାଣରେ ପରିଶ୍ରମ ତୁଳନାରେ ଲା

ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷିତ



ନୂଆଦିଲ୍ଲୀ, ୦୧/୦୯ : ଆଫଗାନିସ୍ତାନ ବିପକ୍ଷ ଟି୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ମଙ୍ଗଳବାର ସନ୍ଧ୍ୟାରେ ଘୋଷିତ ହୋଇଛି । ଆସନ୍ତା ୧୩ ତାରିଖ ଠାରୁ ଉଭୟ ଦଳ ମଧ୍ୟରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଆରମ୍ଭ ହେବ । ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୧୫ ସଦସ୍ୟଯୁକ୍ତ ଦଳ ଘୋଷଣା ହୋଇଛି । ଏଥିରେ ଯଶପ୍ରୀତ ବୁମରା ମଧ୍ୟ ସାମିଲ ଅଛନ୍ତି । ବୁମରା ଇଂଲଣ୍ଡ ଗସ୍ତ ପରେ କୌଣସି ମ୍ୟାଚ୍ ଖେଳି ନାହାନ୍ତି । ମାତ୍ର ଫିଟ୍‌ନେସ୍ ଟେଷ୍ଟ କରିବା ପରେ ସେ ଏବେ ଖେଳିପାରିବେ । ଜିମ୍ବାୱେ ଗସ୍ତରେ ଟି୨୦ ଦଳରୁ ବାହାରେ ଥିବା ସଂଜୁ ସାମସନ ଫେରିଛନ୍ତି । ସଂଜୁ ଟି୨୦ ବିଶ୍ୱକପ୍‌ରେ ଭାରତର ବିଜୟର ହିରୋ ଥିଲେ । ଆୟରଲାଣ୍ଡ ଏବଂ ଇଂଲଣ୍ଡରେ ଟି୨୦ ଶୃଙ୍ଖଳାର ପ୍ରାରମ୍ଭିକ ମ୍ୟାଚ୍‌ରେ ବିଫଳ ହେଲା ପରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା । ତାଙ୍କରି ସ୍ଥାନରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ବିପକ୍ଷରେ ସ୍ଥାନ ମିଳିଥିଲା । କିନ୍ତୁ ବୈଭବ ମଧ୍ୟ ସଫଳତା ହାସଲ କରିପାରି ନଥିଲେ । ଜିମ୍ବାୱେ ବିପକ୍ଷରେ ବୈଭବ ଭଲ ପ୍ରଦର୍ଶନ କରିଥିଲେ । ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ବୈଭବଙ୍କୁ ମଧ୍ୟ ଚୟନ କରାଯାଇଛି । କିନ୍ତୁ ଯୁବ ବ୍ୟାଟର ରିଙ୍କୁ ସିଂହ ବାଦ୍ ପଡ଼ିଛନ୍ତି ।

ଫୁଟ୍‌ବଲର୍ ଭାବେ ବିଶ୍ୱବିଖ୍ୟାତ ଲିଓନେଲ ମେସିଙ୍କ ଆନୁଷ୍ଠାନିକ ଅବସର ଘୋଷଣା



ବୁଏନସ୍ ଏରିସ୍, ୦୧/୦୯ : କୋଟି ହୃଦୟର ଫୁଟ୍‌ବଲର୍ ଭାବେ ବିଶ୍ୱବିଖ୍ୟାତ ହୋଇଥିବା ଲିଓନେଲ ମେସିଙ୍କ ଆନୁଷ୍ଠାନିକ ଅବସର ଘୋଷଣା ଏବେ ପ୍ରଶଂସକଙ୍କୁ ବ୍ୟଥିତ କରିଥାଇ ପାରେ, କିନ୍ତୁ ୩୯ ବର୍ଷୀୟ ଏହି ମହାନ ଖେଳାଳି ଅନେକ କିଛି ଛାଡ଼ିଯାଇଛନ୍ତି ସେମାନଙ୍କୁ ଉଲ୍ଲସିତ ହେବାକୁ ବର୍ଷ ବର୍ଷ, ଦଶନ୍ଧୀ ଦଶନ୍ଧୀ ଧରି । ଫୁଟ୍‌ବଲ୍ ପଡ଼ିଆରେ ଏତେ ମହା ପରମ୍ପରାକୁ ସେ ପଛରେ ଛାଡ଼ିଯାଇଛନ୍ତି ଯାହାକି ସେମାନଙ୍କୁ ମେସିଙ୍କୁ ଭୁଲିଯିବାକୁ ମୁହୂର୍ତ୍ତଟିଏ ବି ସୁଯୋଗ ଦେବ ନାହିଁ । ବିଶ୍ୱକପ୍‌କୁ କ୍ରମାଗତ ଜିତି ନପାରିବାର ଦୁଃଖ ଭିତରେ ଅବସର ଲେଖା ଲେଖିଥିବା ମେସି ଏହାର ୪୦ ଦିନ ପରେ ଘୋଷଣା କରିଥିଲେ । ପିତାଙ୍କ ଅସୁସ୍ଥତା ଭିତରେ ମେସି ତାଙ୍କ ପ୍ରେରଣାର ପ୍ରଥମ ପୁରୁଷଙ୍କୁ ବି ହରାଇ ଦେଇଥିଲେ । ମେସିଙ୍କ ଆନୁଷ୍ଠାନିକ ଅବସର ଘୋଷଣା କେବଳ ସୋସିଆଲ୍ ମିଡିଆରେ ସୀମିତ ରହିଥିଲା । ଏଥି ପାଇଁ କୌଣସି ଉତ୍ସବ କି ମ୍ୟାଚ୍ ହୋଇନଥିଲା । ପଡ଼ିଆ ଭିତରେ କି ବାହାରେ କୋଳାହଳ ନଥିଲା । ତାଙ୍କ ଅଭିଭାଷଣ ପଡ଼ିଆରୁ ବି ପ୍ରଶଂସକ ଶୁଣିନଥିଲେ । କିନ୍ତୁ ଏହି ଆର୍ଜେଣ୍ଟିନୀୟ ମହାନ ବିଶ୍ୱକପ୍ ତୋଳି ଧରିବାର ଶ୍ରେଷ୍ଠ ମୁହୂର୍ତ୍ତକୁ ଜାବୁଡ଼ି ଧରି ବିଦାୟ ନେଇଥିବାରୁ ତାଙ୍କ ପ୍ରଶଂସକ ଆଶ୍ୱସ୍ତ ଅଛନ୍ତି । ଯେଭଳି ଘଟିଥିଲା ସଚିନ ତେନ୍ଦୁଲକରଙ୍କ କ୍ରିକେଟ୍ ଜୀବନରେ । ଥରେ ବିଶ୍ୱକପ୍ ସହିତ ମେସି ମଧ୍ୟ ଦୁଇ ଥର କୋପା ଆମେରିକା (୨୦୨୧ ଓ ୨୦୨୪) କପ୍ ଜିତିଥିଲେ । ୨୦୧୬ ମସିହାରେ ସାମୟିକ ଅବସର ନେଇଥିଲେ ମଧ୍ୟ ଏହା ପରବର୍ତ୍ତୀ ଗୋଟିଏ ଦଶନ୍ଧିରେ ସେ ନିଜ ଅନେକ ଅଧୁରା ସପ୍ନକୁ ସାକାର କରିଥିଲେ । ଯେଉଁ ଦେଶରେ ଡିଏଗୋ ମାରାଡୋନାଙ୍କ ଲୋକପ୍ରିୟତା ଶୀର୍ଷରେ ଥିଲା ସେହିଠାରେ ତାଙ୍କ ଛାୟାରେ ବଢ଼ି ତାଙ୍କୁ ଅତିକ୍ରମ କରିବା ଭଳି ସଫଳତା ଅର୍ଜନ କରିବା ଏତେ ସହଜ ନଥିଲା । ସେଭଳି ମହା ପରମ୍ପରାକୁ ଛାଡ଼ିଥିବା ମେସି ରେକର୍ଡ ୮ ଥର ବାଲନ୍ ଡି'ଓର ପୁରସ୍କାର ପାଇବା ତାଙ୍କୁ ଯୁଗ ଯୁଗ ଧରି ମନେ ପକାଉଥିବ । ମେସିଙ୍କ ଆଗମନ ମଧ୍ୟ କେବଳ ବାର୍ସିଲୋନା କି ଆର୍ଜେଣ୍ଟିନା ଫୁଟ୍‌ବଲ୍‌କୁ ଶୀର୍ଷକୁ ନେଇନଥିଲା, ଆଧୁନିକ ଫୁଟ୍‌ବଲ୍‌ର ବିକାଶରେ ବଡ଼ ଯୋଗଦାନ ବି ରଖିଥିଲା । ସେ ଏମିତି କିଛି ଛାଡ଼ି ଯାଇନାହାନ୍ତି ଯାହା ପ୍ରମାଣ କରିବାକୁ ବାକି ରହିଛି । ଫୁଟ୍‌ବଲ୍ ଯେତେଦିନ ଯାଏଁ ଖେଳାଯାଉଥିବ ମେସି ସେତେଦିନ ପର୍ଯ୍ୟନ୍ତ ପ୍ରଶଂସକଙ୍କ ହୃଦୟରେ ରହିଥିବେ ।

ସେମିଫାଇନାଲରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ



ନୂଆଦିଲ୍ଲୀ, ୦୧/୦୯ : ଭାରତୀୟ କ୍ରିକେଟ୍‌ରେ ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଅଧିକ ଚର୍ଚ୍ଚାରେ ଅଛନ୍ତି । ଇଣ୍ଡିଆନ ପ୍ରମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମେ, ତା'ପରେ ଇଣ୍ଡିଆ ଏ ଏବଂ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୈଭବ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ରେଡ୍ ବଲ୍ ଫର୍ମାଟ୍‌ର ସବୁଠାରୁ ବଡ଼ ଘରୋଇ ଟୁର୍ଣ୍ଣାମେଣ୍ଟ ଦଳୀପ ଟ୍ରଫିରେ ସେ ବିସ୍ଫୋରକ ବ୍ୟାଟିଂ କରି ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି । ଇଷ୍ଟ ଜୋନ୍ ପାଇଁ ଖେଳୁଥିବା ବୈଭବ ସୂର୍ଯ୍ୟବଂଶୀ ସେଣ୍ଟ୍ରାଲ ଜୋନ୍ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍‌ରେ ୧୩୨ ରନ୍ ସଂଗ୍ରହ କରିଛନ୍ତି । ଏହି ସମୟରେ ତାଙ୍କର ବ୍ୟାଟ୍‌ରୁ ୧୦ଟି ଚୌକା ଏବଂ ୯ଟି ଛକା ଆସିଛି । ସେ କେବଳ ଶତକ ହାସଲ କରିନାହାନ୍ତି । ବରଂ ୧୩୨ ରନ୍ ସଂଗ୍ରହ କରିଛନ୍ତି । ପ୍ରଥମ ପାଳିରେ ସେ ୯୨ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ସେ ୭ଟି ଚୌକା ଏବଂ ୭ଟି ଛକା ମାରିଥିଲେ । ଦ୍ୱିତୀୟ ପାଳିରେ ୩୮ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ବୈଭବ ସୂର୍ଯ୍ୟବଂଶୀ ଦଳୀପ ଟ୍ରଫି ଇତିହାସରେ କମ ବୟସରେ ଅର୍ଦ୍ଧଶତକ ହାସଲ କରିଥିବା ଖେଳାଳି ହୋଇପାରିଛନ୍ତି । ବୈଭବ ଇଷ୍ଟ ଜୋନ୍‌ର ପାଳିର ପ୍ରଥମ ୧୫ ଓଭରରେ ନିଜର ଅର୍ଦ୍ଧଶତକ ପୂରା କରିଥିଲେ । ସେ ସାରାଂଶ ଜୈନଙ୍କ ବଲ୍‌ରେ ଛକା ମାରି ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୧୫ ବର୍ଷ ୧୫୭ ଦିନର ବୟସରେ ଦଳୀପ ଟ୍ରଫିରେ ଅର୍ଦ୍ଧଶତକ ହାସଲ କରିଥିଲେ । ଏହା ପରେ ସେ ଶତକ ପୂରା କରିପାରି ନଥିଲେ । ଅର୍ଥାତ ୯୨ ରନ୍ କରି ଆଉଟ୍ ହୋଇଥିଲେ । ସବୁଠୁ କମ୍ ବୟସରେ ଦଳୀପ ଟ୍ରଫିରେ ଅର୍ଦ୍ଧଶତକ, ୧୫ ବର୍ଷ ୧୫୭ ଦିନ: ବୈଭବ ସୂର୍ଯ୍ୟବଂଶୀ, ୧୬ ବର୍ଷ ୨୩ ଦିନ ଲକ୍ଷ୍ମଣ ସିଂହ, ୧୬ ବର୍ଷ ୩୦୭ ଦିନ: ପୀୟୂଷ ଚାୱଲା ।

ଏହି ସେମିଫାଇନାଲ ମ୍ୟାଚ୍‌ର ପ୍ରଥମ ଦିନ ବୈଭବ ସୂର୍ଯ୍ୟବଂଶୀ ଅଧିନାୟକ ଥିଲେ । ବୈଭବ ସୂର୍ଯ୍ୟବଂଶୀ ଯେତେବେଳେ ଅଧିନାୟକ ଥିଲେ, ତାଙ୍କର ଏକ ଡିଆରଏସ୍ ନିଷ୍ପତ୍ତି ଚର୍ଚ୍ଚାରେ ଥିଲା । ସେ ନିଜର ନିଷ୍ପତ୍ତି ସଠିକ୍ ଥିଲେ, ଯେଉଁଥି ପାଇଁ ଅମ୍ପାୟରଙ୍କୁ ନିଜର ନିଷ୍ପତ୍ତି ବଦଳାଇବାକୁ ପଡ଼ିଥିଲା ।

ସିଡ଼ି ସ୍ଲାବ୍ ଭୁଶୁଡ଼ି ଶ୍ରମିକଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି



ନୂଆପଡା ୦୧/୦୯(ଅକ୍ଷର ଓଡିଶା) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚନାବେଡ଼ା ଗ୍ରାମ ରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲ ସିଡ଼ି ସ୍ଲାବ୍ ଭୁଶୁଡ଼ି ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ: ଉତ୍ତେଜନା, କ୍ଷତିପୂରଣ ଦାବି କରିଥିଲେ । ନିର୍ମାଣାଧୀନ କୋଠାର କଂକ୍ରିଟ୍ ସିଡ଼ି ସ୍ଲାବ୍ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ଆଦିବାସୀ ଗରିବ ଦିନ ମଜୁରିଆ ଶ୍ରମିକଙ୍କର ଚାପି ହୋଇ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ଖଡ଼ିଆଳ ଏନ୍‌ଏସି ଅନ୍ତର୍ଗତ ୧୧ ନମ୍ବର ୱାର୍ଡର ବାସିନ୍ଦା ରଷିକେ ଶବର (୪୫) ବୋଲି ଚିହ୍ନଟ ହୋଇଛି ।ପ୍ରାପ୍ତ ସୂଚନା ଅନୁଯାୟୀ, ରଷିକେ ଶବର ଆଜି ଚନାବେଡ଼ା ଗ୍ରାମର ଜଣେ ବେହେରା ବ୍ୟକ୍ତିଙ୍କ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କୋଠା ଘରେ ଦୈନିକ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ । କାମ ଚାଲୁଥିବା ସମୟରେ ସେ ସିଡ଼ି ତଳେ ଲାଗିଥିବା ସେଣ୍ଟ୍ରିଂ ପ୍ଲେଟ୍ ଏବଂ ଭାରା ଖୋଲୁଥିଲେ । ଏହି ସମୟରେ କୌଣସି କାରଣରୁ ଅପ୍ରତ୍ୟାଶିତ ଭାବେ ସମ୍ପୂର୍ଣ୍ଣ କଂକ୍ରିଟ୍ ସିଡ଼ି ସ୍ଲାବ୍‌ଟି ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା । ଫଳରେ ବିରାଟ ସ୍ଲାବ୍ ତଳେ ସେ ଗୁରୁତର ଭାବେ ଚାପି ହୋଇ ରହିଯାଇଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରିଥିଲେ ।ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଅଛି ।ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟ ଶ୍ରମିକ କଲ୍ୟାଣ ପାଣ୍ଠି ଏବଂ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ଉପଯୁକ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦୃଢ଼ ଦାବି କରିଛନ୍ତି ।ଘଟଣାର ଖବର ପାଇ ଖଡ଼ିଆଳ ଏସଡିପିଓ ଉପେନ୍ଦ୍ର କୁମାର ପ୍ରଧାନ ଏବଂ ଥାନା ଅଧିକାରୀ ସୁମନ୍ତ କୁମାର ନାଏକ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ନେଇ ଖଡ଼ିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

୬ ଓଡ଼ିଆଙ୍କୁ ଅଲ୍ଟ୍ରାମ୍ୟାନ୍ ପଦକ



ଭୁବନେଶ୍ୱର, ୦୧/୦୯ : ଇତିମଧ୍ୟରେ ଓଡ଼ିଶାର ୬ ଜଣ ଦୁଃସାହସୀ ବ୍ୟକ୍ତି ଅଲ୍ଟ୍ରାମ୍ୟାନ୍ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ହେଲ୍ ରେସ୍ ପକ୍ଷରୁ ଆୟୋଜିତ ଗୋଆ ଅଲ୍ଟ୍ରା ଅଭିଯାନରେ ସାମିଲ ହୋଇ ଓଡ଼ିଶାର ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ହରିପଦ ମାଝୀ, ଡକ୍ଟର ସଦେଶ କୁମାର ଦାଶ, ପର୍ଶୁରାମ ପଣ୍ଡା, ରୂପକୁମାର ମାରାଣ୍ଡି ଏବଂ ଅଭିଜିତ୍ ମିଶ୍ର ଏହି ଗୌରବ ଆଣିଛନ୍ତି । ଗୋଆର ପାଲୋଲେମ୍‌ଠାରୁ ନେତ୍ରାବଳୀ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ ଦେଇ ୯୦୦ ମିଟର୍ ଉଚ୍ଚରେ ଥିବା ସାଙ୍ଗୁଏମ୍ ପର୍ଯ୍ୟନ୍ତ ୬୨ କିଲୋମିଟର୍ ବିଶିଷ୍ଟ ଅଲଟ୍ରାଦୌଡ଼କୁ ସଫଳତାର ସହ ଶେଷ କରିଥିଲେ । ସମସ୍ତ ୬ ଜଣଙ୍କୁ ଅଲ୍ଟ୍ରାମ୍ୟାନ୍ ପଦକ ମଧ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ୨୦୨୫ ମସିହାରେ ଏହି ୬ ଜଣିଆ ଦଳ ବିଶ୍ୱର ସର୍ବୋଚ୍ଚ 'ଲଦାଖ ମାରାଥନ୍'ରେ ୪୨.୨ କିଲୋମିଟର୍ ଅତିକ୍ରମ କରି ମଧ୍ୟ ପଦକ ହାସଲ କରିଥିଲେ ।

ମା'ଙ୍କ ପୂଜା ପାଇଁ ପ୍ରସ୍ତୁତ ରାଇଘର, ବସିଲା ପ୍ରସ୍ତୁତି ବୈଠକ



ରାଇଘର, ୦୧/୦୯ /(ଭୁବନେଶ୍ୱର ସୁନାନୀ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ପଲ୍ଲୀ ସଂସଦ କ୍ଲବ୍ ପକ୍ଷରୁ ଚଳିତବର୍ଷ ୫୩ତମ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି ।ଭାସ୍କର ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ ପୂଜା କମିଟି ଗଠନ କରାଯାଇଛି । କମିଟିର ସଭାପତି ଭାବେ ସୁଶାନ୍ତ ସାମନ୍ତରାୟ, ଉପସଭାପତି ଭାବେ କିରଣ ପଟ୍ଟନାୟକ ଓ ମନୋଜ ରାଜପୁତ, ସମ୍ପାଦକ ଭାବେ ଭବାନୀ ନାୟକ, ସହସମ୍ପାଦକ ଭାବେ ମାମୁନି ଚକ୍ରବର୍ତ୍ତୀ ଓ ରାମ ଦୁଆଲ ସ୍ନିହା ଏବଂ କୋଷାଧ୍ୟକ୍ଷ ଭାବେ କସ୍ତୁରୀ ରଞ୍ଜନ ଦାସ ମନୋନୀତ ହୋଇଛନ୍ତି ।ସେହିପରି ଉପଦେଷ୍ଟା ମଣ୍ଡଳୀରେ କମଳ ସିଂ ରାଜପୁତ, ଭାସ୍କର ଦଣ୍ଡସେନା, ଇନ୍ଦଲ ନାୟକ, ଶ୍ରୀରାମ ସୁନାନୀ, ମାଲି ସିଂ ପାତ୍ର, ଦିବାକର ନାୟକ, ଲମ୍ବଧର ମାଝୀ ଓ ଲକ୍ଷ୍ମୀକାନ୍ତ ଝାଓ୍ୱର ପ୍ରମୁଖଙ୍କୁ ଉପସ୍ଥିତ ଥିଲେ । ଚଳିତବର୍ଷ ଦୁର୍ଗାପୂଜାକୁ ପୂର୍ବବର୍ଷଗୁଡ଼ିକ ତୁଳନାରେ ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର କରିବା ପାଇଁ ସତନ୍ତ୍ର କମିଟି ଗଠନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଚିଠା ପ୍ରସ୍ତୁତ ହୋଇଯାଇଛି । ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା କାର୍ଯ୍ୟକ୍ରମ ସହ ବିସର୍ଜନ ଉତ୍ସବକୁ ମଧ୍ୟ ସତନ୍ତ୍ର ଭାବେ ଆୟୋଜନ କରିବା ପାଇଁ ବରିଷ୍ଠ ସଦସ୍ୟମାନଙ୍କ ମତାମତ ନିଆଯାଇ ବ୍ୟୟବରାଦ ପ୍ରସ୍ତୁତ ହୋଇଯାଇଛି । ପ୍ରତିବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଆକର୍ଷଣୀୟ ଆଲୋକସଜ୍ଜା, ସାଜସଜ୍ଜା ଓ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରିବାକୁ କମିଟି ପକ୍ଷରୁ ଯୋଜନା କରାଯାଇଛି । ଏଥିସହ ପୂଜାର ସମସ୍ତ କାର୍ଯ୍ୟକ୍ରମ ଯେପରି ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ମଧ୍ୟରେ ସମ୍ପନ୍ନ ହେବ, ସେଥିପାଇଁ କମିଟି ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।ଦୀର୍ଘ ୫୩ ବର୍ଷର ପରମ୍ପରା ବଜାୟ ରଖି ପଲ୍ଲୀ ସଂସଦ କ୍ଲବ୍‌ର ଦୁର୍ଗାପୂଜାକୁ ଚଳିତବର୍ଷ ଅଧିକ ଆକର୍ଷଣୀୟ କରିବାକୁ କମିଟି ଦୃଢ଼ ସଂକଳ୍ପ ନେଇଛି ।

ଆଦାନୀ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାକୁ ବିରୋଧ

ବାଲଡାରେ ଉତ୍ତେଜନା, ଗାଡ଼ିକୁ ଘେରିଲେ ଶତାଧିକ ଗ୍ରାମବାସୀ



ନନ୍ଦପୁର ୦୧/୦୯ (ଶ୍ରୀରାମ ଖରା) କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ବାଲଡା ପଞ୍ଚାୟତ ସଦର ମହକୁମାରେ ମଙ୍ଗଳବାର ଆଦାନୀ ଗ୍ରୁପ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ପାଇଁ ଆସିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡ଼ିକୁ ଶତାଧିକ ଗ୍ରାମବାସୀ ଘେରାଉ କରି ବିରୋଧ ପ୍ରଦର୍ଶନ କରିଥିଲେ ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିବାଦୀୟ ବାଲଡା ବକ୍ସାଇଟ ପାହାଡ଼ର ପାରିପାର୍ଶ୍ୱିକ ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ନାମରେ ଲୋକଦେଖାଣିଆ କାର୍ଯ୍ୟକ୍ରମ କରାଯାଉଛି । ନିର୍ଦ୍ଦିଷ୍ଟ କିଛି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବିତରଣ ଓ ଏହାର ଫଟୋ ଉତ୍ତୋଳନ କରି କର୍ପୋରେଟ୍ ସୋସିଆଲ୍ ରେସ୍ପନ୍‌ସିବିଲିଟି (ସିଏସ୍‌ଆର) ଦେଖାଇବାକୁ ଉଦ୍ୟମ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏହାକୁ ନେଇ ମଙ୍ଗଳବାର ବାଲଡା ଗ୍ରାମରେ ହଠାତ୍ ପରିସ୍ଥିତି ଉତ୍ତପ୍ତ ହୋଇଥିଲା । ଶତାଧିକ ଲୋକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡ଼ି ସମ୍ମୁଖରେ ଏକତ୍ରିତ ହୋଇ ବିରୋଧ କରିବା ସହ ହୋହଲ୍ଲା କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡ଼ିକୁ ସୁରକ୍ଷିତ ଭାବେ ସେଠାରୁ ବାହାର କରିଥିଲା । ଏହାପରେ ପରିସ୍ଥିତି ସାଭାବିକ ହୋଇଥିଲା । ସୂଚନାଯୋଗ୍ୟ, ବାଲଡା ବକ୍ସାଇଟ ଖଣିର ଖଣିଜ ସମ୍ବ୍ୟ ଆଦାନୀ ଗ୍ରୁପ୍‌କୁ ମିଳିଥିବା ବେଳେ ଏହାକୁ ନେଇ ପାହାଡ଼ ପାରିପାର୍ଶ୍ୱିକ ୫ଟି ପଞ୍ଚାୟତର ଗ୍ରାମବାସୀଙ୍କ ମଧ୍ୟରେ ବିରୋଧ ଜାରି ରହିଛି । ଏଭଳି ପରିସ୍ଥିତିରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାକୁ ନେଇ ମଧ୍ୟ ଗ୍ରାମବାସୀଙ୍କ ଅସନ୍ତୋଷ ପ୍ରକାଶ ପାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

ଗମ୍ଭୀରଙ୍କୁ ହଟାଇବାର ବେଳ ଆସିଲାଣି !



ନୂଆଦିଲ୍ଲୀ, ୦୧/୦୯ : ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳ ଭଲ ସ୍ଥିତିରେ ରହିବା ଏବଂ ଫଲୋଅନ୍ ଲଦିବା ସତ୍ତ୍ୱେ ଜିତି ନପାରିବା ପରେ ଏବେ ନାନା ପ୍ରଶ୍ନ ଉଠିଛି । ଟେଷ୍ଟ୍ କ୍ରିକେଟ୍‌ରେ ଭାରତୀୟ ଦଳର ଆଭିମୁଖ୍ୟ ପୁନଃସ୍ଥାପିତ କରିବାର ଆଶ୍ୟକତା ପଡ଼ିଛି । କାରଣ ଏହି ଫର୍ମାଟରେ ଭାରତ ଆଉ ପୂର୍ବଭଳି ପ୍ରଭାବୀ ରହିପାରୁନାହିଁ, ବରଂ ଦୁର୍ବଳ ହୋଇଚାଲିଛି । ଶ୍ରୀଲଙ୍କା ବିପକ୍ଷ କଲମ୍ବୋ ଟେଷ୍ଟରେ ଭାରତ ନିକଟରେ ସେଭଳି ଅପ୍ରତିଦ୍ୱନ୍ଦ୍ୱୀ କି ଭୟଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇପାରୁନାହିଁ । ଅବଶ୍ୟ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମିଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ଭାରତର ପ୍ରଦର୍ଶନକୁ ପ୍ରଭାବିତ କରିଛି । କିନ୍ତୁ ଏଥି ପାଇଁ ବି ଭାରତୀୟ ଦଳର କାର୍ଯ୍ୟଭାର ପରିଚାଳନା ବ୍ୟବସ୍ଥା ଓ ଚୟନ ନୀତିକୁ ଦୋଷ ଦେଇ